ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, March 19/2024 | Page 16 | ₹ 7.00 | DHENKANAL
୫୦ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 116 | ମୂଲ୍ୟ ₹୭/-



## କେଜିଏଫ୍ ଷ୍ଟାରଙ୍କ ନାୟିକା ସାଜିବେ କରୀନା

ବହୁପ୍ରତୀକ୍ଷିତ 'ଟକ୍ସିକ୍' ଫିଲ୍ମରେ କେଜିଏଫ୍ ଷ୍ଟାର ଯଶ୍‌ଙ୍କ ବିପକ୍ଷରେ କରୀନା କପୁର ଅଭିନୟ କରିବେ ବୋଲି ବଲିଉଡ୍‌ରେ ଚର୍ଚ୍ଚା ଜୋର ଧରିଛି।

୦୯

୦୮

## ଅଲ୍‌କାରାଜଙ୍କୁ ଟାଇଟଲ

କାର୍ଲୋସ ଅଲ୍‌କାରାଜ ବିଏନ୍‌ପି ପାରିବାସ ଓପନ୍ ଟେନିସ ଟାଇଟଲ ବଜାୟ ରଖିଛନ୍ତି।



## ମହମ୍ମଦ ମୋକିମଙ୍କୁ ଆଶ୍ୱସ୍ତି

### ନିର୍ବାଚନୀ ସତ୍ୟପାଠ ମାମଲାରେ ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

କଟକ,୧୮।୩ (କାର୍ତ୍ତିକ ସାହୁ)

କଂଗ୍ରେସ ନେତା ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ସୋମବାର ଆଶ୍ୱସ୍ତି ମିଳିଛି। ନିର୍ବାଚନୀ ସତ୍ୟପାଠରେ ତଥ୍ୟ ଲୁଚାଇବା ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ, ମୋକିମ ୨୦୧୯ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ତାଙ୍କର ସମ୍ପତ୍ତି ତାଲିକା ଓ ଆପରାଧିକ ତଥ୍ୟ ଠିକ ଭାବେ ଦେଇ ନ ଥିବା ଦର୍ଶାଇ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଉକ୍ତ ମାମଲାର ବିଚାର କରି ୬୬୨ ପୃଷ୍ଠା ସମ୍ବଳିତ ରାୟ ଶୁଣାଇଥିଲେ। ☞ପୃଷ୍ଠା-୧୨



୨୦୧୪ ମାର୍ଚ୍ଚରେ ୟୁକ୍ରେନ୍‌ର କ୍ରିମିଆକୁ ରୁଷିଆ ଦଖଲ କରିଥିଲା। ଏହାର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ମସ୍କୋର ରେଡ୍ ସ୍କୋୟାରରେ ଆୟୋଜିତ ଏକ ରାଲିରେ ଲୋକେ ଏକତ୍ରିତ ହୋଇଛନ୍ତି। ପଞ୍ଚମ ଥର ପାଇଁ ଭ୍ଲାଡିମିର ପୁଟିନ୍ ରୁଷିଆ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସେମାନଙ୍କୁ ସମ୍ବୋଧିତ କରିଛନ୍ତି। **(ଫଟୋ ସୌଜନ୍ୟ: ଗାର୍ଡିଆନ୍)**

## ୨୧ ସୁଦ୍ଧା ବଣ୍ଡର ସବୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୩(ପି.ଟି.)

ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ପ୍ରଦାନରେ ଚୟନାତ୍ମକ ନ ହୋଇ ମାର୍ଚ୍ଚ ୨୧ ସୁଦ୍ଧା ସମସ୍ତ ତଥ୍ୟ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସୋମବାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ବିଆଇ ବଣ୍ଡ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଏବଂ ବଣ୍ଡ୍ ନମ୍ବର ପ୍ରଦାନ କରି ନ ଥିବାରୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଥିଲେ। ଇଲେକ୍ଟୋରାଲ ବଣ୍ଡର କ୍ରେତା ଏବଂ ସେମାନେ ଦେଇଥିବା ଚାନ୍ଦା କେଉଁ ଦଳକୁ ଯାଇଛି, ତାହା ଜାଣିବାକୁ ହେଲେ ବଣ୍ଡ୍ ନମ୍ବର ସମେତ ସବୁ ତଥ୍ୟ ଦେବାକୁ ହେବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶ୍ରମିକ ଅସୁରକ୍ଷିତ

# ୬ ରାଜ୍ୟର ଗୃହ ସଚିବଙ୍କୁ ହଟାଇଲେ ଇସି

### ରାଜୀବ କୁମାରଙ୍କ ସ୍ଥାନରେ ବିବେକ ସହାୟ ପଶ୍ଚିମବଙ୍ଗ ଡିଜିପି

ନୂଆଦିଲ୍ଲୀ,୧୮।୩

ଲୋକସଭା ନିର୍ବାଚନର ମାସକ ପୂର୍ବରୁ ସୋମବାର ଅପରାହ୍ଣରେ ଭାରତର ନିର୍ବାଚନ କମିଶନ (ଇସିଆଇ) ୬ ରାଜ୍ୟର ଗୃହ ସଚିବଙ୍କ ସହ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜୀବ କୁମାରଙ୍କୁ ପଦରୁ ହଟାଇ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମିଜୋରାମ ଓ ହିମାଚଳ ପ୍ରଦେଶ ସାଧାରଣ ପ୍ରଶାସନ ବିଭାଗର ସଚିବମାନଙ୍କୁ ମଧ୍ୟ ହଟାଯାଇଛି।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମବଙ୍ଗ ସରକାର ରାଜୀବ କୁମାରଙ୍କ ସ୍ଥାନରେ ବିବେକ ସହାୟଙ୍କୁ ରାଜ୍ୟର ନୂଆ ଡିଜିପି ନିଯୁକ୍ତ କରିଛନ୍ତି। ୧୯୮୮ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବିବେକ ଡାଇରେକ୍ଟର ଜେନେରାଲ ଆଣ୍ଡ୍ କମାଣ୍ଡାଣ୍ଟ ଜେନେରାଲ (ହୋମ୍ ଗାର୍ଡ୍ସ) ଥିଲେ। ଗତ ଡିସେମ୍ବରରେ ଡିଜିପି ନିଯୁକ୍ତ ହୋଇଥିବା ରାଜୀବଙ୍କୁ ସୂଚନା ଓ କାରିଗରି ବିଭାଗକୁ ବଦଳି କରାଯାଇଛି। ନିର୍ବାଚନ ସହିତ କୌଣସି ସମ୍ପର୍କ ନ ଥିବା ଏକ ପଦବୀରେ ରାଜୀବଙ୍କୁ ଅବସ୍ଥାପିତ କରିବା ପାଇଁ ଇସିଙ୍କ ନିର୍ଦ୍ଦେଶ ରହିଥିଲା। ତେଣୁ ଡିଜିପିରୁ ନିମ୍ନ ଏକ ପଦକୁ ତାଙ୍କୁ ବଦଳି କରାଯାଇଛି। ରାଜୀବ ୨୦୧୬ ରାଜ୍ୟ ବିଧାନସଭା ନିର୍ବାଚନ ଏବଂ ୨୦୧୯ ଲୋକ ସଭା ଭୋଟ ବେଳେ ନିର୍ବାଚନ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିବାରୁ ଇସି ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି।

ସେହିପରି ଗୁଜରାଟ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ଗୃହ ସଚିବମାନଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ଏହି ଗୃହ ସଚିବମାନେ ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ କାର୍ଯ୍ୟାଳୟରେ ଦୁଇଟି ଲେଖାଏ ଦାୟିତ୍ୱ ତୁଲାଉଥିଲେ। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ସମୟରେ ବିଶେଷକରି ଆଇନ ଶୃଙ୍ଖଳା ବଜାୟ କ୍ଷେତ୍ରରେ ଆବଶ୍ୟକ ନିରପେକ୍ଷତା ସହ ସାଲିସ ହେବା ଆଶଙ୍କା କରି ଇସିଆଇ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ସଂସଦୀୟ ଓ ବିଧାନସଭା ନିର୍ବାଚନ ବେଳେ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ) ସ୍ଥିତି ଉପୁଜିଲେ ନିର୍ବାଚନ କମିଶନ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥାଆନ୍ତି। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ରାଜୀବଙ୍କୁ ପଦରୁ ହଟାଇବା ଉପରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

ଲୋକ ସଭା ସହ ୪ ରାଜ୍ୟ ବିଧାନସଭା ନିର୍ବାଚନ ତାରିଖ ଘୋଷଣାର ୪୮ ଘଣ୍ଟା ପରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) କମିଶନର ଇକ୍‌ବାଲ ସିଂ ଏବଂ ମହାରାଷ୍ଟ୍ରର ପୌରପାଳିକାଗୁଡ଼ିକରେ ଥିବା କେତେଜଣ ଅଧିକାରୀଙ୍କୁ ମଧ୍ୟ ଅଦଳବଦଳ କରିଛନ୍ତି। ଇସିଆଇ ପୂର୍ବରୁ କେତେଜଣ ☞ପୃଷ୍ଠା-୪

## ରାଜୀବ କୁମାର କିଏ



ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ ପଦରୁ ରାଜୀବ କୁମାରଙ୍କୁ ସୋମବାର ଅପରାହ୍ଣରେ ନିର୍ବାଚନ କମିଶନ ହଟାଇବା ପରେ ଏହି ବରିଷ୍ଠ ପୋଲିସ ଅଧିକାରୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ୨୦୨୩ ଡିସେମ୍ବରରେ ମନୋଜ ମାଲବ୍ୟ ଡିଜିପି ପଦରୁ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ରାଜୀବଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ ରାଜୀବ କୋଲକାତା ପୋଲିସ କମିଶନର ଏବଂ ବିଧାନନଗର ପୋଲିସ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ସିଆଇଡି, ଏସ୍‌ଟିଏଫ୍ ମୁଖ୍ୟ ଏବଂ ସୂଚନା କାରିଗରି ଓ ଇଲେକ୍ଟ୍ରୋନିକ୍ସ ବିଭାଗ ପ୍ରମୁଖ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ୨୦୧୯ରେ ରାଜ୍ୟ ସରକାର ସରଧା ଦୁର୍ନୀତିର ତଦନ୍ତ ପାଇଁ ଏକ ଏସ୍‌ଆଇଟି ଗଠନ କରିଥିବାବେଳେ ରାଜୀବ ଏହି ମାମଲାର ପ୍ରମାଣ ନଷ୍ଟ କରିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଭିଯୋଗ ଆଣିଥିଲା। ସିବିଆଇର ଅଭିଯୋଗ ଏବଂ ସେହି ବର୍ଷ ଫେବୃଆରୀରେ ରାଜୀବଙ୍କ ଘରେ ଚଢ଼ାଉ ପରେ ମୁଖ୍ୟମନ୍ତ୍ରୀ ମମତା ଦୁଇଦିନ ଧାରଣାରେ ବସିଥିଲେ। ସୁପ୍ରିମକୋର୍ଟ ରାଜୀବଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାପରେ ମମତା ଧାରଣାରୁ ଉଠିଥିଲେ।

# ଶୃଙ୍ଖଳିତ, ଅବାଧ ନିର୍ବାଚନକୁ ଗୁରୁତ୍ୱ

### ୩ ରାଜ୍ୟର ଅଧିକାରୀଙ୍କ ସହ ଓଡ଼ିଶା ପୋଲିସର ବୈଠକ

ଭୁବନେଶ୍ୱର,୧୮।୩ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ଆସନ୍ତା ମେ ଓ ଜୁନ୍‌ରେ ୪ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ନଜର ରଖି ସୋମବାର ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଭିଡିଓ କନ୍‌ଫରେନ୍ସରେ ପଡୋଶୀ ପଶ୍ଚିମବଙ୍ଗ, ଛତିଶଗଡ ଏବଂ ଝାଡଖଣ୍ଡର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କ ସମେତ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ନିୟମାବଳୀକୁ ଠିକ୍ ଭାବେ ପାଳନ କରିବା ସହ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ବୈଠକରେ ମତପ୍ରକାଶ ପାଇଥିଲା। ବିଶେଷକରି ରାଜ୍ୟର ସୀମାବର୍ତ୍ତୀ ଜିଲାଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରାଯିବା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ନିର୍ବାଚନ ସମ୍ପର୍କିତ ହିଂସା, ରାଜ୍ୟର ସୀମା ତନଖି ଫାଟକରେ କଡାକଡି ଯାଞ୍ଚ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ, ବେଆଇନ ମାରଣାସ୍ତ୍ର, ବେଆଇନ ମଦ କାରବାର ଓ ବେଆଇନ ଟଙ୍କା ☞ପୃଷ୍ଠା-୪

## ଟ୍ରେନଲାଇନରେ ରିଲ୍‌ସ କରୁଥିଲେ, କଟିଗଲେ

ସୋର, ୧୮।୩(ଜନ୍ମେଜୟ ମିଶ୍ର)

ସୋର ଥାନା ସବିରା ରେଳଷ୍ଟେଶନ ନିକଟରେ ରହଣିଆ ଗ୍ରାମ ନିକଟରେ ଟ୍ରେନ ଲାଇନରେ ଜଣେ ଯୁବକ ଇନଷ୍ଟାଗ୍ରାମରେ ରିଲସ କରୁଥିବା ବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଚରମ୍ପାର ବାଣିଡିଆ ଗ୍ରାମର ଅକ୍ଷୟ ପାତ୍ର। ସୋମବାର ଅପରାହ୍ଣରେ ଅକ୍ଷୟ ପାତ୍ର ତାଙ୍କର ୫ ଜଣ ଅନ୍ୟ ସାଥୀଙ୍କ ସହିତ ରିଲ୍‌ସ କରୁଥିଲେ। ଏହି ସମୟରେ ସେହି ଲାଇନରେ ଯାଉଥିବା ନୀଳାଚଳ ଏକ୍ସପ୍ରେସ ଅକ୍ଷୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ତାଙ୍କ ସହ ଥିବା ଅନ୍ୟ ସାଥୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବରପାଇ ବାଲେଶ୍ୱର ଜିଆରପି ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଯାଇଛନ୍ତି। ତେବେ ଅକ୍ଷୟଙ୍କ ସମେତ ଅନ୍ୟ ଯୁବକମାନେ ନିକଟରେ ଚାଲିଥିବା ଏକ ଯାତ୍ରା ଦଳର ନୃତ୍ୟ କଳାକାର ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି।



## ସୁନ୍ଦରଗଡ଼ରେ ମଧ୍ୟପ୍ରଦେଶ ବାଘ


ଭୁବନେଶ୍ୱର, (ଅସମାପିକା ସାହୁ)/ ବଣାଇଁ, ୧୮।୩ (ପ୍ରଦୀପ ତ୍ରିପାଠୀ)

ଓଡ଼ିଶାକୁ ଚାଲି ଆସିଛି ମଧ୍ୟପ୍ରଦେଶର ମହାବଳ ବାଘ। ସୁନ୍ଦରଗଡ଼ ଜଙ୍ଗଲରେ ବନ ବିଭାଗର କ୍ୟାମେରା ଟ୍ରାପ୍‌ରେ ଏହା ଠାବ ହୋଇଛି। ଏହାକୁ ମଧ୍ୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ସ୍ୱୀକାର କରିଛନ୍ତି। ମଧ୍ୟପ୍ରଦେଶର ସଞ୍ଜୟ ଡୁବ୍ରି ଟାଇଗର ରିଜର୍ଭୟରରୁ ଏହି ବାଘଟି ଆସିଥିବା ନେଇ ସୋମବାର ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ନିଜର ସ୍ୱତନ୍ତ୍ର ଇଲାକା ପ୍ରସ୍ତୁତ ପାଇଁ ମଧ୍ୟପ୍ରଦେଶରୁ ଶହଶହ କିଲୋମିଟର ଅତିକ୍ରମ କରି ସୁନ୍ଦରଗଡ଼ ☞ପୃଷ୍ଠା-୪

# ମାଂସ ପାଇଁ ୩ଦିନ ପଡ଼ିରହିଲା ମୃତଦେହ

ବାରିପଦା,୧୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗାଁର ସମସ୍ତଙ୍କ ଭୋଜି ଭାତରେ ସାମିଲ ହେଉଥିଲେ। ହେଲେ ଜାତିଭାଇଙ୍କୁ ନିଜ ବାହାଘର ଭୋଜି ଦେଲେନି। ଏନେଇ ଗାଁ ଲୋକଙ୍କ ସହ ଲାଗି ରହିଥିଲା ତିକ୍ତତା। ଜାତିପ୍ରଥା ଓ ପରମ୍ପରା ଉଲ୍ଲଂଘନ କରିଥିବା ସମ୍ପୃକ୍ତ ଯୁବକଙ୍କ ମା'ଙ୍କ ମୃତ୍ୟୁ ପରେ ଜାତିଭାଇ କାନ୍ଧ ଦେଲେନି। ଫଳରେ ୩ ଦିନ ମୃତଦେହ ପଡ଼ି ରହି ପଚିବା ଆରମ୍ଭ କରିଥିଲା। ଗାଁ ମୁଖିଆଙ୍କ ହସ୍ତକ୍ଷେପ ପରେ ବାହାଘର ଭୋଜି ବାବଦରେ ୧୦ କେଜି ମେଣ୍ଢା ମାଂସ ଦେବାକୁ ରାଜି ହେବାରୁ ମୃତଦେହ ସତ୍କାର କରାଗଲା। ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନ ଜୟବିଲା ଗ୍ରାମରେ। ସୂଚନା ଅନୁଯାୟୀ, ଜିଲା ସଦର ମହକୁମାଠାରୁ ୮କି.ମି. ଦୂର ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ଜୟବିଲା ଗ୍ରାମ। ଏହି ଗ୍ରାମର ଅଧିକାଂଶ ଲୋକ ଆଦିବାସୀ ମୁଣ୍ଡାରୀ ସମ୍ପ୍ରଦାୟର। ଶନିବାର ଅପରାହ୍ଣ ୨ଟାରେ ଗାଁର ସମ୍ବାରୀ ସିଂ(୭୦)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ଘଟିଥିଲା। ମାତ୍ର ଜାତିପ୍ରଥାକୁ ଅବମାନନା କରି ମୃତା ସମ୍ବାରୀଙ୍କ ପୁଅ ତାଙ୍କ ବାହାଘର ଭୋଜି ଦେଇ ନ ଥିବାରୁ ସାହିପଡ଼ିଶା କିମ୍ବା ଗ୍ରାମବାସୀ ମୃତଦେହ ସତ୍କାର କରିବାକୁ ଅମଙ୍ଗ ହୋଇଥିଲେ। ଫଳରେ ୩ ଦିନ କାଳ ଘର ଭିତରେ ମୃତଦେହ ପଡ଼ିରହି ପଚିବା ଆରମ୍ଭ କରିଥିଲା। ମା'ଙ୍କ ମୃତଦେହ ସତ୍କାର କରିବା ପାଇଁ ଦୁଇ ପୁଅ ଡାକ୍ତର ଓ ଚନ୍ଦନ ଚିନ୍ତାରେ ପଡ଼ିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଗାଁ ଲୋକେ ଏକାଠି ହୋଇ ସମାଧାନର ବାଟ କାଢ଼ିଥିଲେ। ଗାଁ ମୁଖିଆ ସାନ ଲକ୍ଷ୍ମଣ ସିଂଙ୍କ ଉପସ୍ଥିତିରେ ବିବାଦର ସମାଧାନ ହୋଇଥିଲା। ଗାଁ କମିଟିର ନିଷ୍ପତ୍ତି ଅନୁଯାୟୀ, ଜରିମାନା ସଦୃଶ ବାହାଘର ଭୋଜି ବାବଦରେ ୮ଦିନ ମଧ୍ୟରେ ୧୦କେ.ଜି. ମେଣ୍ଢା ମାଂସ ଦେବାକୁ ସମ୍ବାରୀଙ୍କ ବଡ଼ ପୁଅ ରାଜି ହେବାପରେ ସୋମବାର ଅପରାହ୍ଣରେ ଗାଁ ଲୋକେ ମୃତଦେହ ସତ୍କାର କରିଥିଲେ। ତେବେ ପ୍ରତିଶ୍ରୁତି ଅନୁଯାୟୀ, ଭୋଜି ପାଇଁ ମାଂସ ନ ଦେଲେ ଶୁଦ୍ଧି କ୍ରିୟାରେ କୌଣସି ଲୋକ ସାମିଲ ହେବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗାଁ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମୁଣ୍ଡାରୀ ସମ୍ପ୍ରଦାୟର ଲୋକଙ୍କ ଜନ୍ମ, ମୃତ୍ୟୁଠାରୁ ଆରମ୍ଭ କରି ବିବାହ କାର୍ଯ୍ୟରେ ଗ୍ରାମବାସୀ ସମ୍ମିଳିତ ହୋଇଥାନ୍ତି। ଜାତିପ୍ରଥା ଅନୁଯାୟୀ ବିବାହ ସମୟରେ ପୁଅଘର ପକ୍ଷରୁ ପଣ(ଯୌତୁକ) ନିଆଯାଇ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥାଏ। ଗାଁରେ ହେଉଥିବା ଭୋଜିରେ ସମ୍ବାରୀଙ୍କ ବଡ଼ପୁଅ ଡାକ୍ତର ସାମିଲ ହୋଇଥାନ୍ତି। ତେବେ ବିବାହ ସମୟରେ ଜାତିପ୍ରଥାକୁ ନେଇ ଚାଲିଥିବା ପରମ୍ପରା ସଦୃଶ ମେଣ୍ଢା କିମ୍ବା ଛେଳି ଦେବାକୁ ପଡ଼ିଥାଏ। ସେହି ମାଂସରେ ଭୋଜିଭାତ କରାଯାଇ ଗାଁର ସମସ୍ତେ ବିବାହକୁ ସ୍ୱୀକୃତି ଦେଇଥାନ୍ତି। ମାତ୍ର ଡାକ୍ତର ଦୁଇଦୁଇ ଥର ବିବାହ କରିଥିଲେ ମଧ୍ୟ ଜାତିପ୍ରଥା ଓ ପରମ୍ପରାକୁ ଅବମାନନା କରି ଆସୁଥିଲେ। ଏନେଇ ଗାଁ ଲୋକେ ତାଙ୍କୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେ କାହା କଥା ଶୁଣୁ ନ ଥିଲେ। ଏନେଇ ଗାଁରେ ବୈଠକ ବସି ଜରିମାନା ବାବଦରେ ଏକ ମେଣ୍ଢା ଦେବାକୁ ତାଙ୍କୁ କୁହାଯାଇଥିଲା। ମାତ୍ର ଅଦ୍ୟାବଧି ସେ ମେଣ୍ଢା ଦେଇ ନ ଥିବାରୁ ଗାଁ ଲୋକେ ତାଙ୍କ ମା'ଙ୍କ ମୃତଦେହ ସତ୍କାର କାର୍ଯ୍ୟକୁ ବିରୋଧ କରିଥିବା କହିଛନ୍ତି।

**ନାବାଳିକା ଚାକରାଣୀଙ୍କୁ ବଳାତ୍କାର: ଡିଏସ୍‌ପି ଗିରଫ**

ଆସାମରେ ଜଣେ ନାବାଳିକା ଚାକରାଣୀଙ୍କୁ ବଳାତ୍କାର ଅଭିଯୋଗରେ ଡିଏସ୍‌ପି କିରନ ନାଥ ଗିରଫ ହୋଇଛନ୍ତି। ଗୋଲାଘାଟ ଜିଲାର ଲଚିତ ବୋର୍ଫୁକାନ ପୋଲିସ ଏକାଡେମୀରେ ପୋଷ୍ଟିଂ ହୋଇଥିଲେ। ସେ ୧୫ ବର୍ଷୀୟା ପାଡ଼ିତାଙ୍କୁ ଏକାଧିକ ଥର ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୮ ମୃତ

**ଖଗରିଆ,୧୮।୩:** ବିହାରର ଖଗରିଆ ଜିଲାରେ ସୋମବାର ସକାଳେ ଏକ ଜିପ୍ ସହ ଟ୍ରାକ୍ଟରର ମୁହାଁମୁହିଁ ଧକ୍କାରେ ୩ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଜାତୀୟ ରାଜପଥ-୩୧ର ପସ୍ରହାଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଭୋର ୫ଟା ୧୫ରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୭ ଜଣ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣେ ଆଖି ବୁଜିଥିଲେ। ଆହତମାନଙ୍କୁ ଭାଗଲପୁର ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିପ୍‌ରେ ଯାତ୍ରୀମାନେ ଏକ ବିବାହ ଉତ୍ସବରୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ଦୁର୍ଘଟଣାରେ ଆହତ ଅଭିନେତ୍ରୀ ଅରୁନ୍ଧତୀ ଭେଣ୍ଟିଲେଟରରେ


ଅରୁନ୍ଧତୀ ନାୟାର

**ଚେନ୍ନାଇ,୧୮।୩:** 'ସୈତାନ' ଫିଲ୍ମରେ ଅଭିନୟ କରି ଖ୍ୟାତି ଅର୍ଜନ କରିଥିବା ତାମିଲ ଅଭିନେତ୍ରୀ ଅରୁନ୍ଧତୀ ନାୟାର ଦୁର୍ଘଟଣାରେ ଗୁରୁତର ହୋଇ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ଗତ ୧୪ ତାରିଖରେ ସେ ତାଙ୍କ ଭାଇ ସହ ବାଇକ୍‌ରେ ଚେନ୍ନାଇ-କୋଭାଲମ୍ ବାଇପାସ୍ ରୋଡ୍‌ରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଅରୁନ୍ଧତୀଙ୍କୁ ତ୍ରିଭେନ୍ଦ୍ରମ୍‌ର ଅନନ୍ତପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଅରୁନ୍ଧତୀ ୨୦୧୪ରେ ଚଳଚ୍ଚିତ୍ର 'ପୋଙ୍ଗେ ଏଝୁ ମନୋହର'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ।


### ତେଲଙ୍ଗାନା ରାଜ୍ୟପାଳଙ୍କ ଇସ୍ତଫା

**ଭାଜପା ଟିକେଟରେ ନିର୍ବାଚନ ଲଢ଼ିପାରନ୍ତି**

**ହାଇଦ୍ରାବାଦ,୧୮।୩:** ତେଲଙ୍ଗାନାର ରାଜ୍ୟପାଳ ଏବଂ ପଣ୍ଡିଚେରୀର ଉପରାଜ୍ୟପାଳ ପଦବୀରୁ ତାମିଲିସାଇ ସୌନ୍ଦରାରାଜନ ସୋମବାର ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ହେବା ପୂର୍ବରୁ ଭାଜପାର ତାମିଲନାଡୁ ନେତ୍ରୀ ଥିବା ତାମିଲସାଇ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୨୦୧୯ ନଭେମ୍ବରରେ ୬୨ ବର୍ଷୀୟା ତାମିଲିସାଇ ତେଲଙ୍ଗାନାର ଦ୍ୱିତୀୟ ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ୨୦୨୧ ଫେବୃଆରୀରେ ତାଙ୍କୁ ପଣ୍ଡିଚେରୀର ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ପଣ୍ଡିଚେରୀର ଏକମାତ୍ର ଲୋକ ସଭା ଆସନରେ ଲଢ଼ିପାରନ୍ତି ବୋଲି କୁହାଯାଉଛି। ଲୋକଙ୍କ ସେବାକୁ ଫେରିଥିବାରୁ ବହୁତ ଖୁସି ବୋଲି ତାମିଲସାଇ କହିବା ସହ ତେଲଙ୍ଗାନା ଜନସାଧାରଣଙ୍କୁ ସେମାନଙ୍କ ଭଲ ପାଇବା ପାଇଁ ଧନ୍ୟବାଦ ଜଣାଇଛନ୍ତି।


ତାମିଲିସାଇ ସୌନ୍ଦରାରାଜନ

# ଦୈବୀଶକ୍ତି ବନାମ ଅସୁର ଶକ୍ତି


ତେଲଙ୍ଗାନାର ଜଗତିଆଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଭାରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ରାଜ୍ୟ ସଭାପତି ଜି. କିଷନ ରେଡ୍ଡୀ, ଦଳୀୟ ଏମ୍‌ପି ବି. ସଞ୍ଜୟ କୁମାର ଏବଂ ଅନ୍ୟ ନେତାମାନେ।


କଂଗ୍ରେସ ନେତା ରାହୁଲ ଗାନ୍ଧୀ

**କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଶକ୍ତି' ମନ୍ତବ୍ୟକୁ ନେଇ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ତେଲଙ୍ଗାନାର ଜଗତିଆଲରେ ଆୟୋଜିତ ଭାଜପାର ଏକ ସଭାରେ ମୋଦି କହିଛନ୍ତି, ରାହୁଲଙ୍କ ଚ୍ୟାଲେଞ୍ଜକୁ ସେ ଗ୍ରହଣ କରିଛନ୍ତି । ତାଙ୍କ ପାଇଁ ସମସ୍ତ ମା' ଓ ଝିଅ ଶକ୍ତିର ସ୍ୱରୂପ, ଯାହାଙ୍କୁ ସେ ପୂଜା କରିଆସିଛନ୍ତି । ଏହା ଉପରେ ରାହୁଲ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ମୁମ୍ବାଇ ରାଲିରେ ସେ ଯେଉଁ ଶକ୍ତି କଥା କହିଥିଲେ, ତାହା ଆଧ୍ୟାତ୍ମିକ ଶକ୍ତି ନୁହେଁ । ଅନୈତିକତା, ଦୁର୍ନୀତି ଓ ମିଥ୍ୟାର ଶକ୍ତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ । ତେବେ ଲୋକ ସଭା ନିର୍ବାଚନ ପୂର୍ବରୁ ଦୁଇ ବୃହତ୍ ଦଳର ବଡ଼ ନେତାଙ୍କ ବାକ୍‌ଯୁଦ୍ଧ ପ୍ରଚାରରେ ଉଷ୍ମତା ଭରିଦେଇଛି ।**

**ହାଇଦ୍ରାବାଦ/ନୂଆଦିଲ୍ଲୀ,୧୮।୩**

ଇଣ୍ଡିଆ ବ୍ଲକ୍‌ର ଇସ୍ତାହାର କେବଳ 'ଶକ୍ତି'କୁ ଶେଷ କରିଦେବା ଉପରେ ଗୁରୁତ୍ୱ ଦେଉଛି। ଏହି ଲଢ଼େଇ ଦୁଇଟି ପକ୍ଷ ମଧ୍ୟରେ ଚାଲିଛି। ଗୋଟିଏ ପକ୍ଷ 'ଶକ୍ତି'କୁ ଧ୍ୱଂସ କରିଦେବାକୁ ଚାହୁଁଥିବାବେଳେ ଅନ୍ୟ ପକ୍ଷ ଶକ୍ତିକୁ 'ଦୈବୀଶକ୍ତି' ବିବେଚନା କରି ପୂଜା କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲଙ୍ଗାନାର ଜଗତିଆଲରେ ବିରୋଧୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ରବିବାର ମୁମ୍ବାଇର ଶିବାଜୀ ପାର୍କରେ ଇଣ୍ଡି ମେଣ୍ଟର ରାଲି ବେଳେ ବିରୋଧୀ ନିଜ ଇସ୍ତାହାର ଘୋଷଣା କରିଥିଲେ। ସେମାନେ କହିଥିଲେ, ସେମାନଙ୍କ ଲଢ଼େଇ ହେଉଛି 'ଶକ୍ତି' ବିରୋଧରେ। କିନ୍ତୁ ମୁଁ ଭାରତ ମାତାର ପୂଜାରୀ। ମୁଁ ଭାରତର ପ୍ରତ୍ୟେକ ମା' ଓ ଝିଅଙ୍କୁ ପୂଜା କରିଥାଏ। ଦେଶ 'ଚନ୍ଦ୍ରୟାନ' ସଫଳତାର ଶ୍ରେୟ 'ଶିବଶକ୍ତି'କୁ ଦେଇଥିବାବେଳେ ବିରୋଧୀ ଦଳଗୁଡ଼ିକ 'ଶକ୍ତି'ର ବିନାଶ ଚାହୁଁଛନ୍ତି। ଏହି ଚ୍ୟାଲେଞ୍ଜକୁ ମୁଁ ଗ୍ରହଣ କରୁଛି। ଦେଶମାତୃକାର ସୁରକ୍ଷା ପାଇଁ ମୁଁ ନିଜ ଜୀବନକୁ ତ୍ୟାଗ କରିବାକୁ ପ୍ରସ୍ତୁତ ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, କଂଗ୍ରେସ ତେଲଙ୍ଗାନାକୁ ଏଟିଏମ୍ ରାଜ୍ୟରେ ପରିଣତ କରିଦେଇଛି। ଏଠାରୁ ଲୁଟ୍ ହୋଇଥିବା ଟଙ୍କା ଦିଲ୍ଲୀକୁ ଯାଉଛି।

ପ୍ରକାଶ ଯେ, ମୁମ୍ବାଇରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସମାପନ ରାଲିରେ ରାହୁଲ କହିଥିଲେ, ରାଜାଙ୍କ ଆତ୍ମା ଇଭିଏମ୍‌ରେ ରହିଛି। ଇଭିଏମ୍, ଇଡି, ସିବିଆଇ ଏବଂ ଆୟ କର ବିଭାଗ ବିନା ପ୍ରଧାନମନ୍ତ୍ରୀ ଏହି ଲୋକ ସଭା ନିର୍ବାଚନ ଜିତିପାରିବେ ନାହିଁ। ମୋଦି ହେଉଛନ୍ତି ଜଣେ 'ମାସ୍କ', ଯିଏକି ଏକ 'ଶକ୍ତି' ପାଇଁ କାର୍ଯ୍ୟ କରୁଛନ୍ତି। ସେ ଜଣେ ଉପରଠାଉରିଆ ବ୍ୟକ୍ତି। ତାଙ୍କର ୫୬ ଇଞ୍ଚ ଛାତି ନାହିଁ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଘେରିବା ପରେ ରାହୁଲ ସଫେଇ ଦେଇ କହିଛନ୍ତି, ସେ କୌଣସି 'ଦୈବୀଶକ୍ତି' କଥା ଉଲ୍ଲେଖ କରିନାହାନ୍ତି। ମୋଦି ଯେଉଁ ଶକ୍ତିର ମୁଖାବରଣ ପିନ୍ଧିଛନ୍ତି, ତା' ଉପରେ ସେ କହିଥିଲେ। ମୋଦି ତାଙ୍କ କଥାକୁ ପସନ୍ଦ କରନ୍ତି ନାହିଁ। ତେଣୁ ତାକୁ ମୋଡ଼ିତୋଡ଼ି ଉପସ୍ଥାପନ କରୁଛନ୍ତି। ପ୍ରଧାନମନ୍ତ୍ରୀ ସେହି ଶକ୍ତିକୁ ବ୍ୟବହାର କରି ଭାରତୀୟ ବ୍ୟାଙ୍କଗୁଡ଼ିକର ଅନେକ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି, ଯେତେବେଳେ କି ଅଳ୍ପ କିଛି ହଜାର ଟଙ୍କାର ଋଣ ଶୁଝି ନ ପାରି ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି। ତେଣୁ ଦେଶକୁ 'ଅସୁର ଶକ୍ତି' ନା 'ଦୈବୀଶକ୍ତି' ଶାସନ କରିବ, ତାହା ଏହି ନିର୍ବାଚନ ସ୍ଥିର କରିବ ବୋଲି ପ୍ରଧାନମନ୍ତ୍ରୀଙ୍କୁ ରାହୁଲ ପାଲଟା ଜବାବ ଦେଇଛନ୍ତି।

## ଆଫଗାନିସ୍ତାନରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍: ୮ ମୃତ


**ଇସ୍‌ଲାମାବାଦ/କାବୁଲ,୧୮।୩**

ପାକିସ୍ତାନ ସୋମବାର ଆଫଗାନିସ୍ତାନ ଭିତରେ ବିମାନ ଆକ୍ରମଣ କରିବାରୁ ୩ ପିଲାଙ୍କ ସମେତ ୮ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନ ସହରଗୁଡ଼ିକରେ ଆତଙ୍କବାଦୀ ଆକ୍ରମଣ ବଢୁଥିବାରୁ ଏହାକୁ ନେଇ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ କଥା କଟାକଟି ଚାଲିଥିବାବେଳେ ଇସ୍‌ଲାମାବାଦ ହଠାତ୍ ଏୟାରଷ୍ଟ୍ରାଇକ୍ କରିଥିବା ଆଫଗାନ ତାଲିବାନ କହିଛି। ପାକ୍ ସୀମାବର୍ତ୍ତୀ ଆଫଗାନିସ୍ତାନର ପାକଟିକା ଏବଂ ଖୋସ୍ତ ପ୍ରଦେଶରେ ଏୟାରଷ୍ଟ୍ରାଇକ୍ ହୋଇଥିବା ସେଠାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରାତି ପ୍ରାୟ ୩ଟା ସମୟରେ ପାକିସ୍ତାନୀ ଯୁଦ୍ଧବିମାନରୁ ଆବାସିକ ଅଞ୍ଚଳରେ ବୋମାମାଡ଼ ହୋଇଥିଲା ବୋଲି ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ କହିଛନ୍ତି।

## ନିର୍ମାଣାଧୀନ କୋଠା ଭୁଶୁଡ଼ି ୯ ମୃତ

**କୋଲକାତା,୧୮।୩**

କୋଲକାତାର ଗାର୍ଡେନ ରିଚ୍ ଅଞ୍ଚଳରେ ଏକ ନିର୍ମାଣାଧୀନ ୫ ମହଲା କୋଠା ଭୁଶୁଡ଼ି ୨ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଆହତ ହୋଇଛନ୍ତି। ବେଆଇନ ଭାବେ ନିର୍ମାଣ ହେଉଥିବା ଉକ୍ତ କୋଠା ରବିବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ସହ ପୋଲିସ ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇଦିଆଯିବ ବୋଲି ସହରାଞ୍ଚଳ ବିକାଶ ମନ୍ତ୍ରୀ ଫିରହାଦ ହାକିମ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୋଠାଟି ଭୁଶୁଡ଼ିବା ପୂର୍ବରୁ ବଡ଼ ବଡ଼ କଂକ୍ରିଟ୍ ଖଣ୍ଡ ଖସିଥିଲା। କୋଠା ଭୁଶୁଡ଼ିବାରୁ ନିକଟବର୍ତ୍ତୀ ବସ୍ତି କ୍ଷତିଗ୍ରସ୍ତ ହୋଇଥିଲା।


କୋଠା ଭୁଶୁଡି ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭେଟୁଛନ୍ତି।


ରାଜସ୍ଥାନର ଆଜମେର ଜିଲା ମଦାର ଷ୍ଟେଶନ ନିକଟରେ ରବିବାର ବିଳମ୍ବିତ ରାତିରେ ସାବରମତୀ-ଆଗ୍ରା ସୁପରଫାଷ୍ଟ ଟ୍ରେନ୍‌ର ଇଞ୍ଜିନ ଓ ୪ ବଗି ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣା ଖବର ପାଇ ତୁରନ୍ତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। କର୍ମଚାରୀମାନେ ରେଳଲାଇନ ମରାମତି କରୁଛନ୍ତି। ରେଲୱେ ସୁରକ୍ଷା ବଳ ଏବଂ ରେଲୱେ ପୋଲିସ ସହ ଅତିରିକ୍ତ ଡିଆର୍‌ଏମ୍ ପହଞ୍ଚି ଦୁର୍ଘଟଣାର କାରଣ ଅନୁଧ୍ୟାନ କରୁଛନ୍ତି। ଲାଇନଚ୍ୟୁତ ଇଞ୍ଜିନ ଓ ବଗିଗୁଡ଼ିକୁ ଟ୍ରାକ୍‌କୁ ଆଣିବା ପାଇଁ ଉଦ୍ୟମ ଚାଲିଛି।

## ଚାଇନା ସୀମାରେ ବଙ୍କର ନିର୍ମାଣ କରୁଛି ଭାରତ

**ନୂଆଦିଲ୍ଲୀ,୧୮।୩**

ଚାଇନା ସୀମାବର୍ତ୍ତୀ ଅରୁଣାଚଳ ପ୍ରଦେଶରେ ଭାରତ ବହୁସଂଖ୍ୟାରେ ଜଳବାୟୁ ନିୟନ୍ତ୍ରିତ ବଙ୍କର ନିର୍ମାଣ କରୁଛି। ପ୍ରତି ବଙ୍କରରେ ଅନ୍ୟୂନ ୧୨୦ ସୈନ୍ୟ ରହିପାରିବେ। ଶୀତଦିନ ଅରୁଣାଚଳପ୍ରଦେଶର ସୀମାନ୍ତ ଅଞ୍ଚଳରେ ତାପମାତ୍ରା ବିଯୁକ୍ତ ୩୦ ଡିଗ୍ରୀରେ ପହଞ୍ଚୁଥିବାରୁ ଏଥିରୁ ସୈନ୍ୟମାନଙ୍କୁ ସୁରକ୍ଷା ଦେଇ ଯୁଦ୍ଧ ପାଇଁ ପ୍ରସ୍ତୁତ ରଖିବାକୁ ସବୁଦିନିଆ ବଙ୍କର ନିର୍ମାଣ କରାଯାଉଛି। ୧୯୬୨ ଭାରତ-ଚାଇନା ଯୁଦ୍ଧ ବେଳେ ଅରୁଣାଚଳ ଫ୍ରଣ୍ଟଲାଇନରେ ନିର୍ମିତ ବଙ୍କରଗୁଡ଼ିକ ମୁଖ୍ୟରେ କଂକ୍ରିଟ୍ ଭିତ୍ତି ଉପରେ କାଠରେ ନିର୍ମିତ ହୋଇଥିଲା ଏବଂ ଚାରିପଟେ ବାଲିବସ୍ତା ଦିଆଯାଇଥିଲା। ତେବେ ଏହା ସୈନ୍ୟମାନଙ୍କୁ ଭୀଷଣ ପାଗ ଏବଂ ଶତ୍ରୁ କବଳରୁ ସୁରକ୍ଷା ଦେବାରେ ଯଥେଷ୍ଟ ନ ଥିଲା।

## ମନ୍ତ୍ରୀଙ୍କୁ ନିଯୁକ୍ତି ଦେଲେନି ତାମିଲନାଡୁ ରାଜ୍ୟପାଳ

**ନୂଆଦିଲ୍ଲୀ,୧୮।୩(ପି.ଟି.)**

**ସୁପ୍ରିମକୋର୍ଟରେ ହେବ ଶୁଣାଣି**


କେ. ପୋନମୁଡି

ଡିଏମ୍‌କେର ବରିଷ୍ଠ ନେତା କେ. ପୋନମୁଡିଙ୍କୁ ରାଜ୍ୟ କ୍ୟାବିନେଟରେ ନିଯୁକ୍ତି ଦେବାକୁ ରାଜ୍ୟପାଳ ଆର୍.ଏନ୍. ରବି ମନା କରିଦେବା ପରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଦାଲତ ଉକ୍ତ ଆବେଦନକୁ ଶୁଣାଣି ପାଇଁ ସୋମବାର ଗ୍ରହଣ କରିଛନ୍ତି। ତାମିଲନାଡୁର ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ପୋନମୁଡିଙ୍କୁ ପୁନର୍ବାର କ୍ୟାବିନେଟରେ ନିଯୁକ୍ତି ଦେବାକୁ ରାଜ୍ୟପାଳ ନିକଟରେ ମନା କରିଦେଇଥିଲେ। ଏହା ସମ୍ବିଧାନର ନୈତିକତା ବିରୋଧୀ ବୋଲି ସେ ଦର୍ଶାଇଥିଲେ। ଏହା ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଅଦାଲତରେ ହାଜର ହୋଇ ପିଟିଶନ୍‌ର ଗୁରୁତ୍ୱ ଦୃଷ୍ଟିରୁ ଶୀଘ୍ର ଶୁଣାଣି ପାଇଁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଇ-ମେଲ୍ ପଠାଇଲେ, ଆମେ ଏନେଇ ବିଚାର କରିବୁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଥିଲେ। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୋନମୁଡି ଦୋଷୀସାବ୍ୟସ୍ତ ହୋଇଥିଲେ। ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିବା ପରେ ତାଙ୍କୁ ପୁନର୍ବାର ମନ୍ତ୍ରୀ ଭାବେ ସାମିଲ କରିବା ପାଇଁ ରାଜ୍ୟ ସରକାର ରାଜ୍ୟପାଳଙ୍କୁ ସୁପାରିସ କରିଥିଲେ।

## ପୁଟିନ୍ ୫ମ ଥର ରାଷ୍ଟ୍ରପତି ନିର୍ବାଚିତ

**ମସ୍କୋ,୧୮।୩**


ଭ୍ଲାଡିମିର ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରେକର୍ଡ ଭୋଟ୍‌ରେ ୫ମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଦେଶର କେନ୍ଦ୍ରୀୟ ନିର୍ବାଚନ କମିଶନ ସୋମବାର ଏହା ଘୋଷଣା କରିଛନ୍ତି। ବିରୋଧୀଙ୍କ ସ୍ୱରକୁ ନିର୍ମମ ଭାବେ ଚାପିଦିଆଯାଇଥିବାବେଳେ ତାଙ୍କ ବିରୋଧରେ ନାମକୁ ମାତ୍ର ଲଢୁଥିବା ଟୋକନ ପ୍ରାର୍ଥୀଙ୍କୁ ଖୁବ୍ କମ୍ ଭୋଟ ମିଳିଛି। ପୁଟିନଙ୍କୁ ୮୭.୨୯ ପ୍ରତିଶତ ଭୋଟ ମିଳିଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ୪ ପ୍ରତିଶତରୁ କମ୍ ଭୋଟ ପାଇଛନ୍ତି। ପୁଟିନ୍ ପାଖାପାଖି ୭୬ ନିୟୁତ ଭୋଟ ପାଇ ପୁଣି ୬ ବର୍ଷ ଶାସନ କରିବାକୁ ଯାଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ବାଚନରେ ପୁଟିନ୍‌ଙ୍କୁ ଏହା ସର୍ବାଧିକ ଭୋଟ ବୋଲି କେନ୍ଦ୍ରୀୟ ନିର୍ବାଚନ କମିଶନ ମୁଖ୍ୟ ଇଲା ପାମ୍‌ଫିଲୋଭା କହିଛନ୍ତି। ବିରୋଧୀଙ୍କ ସ୍ୱରକୁ ଚାପିଦିଆଯାଇଥିବାରୁ ରୁଷିଆ ଜନସାଧାରଣ ରବିବାର ବିଭିନ୍ନ ଭୋଟ କେନ୍ଦ୍ର ବାହାରେ ରୁଣ୍ଡ ହୋଇ ରାଷ୍ଟ୍ରପତିଙ୍କ ପ୍ରତି ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୧୯୯୯ରୁ ପୁଟିନ୍ ରୁଷିଆର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଭାବେ କ୍ଷମତାରେ ରହିଆସିଛନ୍ତି।

# ଦାଦା-ପୁତୁରା ପୁଣି ମୁହାଁମୁହିଁ

**ପାଟନା/ନୂଆଦିଲ୍ଲୀ,୧୮।୩**

**କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ପଶୁପତି**

**୫ ଆସନରେ ଲଢ଼ିବ ଚିରାଗଙ୍କ ଏଲ୍‌ଜେପି**


ପଶୁପତି କୁମାର ପାରସ


ଚିରାଗ ପାଶ୍ୱାନ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସୋମବାର ବିହାରରେ ଆସନ ବୁଝାମଣା ସୂତ୍ର ଉପରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ୪୦ ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୭ଟିରେ ପ୍ରାର୍ଥୀ ଦେଇ ବଡ଼ଭାଇ ଭୂମିକା ନେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ୧୬ ଆସନରେ ଲଢ଼ିବ। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)କୁ ୫ ଆସନରେ ଲଢ଼ିବା ପାଇଁ ସୁଯୋଗ ମିଳିଥିବାବେଳେ ଜିତନରାମ ମାଝିଙ୍କ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ଏବଂ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍)କୁ ମାତ୍ର ଗୋଟିଏ ଲେଖାଏ ଆସନ ମିଳିଥିବା ବିହାର ଭାଜପା ପ୍ରଭାରୀ ବିନୋଦ ତାୱଡେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ରାମବିଳାସଙ୍କ ଭାଇ ତଥା କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ପଶୁପତି କୁମାର ପାରସଙ୍କୁ କୌଣସି ଗୋଟିଏ ହେଲେ ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏନ୍‌ଡିଏ ଟିକେଟ ଦେଇନାହିଁ। ଏଥିରେ ପାରସ ଅସନ୍ତୁଷ୍ଟ ହୋଇ ବିରୋଧୀ ମେଣ୍ଟ ଇଣ୍ଡିଆ ଆଡ଼କୁ ଢଳୁଥିବା କୁହାଯାଉଛି। ଏତିକି ନୁହେଁ, ସେ ଖୁବ୍‌ଶୀଘ୍ର କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। କାରଣ ଗତ ନିର୍ବାଚନରେ ରାମ ବିଳାସ ପାଶ୍ୱାନଙ୍କ ପାରମ୍ପରିକ ଆସନ ହାଜିପୁରରୁ ବିଜୟୀ ହୋଇଥିବା ପାରସଙ୍କ ପାଇଁ ଅଡୁଆ ସ୍ଥିତି ଉପୁଜିଛି। ବିହାର ଏଲ୍‌ଜେପି (ରାମ ବିଳାସ) ମୁଖ୍ୟ ରାଜୁ ତିୱାରୀ କହିଛନ୍ତି, ଚିରାଗ ହାଜିପୁର ଆସନରୁ ନିର୍ବାଚନ ଲଢ଼ିବେ। ଇତିମଧ୍ୟରେ ବିହାର ଭାଜପା ମୁଖ୍ୟ ସମ୍ରାଟ ଚୌଧରୀ କହିଛନ୍ତି, ପାରସଙ୍କ ସହ ଆଲୋଚନା ଚାଲିଛି। ପ୍ରକାଶ ଯେ, ୨୦୧୯ ଲୋକ ସଭା ନିର୍ବାଚନରେ ବିହାରରେ ଏନ୍‌ଡିଏ ୩୯ ଆସନ ଦଖଲ କରିଥିଲା। ଭାଜପା ୧୭, ଜେଡିୟୁ ୧୬ ଏବଂ ମିଳିତ ଏଲ୍‌ଜେପିକୁ ୬ ଆସନରେ ସଫଳତା ମିଳିଥିଲା। ଏଥର ବିହାରରେ ସମସ୍ତ ୭ ପର୍ଯ୍ୟାୟ (ଏପ୍ରିଲ ୧୯, ୨୬, ମେ' ୭, ୧୩, ୨୦, ୨୫ ଓ ଜୁନ୍ ୧)ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

| ବିହାର ଏନ୍‌ଡିଏ | ଲୋକ ସଭା ଆସନ: ୪୦ |
|---|---|
| ଭାଜପା | ୧୭ |
| ଜେଡିୟୁ | ୧୬ |
| ଏଲ୍‌ଜେପି (ରାମବିଳାସ) | ୫ |
| ଆର୍‌ଏଲ୍‌ଏମ୍ | ୧ |
| ଏଚ୍‌ଏଏମ୍ | ୧ |




# ଓସେପା ଅଫିସ୍‌କୁ ଧସେଇ ପଶିଲେ, ଧାରଣା ଦେଲେ

## ପାରଦର୍ଶୀ ପୋର୍ଟାଲରେ ପଞ୍ଜୀକରଣ କରୁନାହାନ୍ତି ଘରୋଇ ସ୍କୁଲ

- ପୋଲିସ-ଅଭିଭାବକଙ୍କ ମଧ୍ୟରେ ଧସ୍ତାଧସ୍ତି
- ଚେତାବନୀ ଦେଲା ଅଭିଭାବକ ସଂଘ


ଓସେପା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଅଭିଭାବକ ସଂଘ।

ଭୁବନେଶ୍ୱର, ୧୮।୩ (ଅସମାପିକା ସାହୁ)

ପାରଦର୍ଶୀ ପୋର୍ଟାଲରେ ବହୁ ଘରୋଇ ସ୍କୁଲ୍ ପଞ୍ଜୀକରଣ କରୁନାହାନ୍ତି। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ଫଳରେ ଗରିବ ପିଲାମାନେ ସରକାରଙ୍କ ମାଗଣା ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏପରି ଅନିୟମିତତାକୁ ବିରୋଧ କରି ଓଡ଼ିଶା ଅଭିଭାବକ ମହାସଂଘ ସୋମବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଅଫିସ ଘେରାଉ କରିଥିଲା। ପ୍ରାୟ ୩ଘଣ୍ଟା ଘେରାଉ କରିବା ପରେ ଅଧିକାରୀମାନେ ଆଲୋଚନା ନ କରିବାରୁ ଅଭିଭାବକମାନେ ଭିତରକୁ ଧସେଇ ପଶିଥିଲେ। ମୁଖ୍ୟ ଦ୍ୱାରକୁ ବନ୍ଦ କରି ଘେରାଉ କରିବା ସହ ସମ୍ମୁଖରେ ପୁଣି ଧାରଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ନିର୍ବାଚନ ଆଚରଣବିଧି ପାଇଁ ଆଲୋଚନା ନିମନ୍ତେ ମନା କରିଦେଇଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇବାକୁ ଚେଷ୍ଟା କରିବା ସମୟରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କିନ୍ତୁ ଅତିରିକ୍ତ ପୋଲିସ କମିଶନରଙ୍କ ଅନୁରୋଧ କ୍ରମେ ସମସ୍ୟା ସମାଧାନ ପାଇଁ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୋଲିସ ଗିରଫଦାରିରୁ ବିରତ ରହିଥିଲା। ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ମହାସଂଘ ଅନୁରୋଧ କରିଛି। ଯଦି ସମାଧାନ ନ ହୁଏ ହଜାର ହଜାର ଅଭିଭାବକ ଧାରଣାରେ ବସିବେ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟକୁ ତାଲା ପକାଇ ବନ୍ଦ ରଖାଯିବ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନକୁ ଶିକ୍ଷା ଅଧିକାର ଅଭିଭାବକ ସଂଘ ଆବାହକ କଳ୍ପନା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ପରିଚାଳନା କରିଥିବାବେଳେ ଉପଦେଷ୍ଟା ବିଜୟ କେତନ ନନ୍ଦ, ଦାଶରଥି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ମହାସଂଘର କହିବାନୁସାରେ, ଗତ ୨୦୨୩-୨୪ ବର୍ଷରେ ସମୁଦାୟ ୪,୨୬୪ ଘରୋଇ ସ୍କୁଲ ପାରଦର୍ଶୀ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଏହାର ସମୁଦାୟ ସିଟ୍ ସଂଖ୍ୟା ୬୦ ହଜାରରୁ ଅଧିକ ଥିଲା। ମହାସଂଘ ଚେଷ୍ଟାରେ ପ୍ରାୟ ୧୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାରଦର୍ଶୀ ପୋର୍ଟାଲରେ ନାମ ପଞ୍ଜୀକରଣ କରିଥିଲେ। ଚଳିତବର୍ଷ ସୋମବାର ସୁଦ୍ଧା ମାତ୍ର ୩,୨୫୦ଟି ଘରୋଇ ସ୍କୁଲ ପଞ୍ଜୀକରଣ କରିଛନ୍ତି ଓ ସିଟ୍ ସଂଖ୍ୟା ମାତ୍ର ୪୦ହଜାର ୨ଶହ ମଧ୍ୟରେ ରହିଛି। ଗତବର୍ଷ ତୁଳନାରେ ୨୦ହଜାରରୁ ଊର୍ଦ୍ଧ୍ୱ ସିଟ୍ କମିବା ଫଳରେ ଚଳିତ ବର୍ଷ ମାଗଣା ସିଟ୍‌ରେ ଗରିବ ଅନଗ୍ରସର ଶ୍ରେଣୀର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ବାଧାପ୍ରାପ୍ତ ହେବ। ଏହାକୁ ବିରୋଧ କରି ମହାସଂଘ ପକ୍ଷରୁ ବାରମ୍ବାର ବିଭାଗକୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବାଧ୍ୟହୋଇ ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା।

# ଗ୍ରୀଷ୍ମ ପ୍ରବାହ: ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି

## ଜରୁରିକାଳୀନ ଯୋଜନା କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୮।୩ (ଅନିଲଦାସ)

ରାଜ୍ୟରେ ଆସନ୍ତା ଏପ୍ରିଲ ଓ ମେ' ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ନିର୍ବାଚନ ତାରିଖ ଘୋଷଣା ହୋଇ ସାରିଥିବାରୁ ଏପ୍ରିଲ ଓ ମେ' ମାସରେ ପ୍ରଚାର ସରଗରମ ହେବ। ନିର୍ବାଚନ ସମୟ ହୋଇଥିବାରୁ ରାଲି ଓ ରାଜନୈତିକ କାର୍ଯ୍ୟକ୍ରମ ମଧ୍ୟ ବୃଦ୍ଧି ପାଇବ। ବହୁ ସଂଖ୍ୟାରେ ଜନ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ନିର୍ବାଚନ ପାଇଁ ଜରୁରିକାଳୀନ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଏସ୍‌ଆର୍‌ସି ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୋମବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଭାରତର



ନିର୍ବାଚନ କମିଶନର ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ମାର୍ଚ୍ଚରୁ ମେ' ମାସ ମଧ୍ୟରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ରାଜ୍ୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ଆଗୁଆ ଜରୁରିକାଳୀନ ପ୍ରସ୍ତୁତି କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ଗ୍ରୀଷ୍ମ ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ପାନୀୟ ଜଳ, ଅସ୍ଥାୟୀ ଆଶ୍ରୟସ୍ଥଳ, କାର୍ଯ୍ୟ ସମୟ ନିର୍ଘଣ୍ଟ, ସ୍କୁଲ ସମୟରେ ପରିବର୍ତ୍ତନ, ଉତ୍ତମ ଓ ଜରୁରିକାଳୀନ ଚିକିତ୍ସା ବ୍ୟବସ୍ଥା ଆଦି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ସମନ୍ୱୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତିକୁ ତଦାରଖ କରିବାକୁ ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି। ଯଦି ନିଜ ଜିଲାରେ କିଛି ଅପ୍ରାକୃତିକ ପରିସ୍ଥିତି ସୃଷ୍ଟି ହେବ ତୁରନ୍ତ ଏସ୍‌ଆର୍‌ସିଙ୍କ ଦୃଷ୍ଟିକୁ ଆଣିବାକୁ କୁହାଯାଇଛି।

# ସୀମାନ୍ତରୁ ମାଓବାଦୀ ଗିରଫ

ମାଲକାନଗିରି, ୧୮।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାର ଯବାନଙ୍କ ଦ୍ୱାରା ଜଣେ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସୋମବାର ଗିରଫ ହୋଇଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ତୋଙ୍ଗପାଲ ଜଙ୍ଗଲରେ ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନଙ୍କ ଦ୍ୱାରା ତଲାସି ସମୟରେ ଯବାନମାନେ ଜଙ୍ଗଲରେ କେତେଜଣ ବ୍ୟକ୍ତିଙ୍କୁ ଦେଖିଥିବା ବେଳେ ସେମାନେ ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରୁଥିଲେ। ତେବେ ଯବାନମାନେ ସେମାନଙ୍କୁ କାବୁ କରିବାକୁ ଚେଷ୍ଟାକରି ଜଣେ ବ୍ୟକ୍ତିଙ୍କୁ ଧରି ପଚରାଉଚରା କରିବାରୁ ସେ ନିଜ ନାମ ହିଡମା ମାଡ୍‌କାମି ବୋଲି କହିଥିଲେ। ସେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ମଧ୍ୟ କହିଥିଲେ। ଯବାନମାନେ ତାଙ୍କୁ ଗିରଫକରିତଦନ୍ତକରିବାରୁତାଙ୍କ ନାମରେ ୧ ଲକ୍ଷ ଟଙ୍କାର ଘୋଷଣା କରାଯାଇଥିବା ସହ ଅନେକ ହିଂସାକାଣ୍ଡରେ ସେ ଜଡ଼ିତ ଥିବା ଜାଣିବା ପରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ୨ ଦିନ ସାରା ରାଜ୍ୟରେ ଝଡ଼ବର୍ଷା: ସତର୍କ କଲା ପାଣିପାଗ ବିଭାଗ

**୪୫ରୁ ୫୫ କି.ମି. ବେଗରେ ବହିବ ପବନ, କୁଆପଥର ବର୍ଷା ସମ୍ଭାବନା**

ଭୁବନେଶ୍ୱର, ୧୮।୩ (ଅନିଲଦାସ)

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳ ଦେଇ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ନୟାଗଡ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କଟକ, ଗଞ୍ଜାମ, ନୟାଗଡ, କନ୍ଧମାଳ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ଝଡ଼ପବନ ସହ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବା ଆକଳନ କରିଛନ୍ତି। ପବନର ବେଗ ଘଣ୍ଟା ପ୍ରତି ୪୫ରୁ ୫୫ କି.ମି. ରହିବ ବୋଲି ଅନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଜପତି, ସୁନ୍ଦରଗଡ଼, ଦେବଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଏଲୋ ୱାର୍ନିଂ ଜାରି କରାଯାଇଛି।



**ଆଜିର ମନ୍ତବ୍ୟ**
" ଅଦାଲତ ଥରେ ରାୟ ଦେବା ପରେ ତାହା ଖୋଲା ବିତର୍କ ପାଇଁ ଦେଶର ସମ୍ପତ୍ତି ପାଲଟି ଯାଇଥାଏ। ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ଫେବୃଆରୀ ୧୫ ରାୟର କାର୍ଯ୍ୟକାରିତା ନେଇ ଆମେ ଚିନ୍ତିତ।
– ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାମସଙ୍ଗ ମୋବାଇଲର ନୂତନ ମଡେଲ ଉନ୍ମୋଚନ, ସ୍ଥାନ: ୱେଲକମ ହୋଟେଲ, ପାତ୍ରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ବିଜେଡି ମଧ ଆଶାୟୀ ପ୍ରାର୍ଥୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜେନା କମ୍ପ୍ଲେକ୍ସ, ବାପୁଜୀ ନଗର, ସମୟ: ଅପରାହ୍ନ ୪ଟା ୧୫।
- ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କ୍ରିଷ୍ଟାଲ ହଲ୍, ମେ' ଫେୟାର କନ୍‌ଭେନଶନ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୦ତମ ବାର୍ଷିକୋତ୍ସବ, ସ୍ଥାନ: ଶିକ୍ଷାକେନ୍ଦ୍ର ପରିସର, ନନ୍ଦନକାନନ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀଶ୍ରୀ ମଦନମୋହନ ଜୀଉ ଦୁର୍ଗା କମିଟି କାଠଗଡ଼ା ସାହି ଆନୁକୂଲ୍ୟରେ ସୁନା ବିମାନର ଉଦ୍‌ଘାଟନ, ସ୍ଥାନ: କାଠଗଡ଼ା ସାହି, ସମୟ: ସକାଳ ୯ଟା ୩୦।
- ଧବଳେଶ୍ୱରୀଙ୍କ ପୀଠରେ ଯଜ୍ଞୋତ୍ସବ, ସ୍ଥାନ: ପାରାବିଲ, କଟକ ସଦର, ସମୟ: ଅପରାହ୍ନ ୨ଟା।
- ଦୋଳ ମେଳଣ ଓ ସାମାଜିକ ନାଟକ କାର୍ଯ୍ୟକ୍ରମ, ସ୍ଥାନ: ଓଟିଏମ୍ ଦୋଳଯାତ୍ରା ପଡ଼ିଆ, ଚୌଦ୍ୱାର, ସମୟ: ସନ୍ଧ୍ୟା ୬ଟା। କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ପ୍ରଦର୍ଶନ, ସମୟ: ରାତି ୧୦ଟା।
- ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ସ୍ମୃତି ସମାରୋହ, ସ୍ଥାନ: ଶାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଜିଲାସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୨୦ତମ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଓ ହରିହାଟ, ସ୍ଥାନ: ପାଟପୁର ହାଟସାହି, ନିମାପଡ଼ା, ସମୟ: ପ୍ରାତଃ ୫ଟା ଓ ହରିହାଟ ସନ୍ଧ୍ୟା ୬ଟା।
- ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପୁରୀ କ୍ଲବ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ମଣିକର୍ଣ୍ଣେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଜଳଯାତ୍ରା, ସ୍ଥାନ: ମୁଣ୍ଡଳ ଗ୍ରାମ, ଜଟଣୀ, ସମୟ: ସକାଳ ୮ଟା।
- ଉତ୍କଳ ଶାକାହାରୀ ରଙ୍ଗଣି ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: ଶ୍ରୀରଘୁନାଥ ପୀଠ, ସଂପୁର, ବୋଲଗଡ଼, ସମୟ: ସକାଳ ୯ଟା।
- ବୋଲଗଡ଼ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ୫୫ତମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଶ୍ରୀଭଗବତ ମନ୍ଦିର ପରିସର, ନୂଆସାହି, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ତାରେଶ୍ୱର ଦେବ ମନ୍ଦିର ପରିସର, ବାଙ୍କୋଇ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ମିଳିତ ଜନଶୁଣାଣି, ସ୍ଥାନ: ଖଇରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦୁଇ ଦିବସୀୟ ଜାତୀୟ ସମ୍ମିଳନୀ(ଆରଟିପିଏଏ ଏମ୍-୨୦୨୪), ସ୍ଥାନ: ପିଜି କାଉନସିଲ୍ ହଲ୍, ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟ୍ରାଇଡେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜି ସହ ଏମଓୟୁ ସ୍ୱାକ୍ଷର, ସ୍ଥାନ: ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଟିପିଏନ୍‌ଓଡିଏଲର ସଚେତନତା ଶିବିର, ସ୍ଥାନ: ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ମୟୂରଭଞ୍ଜ ଆଥ୍‌ଲେଟିକ ଆସୋଶିଏସନ ପକ୍ଷରୁ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଖେଳାଳି ଚୟନ, ସ୍ଥାନ:ମଧୁବନ ମିନି ଷ୍ଟାଡିୟମ, ସମୟ:ସକାଳ ୯ଟା।
- ଆୟୁର୍ବେଦିକ ଚିକିତ୍ସା ଶିବିର,ସ୍ଥାନ:ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଖ ପଡ଼ିଆ, ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା।
- ସିପିଏଲ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:କଲେଜ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।
- ହେଲ୍‌ପିଂ ହ୍ୟାଣ୍ଡ ମୟୂରଭଞ୍ଜ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ, ସ୍ଥାନ: ପିଆର୍‌ଏମ୍ ମେଡିକାଲ କଲେଜ, ବାରିପଦା, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଜଗନ୍ନାଥ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ତିହିଡ଼ି ବ୍ଲକ ଅଧୀନ ତାଳପଦା, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଦେବତାଗଡ଼ିଆ, ଚିଲୋ, ବନ୍ତ, ସମୟ: ସକାଳ ୯ଟା।
- ଉତ୍କଳ କେଶରୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭାରତ ବିକାଶ ପରିଷଦ ଶାଖା ଉଦ୍‌ଘାଟନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ନାରାୟଣ ପ୍ରସାଦ କର ଟ୍ରଷ୍ଟ ଆନୁକୂଲ୍ୟରେ ଜାନକୀ ପାଢ଼ୀଙ୍କ କବିତା ସଂକଳନ 'ସୁଧା ଚନ୍ଦନ'ର ଲୋକାର୍ପଣ, ସ୍ଥାନ :ଜଗନ୍ନାଥ ମନ୍ଦିର, ଭଦ୍ରକ ବାଇପାସ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ଅଧିକାରୀଙ୍କୁ ତାଲିମ୍, ସ୍ଥାନ: ଯୋଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ସ୍ଥାନ: ଯୋଡ଼ା ଭ୍ୟାଲି କ୍ଲବ୍, ସମୟ: ପୂର୍ବାହ୍ନ ୧୦ଟା।
- ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀ ସମାବେଶ, ସ୍ଥାନ: କେନ୍ଦୁଝର କାଳୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ନୟାଗଡ଼, ଆନନ୍ଦପୁର, ସମୟ: ସନ୍ଧ୍ୟା ୫ଟା।
- ୩ ଦିନ ଧରି ବାଦିପାଲା, ସ୍ଥାନ: ଜଳସୁଆଁ, ଆନନ୍ଦପୁର,ସମୟ: ରାତି ୧୦ଟା।

## ଗଞ୍ଜାମ
- ନାମଯଜ୍ଞ ଆରମ୍ଭ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଦୁଗୁଲୁଣ୍ଡା, ସମୟ: ସକାଳ ୬ଟା।
- ଚବିଶି ପ୍ରହର ନାମଯଜ୍ଞ, ସ୍ଥାନ: ବୁଗୁଡା ଏକଡାଲ, ସମୟ: ସକାଳ ୬ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୃଗ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୋଲସରା ବ୍ଲକ ମାରଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡ଼ିର ମିଶ୍ରଣ ପର୍ବ, ସ୍ଥାନ: ଭଞ୍ଜନଗର ଟାଉନ୍ ହଲ୍, ସମୟ: ଅପରାହ୍ନ ୫ଟା।
- ଚୈତନ୍ୟ ମହାପ୍ରଭୁଙ୍କ ଅଖଣ୍ଡ ଚବିଶି ପ୍ରହର, ସ୍ଥାନ: ଛତ୍ରପୁର ବାସନାପୁଟି, ସମୟ: ଅପରାହ୍ନ ୫ଟା ୫୪।

## କନ୍ଧମାଳ
- ଏସ୍‌ଏଚ୍‌ଜି ପ୍ରଡ୍ୟୁସର ଗ୍ରୁପ ଗଠନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦାରିଙ୍ଗବାଡି ଜାଗୃତି ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଭୋଟର ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କୋଟିଆ ପଞ୍ଚାୟତ, ସମୟ: ସକାଳ ୮ଟା।
- ଅଗ୍ନିଗଙ୍ଗାମା'ଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବନ୍ଧୁଗାଁସ୍ଥିତ ମା'ଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ଶର୍ମାଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାସ୍ଥ୍ୟ ବିଭାଗର ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଭାଜପାର ଜନ ସମ୍ପର୍କ ଶିବିର, ସ୍ଥାନ: ଏମ୍‌ଭି ୧୦୯ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ମହିଳା ଆରୋଗ୍ୟ ସମିତିର ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ସହରାଞ୍ଚଳ ଚିକିତ୍ସା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ତାଲିମ ଶିବିର, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ତାଲିମ ଶିବିର, ସ୍ଥାନ: ବିଏଡ୍ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଭାଗବତ ସପ୍ତାହ ପାରାୟଣ ଆରମ୍ଭ, ସ୍ଥାନ: ଦେଓଗାଁ ବ୍ଲକ ସାଲେପାଲି ଗୌନ୍ତିଆପଡା, ସମୟ: ସକାଳ ୭ଟା ୩୦।
- ରାମେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଯଜ୍ଞ ଓ ପାରାୟଣ, ସ୍ଥାନ: ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନି, ସମୟ: ସକାଳ ୮ଟା।
- ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଅସୀଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ବ୍ଲକ ମନିଗାଁ ଗ୍ରାମ ପଞ୍ଚାୟତ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ବିଶ୍ୱଶାନ୍ତି ଛପନ ପ୍ରହରୀ ନାମ ଯଜ୍ଞର ସପ୍ତମ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକର କେନ୍ଦୁପାଲି ଗାଁ, ସମୟ: ସକାଳ ୬ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ସକାଶେ ଶୁଭାଧିବାସ, କଳସଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ଶୈବପୀଠ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ତୋରା ସୂତା ମିଲ୍ କାଳୀମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହରୀ ନାମଯଜ୍ଞ,ସ୍ଥାନ: କୋଇଡ଼ା ବ୍ଲକ କାଦଢ଼ିହା, ସମୟ: ସକାଳ ୬ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ ଅଧିବାସ, ସ୍ଥାନ: ହେମଗିର ବ୍ଲକ ଢେଲସରା, ସମୟ: ସକାଳ ୭ଟା।
- ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ଜାତୀୟ ଆଲୋଚନା ଚକ୍ର, ସ୍ଥାନ: କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ରାଉରକେଲା ଆଗମନ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକଳ୍ପର ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଏନ୍‌ଆଇଟି ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ଏନ୍‌ଆଇଟି କର୍ମଚାରୀ କ୍ଲବ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା।
- ବସନ୍ତ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ସମ୍ବଲପୁରୀ ବୈଠକ କୀର୍ତ୍ତନ, ସ୍ଥାନ: ରିଆମାଳ ବ୍ଲକ ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମ ଯଜ୍ଞ,ସ୍ଥାନ:ତିଲେଇବନି ବ୍ଲକ କୁରୁରାପୋଷୀ,ସମୟ: ପୂର୍ବାହ୍ନ୧୦ଟା।
- ଅଷ୍ଟପ୍ରହର ନାମ ଯଜ୍ଞ, ସ୍ଥାନ: ବାରକୋଟ ବ୍ଲକ କାଉନସିବାହଲ, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ମା' ତାରିଣୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ସକାଳ ୬ଟା।
- ଜିଲା କଂଗ୍ରେସ ପକ୍ଷରୁ ୧୦ଟି ଇସ୍ତାହାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ନିର୍ବାଚନ ପାଇଁ ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ମହାବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ଜିଲାସ୍ତରୀୟ ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଖଡ଼ିଆଳ ଲୋହରାପାଲି ମିଶନ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୋମନା ଲୋକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ରାତି ୧୧ଟା।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ହରଭଙ୍ଗା ବ୍ଲକ ପରଗଳପୁର ଗ୍ରାମ ମଣ୍ଡପ, ସମୟ: ସକାଳ ୬ଟା।
- ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ନୁର୍ପା ଗ୍ରାମ ମଣ୍ଡପ, ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତୀ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଅଁଳାପାଲି ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାର ଉଦ୍‌ଘାଟିତ, ସ୍ଥାନ: ବୌଦ୍ଧ ବ୍ଲକ ଅଁଳାପାଲି, ସମୟ: ସନ୍ଧ୍ୟା ୭ଟା ।
- ବହିରା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୌଦ୍ଧ ବ୍ଲକ ବହିରା ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ଶ୍ରୀ ରାମଚରିତ ମାନସ ପାରାୟଣର ସପ୍ତମ ଦିବସ, ସ୍ଥାନ: ଯାଉଁଳି ପୋଖରୀ ମଠ ପରିସର ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଫଗୁ ଦଶମୀ ବାର୍ଷିକ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ପଟାଖମଣ ଗ୍ରାମ କୋଠଘର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ଇସ୍କନ ପକ୍ଷରୁ ୨ ଦିନିଆ ହରେକୃଷ୍ଣ ମହୋତ୍ସବ, ସ୍ଥାନ: ପାରାଦୀପ ବଡ଼ପଡ଼ିଆ ବଣିକସଂଘ ପରିସର, ସମୟ: ସକାଳ ୬ଟା।
- ରୋଟାରୀ କ୍ଲବ ଅଫ୍ ଆମିଟି ପକ୍ଷରୁ ରାଜ୍ୟ ଭ୍ରମଣ କରୁଥିବା ଶ୍ରୀଜଗନ୍ନାଥ ରଥକୁ ପାରାଦୀପରେ ସ୍ୱାଗତ, ସ୍ଥାନ: ବଡ଼ପଡ଼ିଆ ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଏକବିଂଶତମ ଜାତୀୟ ନାଟ ମହୋତ୍ସବ, ସ୍ଥାନ: ପାରାଦୀପ ଜୟଦେବ ଭବନ, ସମୟ: ସନ୍ଧ୍ୟା୬ଟା।

## ନୟାଗଡ଼
- ରାମଚରିତ ମାନସ ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ପଶ୍ଚିମମୁଖା ହନୁମାନ ମନ୍ଦିର,ଖଣ୍ଡପଡା, ସମୟ: ସକାଳ ୮ଟା।
- ଶିତଳା ଠାକୁରାଣୀଙ୍କ ବାର୍ଷିକଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ଉତ୍ତର ପାର୍ଶ୍ୱ ଶିତଳା ଠାକୁରାଣୀ ମନ୍ଦିର, ସମୟ:ସକାଳ ୮ଟା।
- ଅଷ୍ଟ ପ୍ରହରୀ ଓ ନାମଯଜ୍ଞ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ନୂଆସାହି, ସମୟ: ସକାଳ ୮ଟା।
- ମହିଷାସୁଣୀ ପୀଠରେ ଦୋଳ ପରିକ୍ରମା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ରାତି ୮ଟା୩୦ ।
- ନୀଳମାଧବଙ୍କ ପୀଠରେ ଦୋଳ ପରିକ୍ରମା, ସ୍ଥାନ: କଣ୍ଟିଲୋ ଦୟଣାଚୋରି ବଗିଚା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ବ୍ରହ୍ମ ସନାତନ ଯଜ୍ଞ, ସ୍ଥାନ: ଅଭିରାମ ପରମହଂସ ଆଶ୍ରମ, ପାଣିଓଲା, ଡେରାବିଶ, ସମୟ: ସକାଳ ୮ଟା।
- ମା' କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ସପ୍ତମ ଜନ୍ମବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଶନିଦେବଙ୍କ ଯଜ୍ଞ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ୍ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଶନି ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଜଗତଗୁରୁ ଠାକୁର ଶ୍ରୀଅଭିରାମ ପରାମହଁସ ଦେବଙ୍କ ଷୋଡ଼ଶ ଉପଚାର ପୂଜା, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜେମାଶୁଣୀ ପୀଠ, ସମୟ: ସକାଳ ୬ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା,ସ୍ଥାନ: ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୭ମ ଦିନ, ସ୍ଥାନ : କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ରସୁଲପୁର ବ୍ଲକ୍ ରସୁଲପୁର ପଞ୍ଚାୟତ ସୁଆଁସାହି ଗ୍ରାମର ଗୌଡ଼ସାହି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବ୍ୟାସନଗର ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ପଡ଼ୋଶୀଙ୍କ ସହାନୁଭୂତିରୁ ପାରିବାରିକ ଜୀବନରେ ଟେନ୍‌ସନ ଟିକିଏ ମାତ୍ରରେ କମିଯିବ। ପ୍ରତ୍ୟେକ କାମରେ ସହଯୋଗ ଭିତ୍ତିରେ କାମକଲେ ଉପକାର ପାଇବେ। ଶିଳ୍ପ, ରପ୍ତାନି, ବାଣିଜ୍ୟ, ପରିବହନ, ପ୍ରଶାସନ ପ୍ରଭୃତିରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ବୃଷ**
ସକାଳୁ ବନ୍ଧୁମିଳନରୁ ଉତ୍ସାହିତ ହେବେ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ିଚିଡ଼ା ସ୍ୱଭାବଜନିତ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆପୋସ ଆଲୋଚନା ଦ୍ୱାରା ମାଲିମକଦ୍ଦମାର ସମାଧାନ ହୋଇଯାଇପାରେ। ସରକାରୀ ସହାୟତା ପାଇବେ।

**ମିଥୁନ**
କର୍ମ ପରିସର ବୃଦ୍ଧି ହେତୁ ଏକାଧିକ କାମରେ ଅନୁପ୍ରବେଶ କରିବାଜନିତ ବ୍ୟସ୍ତତା ବୃଦ୍ଧିପାଇବ। ମିଠା କଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲରେ ସମର୍ଥ ହେବେ। ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସି, ସାହିତ୍ୟ ତଥା ସାମ୍ବାଦିକତାରୁ ଖୁସି ରହିବେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ପୁରାତନ ରୋଗପୀଡ଼ା ଅନୁଭବ ହୋଇପାରେ।

**କର୍କଟ**
ଭାବପ୍ରବଣତାକୁ ଲଗାମଦେଇ ଚୁପ୍‌ଚାପ୍ ରହି ଆଗକୁ ବଢ଼ିଲେ ସବୁ ଠିକ୍ ହୋଇଯିବ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବେ। ସ୍ତ୍ରୀଙ୍କ ସହଯୋଗରୁ ରଚନାତ୍ମକ କାର୍ଯ୍ୟ, ଗବେଷଣା, ବାଣିଜ୍ୟ କ୍ଷେତ୍ରରେ ଉନ୍ନତି କରିବେ। ରାଜନୀତିରେ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ**
ନିଜ ପରିସରରେ ସ୍ନେହ, ଶ୍ରଦ୍ଧା ପାଇ ଆତ୍ମତୃପ୍ତି ଲାଭ କରିବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମକଲେ ଉପକାର ପାଇବେ।

**କନ୍ୟା**
ଦୂରଦର୍ଶିତା କାରଣରୁ କାର୍ଯ୍ୟ ହାସଲଜନିତ ମାନସିକ ସ୍ଥିତି ଭଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ବହୁ ଦିନରୁ ଆଶା କରିଥିଲେ ତାହା ଆଜି ପାଇବେ। ବିତର୍କରେ ଅଂଶଗ୍ରହଣକରି ସାଧାରଣ ଘଟଣାରୁ ସୃଷ୍ଟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ରାଜନୀତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ସ୍ଥାନାନ୍ତର ପରିପ୍ରେକ୍ଷୀରେ ଉଚ୍ଚକର୍ତ୍ତୃପକ୍ଷ ସହଯୋଗର ପ୍ରତିଶ୍ରୁତି ଦେବେ। ରଚନାତ୍ମକ କାମ, କଳାସଂସ୍କୃତି, ମନୋରଞ୍ଜନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିପାରନ୍ତି।

**ବିଛା**
ଅତୀତର ସ୍ମୃତି ରୋମନ୍ଥନକରି ଅବସାଦଗ୍ରସ୍ତ ହୋଇପାରନ୍ତି। ଅନ୍ୟ ମନସ୍କତା ପରିହାରକରି ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତିରେ ଯୋଗ ଦେଲେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ଧନୁ**
ବିବାଦୀୟ ମନ୍ତବ୍ୟଜନିତ କିମ୍ବା ପରିବାରରେ ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। ସାମାଜିକ କ୍ଷେତ୍ରରେ ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ବନ୍ଧୁ ପରିଜନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ନିଜର ଦକ୍ଷତା ଓ ସହଯୋଗୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜି ପରିବାରରେ କେତେକ ବ୍ୟତିକ୍ରମ କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ବାତବ୍ୟାଧି ଜନିତ ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ**
ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ତିକ୍ତତା ଯୋଗୁ ମନ ଭଲ ରହିବ ନାହିଁ। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ। ବ୍ୟକ୍ତିଗତ ଅସୁବିଧା ନିରାକରଣ ଦିଗରେ ଆତ୍ମୀୟସ୍ୱଜନ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆର୍ଥିକ ଅନଟନ ଲାଗିରହିବା କାରଣରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯିବ।

**ମୀନ**
ବିଶିଷ୍ଟ ବ୍ୟକ୍ତିଙ୍କ ଆମନ୍ତ୍ରଣ ରକ୍ଷାକରି ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ନିର୍ଦ୍ଦିଷ୍ଟ ସମୟରେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ମାନସିକ ବ୍ୟସ୍ତତାର କାରଣ ହୋଇପାରେ। ପରିବାରରେ ସ୍ତ୍ରୀଙ୍କ ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସହକର୍ମୀଙ୍କ ବଦାନ୍ୟତାରୁ ଆର୍ଥିକ ସ୍ଥିତି କେତେକାଂଶରେ ବଦଳିଯାଇପାରେ।

ଆଜି ମାର୍ଚ୍ଚ ୧୯ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ମଙ୍ଗଳବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୧।୩୭ ମି. ଗତେ କର୍କଟ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୫୪ ଗତେ, ଘ.୧୦।୪୨ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୪ ମଧ୍ୟେ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୪ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ୬ ରାଜ୍ୟର ଗୃହ...


ବିବେକ ସହାୟ

ମ୍ୟୁନିସିପାଲ କମିଶନର, ଆଡିଶନାଲ କମିଶନର ଓ ଡେପୁଟି କମିଶନରମାନଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ମହାରାଷ୍ଟ୍ର ସରକାର କାର୍ଯ୍ୟକାରୀ କରି ନ ଥିଲେ। ଫଳରେ ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ସଚିବଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀମାନଙ୍କୁ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ସିଇସିଙ୍କ ସହ ଦୁଇ ଇସି ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ବୈଠକ କରିଥିଲେ। ପ୍ରକାଶ ଯେ, ଅଷ୍ଟାଦଶ ଲୋକ ସଭା ପାଇଁ ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୪ରେ ଭୋଟ ଗଣତି କରାଯିବ।

## ସୁନ୍ଦରଗଡ଼ରେ ମଧ୍ୟପ୍ରଦେଶ...

ଜଙ୍ଗଲକୁ ବାଘ ଚାଲି ଆସିଥିବା ସେ ଉଲ୍ଲେଖ କରିଛନ୍ତି। ଏଥିସହ ୨୦ବର୍ଷ ପରେ ସୁନ୍ଦରଗଡ଼ ଜିଲାରେ ମହାବଳ ବାଘ ଦେଖାଦେଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତେବେ ବାଘଟି ଛତିଶଗଡ଼ ଦେଇ ଓଡ଼ିଶାରେ ପହଞ୍ଚିଥିବା ଅନୁମାନ କରାଯାଉଛି।

ସେପଟେ ସୁନ୍ଦରଗଡ଼ ବଣାଇଁ ବନଖଣ୍ଡ ରସୁଆଁ ରେଞ୍ଜ ଅନ୍ତର୍ଗତ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ମହାବଳବାଘ ଠାବ ହୋଇଥିବା ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଜଣାଇଛନ୍ତି। ସେ କହିଛନ୍ତି, ବଣାଇଁ ବନଖଣ୍ଡରେ ପ୍ରଥମଥର ବାଘ ଦେଖିବାକୁ ମିଳିଛି। ଉକ୍ତ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ୨୦୨୩ ଏପ୍ରିଲଠାରୁ ୧୦୦ରୁ ଉର୍ଦ୍ଧ୍ୱ କ୍ୟାମେରା ଲଗାଯାଇ ହିଂସ୍ର ଜୀବଜନ୍ତୁଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ଗତ ଫେବୃଆରୀ ୨୬ ଓ ୨୭ରେ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଏହି ମହାବଳ ବାଘ କ୍ୟାମେରାରେ କଏଦ ହୋଇଥିଲା। ରସୁଆଁ ଏବଂ କୋଇଡ଼ା ରେଞ୍ଜ୍‌ର ସଂରକ୍ଷିତ ଜଙ୍ଗଲରେ ଲଗାଯାଇଥିବା କ୍ୟାମେରାରେ ୧୨ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବିଲୁପ୍ତପ୍ରାୟ ବନ୍ୟ ପ୍ରାଣୀମାନଙ୍କ ଫଟୋ ସହିତ ଏହି ବାଘର ଫଟୋ କଏଦ ହୋଇଥିଲା। ଆଗକୁ ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ତୋଡ଼ା ଜଙ୍ଗଲରେ ଆହୁରି ୪୦ କ୍ୟାମେରା ଲଗାଯିବା ସହ ଅଞ୍ଚଳରେ ବସବାସ କରୁଥିବା ସମସ୍ତଙ୍କୁ ସଚେତନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ପ୍ରଥମଥର ପାଇଁ ବାଘ ଗଣନା କରିଥିଲେ। ୨୦୨୩ ଅକ୍ଟୋବର ୧୫ରୁ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ରାଜ୍ୟର ୪୭ଟି ବନଖଣ୍ଡରେ ଏହି ଗଣନା ହୋଇଥିଲା। ମୋଟ ୧,୪୩୨ଟି କ୍ୟାମେରା ଟ୍ରାପ ଲଗାଯାଇଥିଲା ଏବଂ ୫୬୭ଟି ଫଟୋ ଉଠାଯାଇଥିଲା। ସରକାରଙ୍କ ରିପୋର୍ଟଅନୁସାରେ, ରାଜ୍ୟର ବିଭିନ୍ନ ଜଙ୍ଗଲରେ ୩୦ ମହାବଳ ବାଘ ରହିଛନ୍ତି। ଏମାନଙ୍କ ମଧ୍ୟରେ ୮ଟି ଶାବକ ରହିଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ସର୍ବାଧିକ ୨୭ଟି ବାଘ ଥିବାବେଳେ ୧୩ଟି ମେଲାନିଷ୍ଟିକ ବା କଳାବାଘ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

## ୨୧ ସୁଦ୍ଧା ବଣ୍ଡ୍‌ର...

ପୀଠ କହିଛନ୍ତି। ନିର୍ବାଚନ କମିଶନ ଉକ୍ତ ତଥ୍ୟ ପାଇବା ପରେ ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଉକ୍ତ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପରଡ଼ିୱାଲ ଏବଂ ମନୋଜ ମିଶ୍ରା ରହିଛନ୍ତି।

ଗତ ମାସ ୧୫ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ କ୍ରମେ ଇଲେକ୍ଟୋରାଲ ବଣ୍ଡ୍‌କୁ ଅସାମ୍ବିଧାନିକ ଦର୍ଶାଇ ଉକ୍ତ ଯୋଜନାକୁ ରଦ୍ଦ କରିଦେଇଥିଲେ। ଉକ୍ତ ବଣ୍ଡ୍ ଜରିଆରେ କେଉଁମାନେ କେତେ ଟଙ୍କା ଦେଇଛନ୍ତି ଏବଂ କେଉଁ ଦଳ ତାହା ପାଇଛନ୍ତି, ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବାକୁ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏତେ କମ୍ ସମୟ ମଧ୍ୟରେ ସବୁ ତଥ୍ୟ ସଂଗ୍ରହ କରିବା ସମ୍ଭବ ନୁହେଁ କହି ଏସ୍‌ବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ କରିଥିବା ଆବେଦନକୁ ଅଦାଲତ ଖାରଜ କରିଦେବା ସହ ୨୪ ଘଣ୍ଟା ମଧ୍ୟରେ ତଥ୍ୟ ଦେବା ପାଇଁ କହିଥିଲେ। ତଦନୁଯାୟୀ ଏସ୍‌ବିଆଇ ପ୍ରଦାନ କରିଥିବା ତଥ୍ୟକୁ ଗତ ୧୫ ତାରିଖରେ ନିର୍ବାଚନ କମିଶନ ସାର୍ବଜନୀନ କରିଥିଲେ। ତେବେ ଏସ୍‌ବିଆଇ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଆରମ୍ଭଠାରୁ ତଥ୍ୟ ନ ଦେଇ କେବଳ ୨୦୧୯ ଏପ୍ରିଲରୁ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ ତଥ୍ୟ ଦେଇଥିଲା। ସେହିପରି ଇଲେକ୍ଟୋରାଲ ବଣ୍ଡ୍‌ଗୁଡ଼ିକର ନମ୍ବର ମଧ୍ୟ ଏସ୍‌ବିଆଇ ଦେଇ ନ ଥିଲା। ଏଥିପାଇଁ ସୁପ୍ରିମକୋର୍ଟ ଗତ ଶୁକ୍ରବାର ଏସ୍‌ବିଆଇକୁ ଭର୍ତ୍ସନା କରିବା ସହ ଆଲ୍‌ଫାନ୍ୟୁମେରିକ୍ ନମ୍ବର ପ୍ରକାଶ ନ କରିବାର କାରଣ ଜଣାଇବାକୁ ନୋଟିସ ଜାରି କରିଥିଲେ।



## ଶୃଙ୍ଖଳିତ, ଅବାଧ...

କାରବାର ରୋକିବାକୁ ଆଲୋଚନା ହୋଇଥିଲା। ଏହାସହ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପରିବେଷଣ ରୋକାଯିବା ସଂକ୍ରାନ୍ତରେ ମଧ୍ୟ ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ରାଜ୍ୟର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଆର.କେ.ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଗୋଇନ୍ଦା ଆଇଜିପି ଅନୁପ ସାହୁ, ଅପରେଶନ ଆଇଜି ଦେବଦତ୍ତ ସିଂହ, ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗର ଡିଆଇଜି ଉମାଶଙ୍କର ଦାଶ, ଏସ୍.ପି(ହେଡକ୍ୱାର୍ଟର୍ସ) ବି. ଗଙ୍ଗାଧରଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ସୀମାବର୍ତ୍ତୀ ଜିଲାଗୁଡିକର ଏସ୍‌ପିମାନେ ଉପସ୍ଥିତ ଥିଲେ।

# ପାଣି ପାଇଁ ରାସ୍ତାରେ ମହିଳା

ଠାକୁରମୁଣ୍ଡା,୧୮।୩
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅନ୍ତର୍ଗତ ମିଟୁଆଣି ଗ୍ରାମ ୧୧ନଂ.ୱାର୍ଡର ମହିଳାମାନେ ପାନୀୟ ଜଳ ପାଇଁ ସୋମବାର ୮ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କେଶଡିହା- ନୂଆସାହି ପ୍ରଧାନମନ୍ତ୍ରୀ ସଡ଼କରେ ବସି ରହିଥିଲେ। ଖବରପାଇ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ରମେଶ ସିଂ ଘଟଣାସ୍ଥଳରେ ପହଞ୍ଚି ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।


ରାସ୍ତାରୋକୋ କରିଥିବା ମହିଳାମାନେ।

ସୂଚନା ଅନୁଯାୟୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ମିଟୁଆଣି ଗ୍ରାମରେ ଥିବା ପାଣି ଟାଙ୍କିରୁ ୧୧ନଂ. ୱାର୍ଡକୁ ପାଣି ପାଇପ ସଂଯୋଗ କରା ଯାଇନାହିଁ। ଏହାର ପ୍ରତିବାଦରେ ମହିଳାମାନେ ରାସ୍ତା ଅବରୋଧ ପାଇଁ ନିଷ୍ପତ୍ତି ନେଇଥିଲେ। ଗତ ୧୪ ତାରିଖରେ ଏହି ୱାର୍ଡର ମହିଳାମାନେ ପାନୀୟ ଜଳ ଯୋଗାଇବା ଦାବିରେ ଗରା,ବାଲ୍‌ଟି ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ୱାର୍ଡରେ ଥିବା ୨ଟି ନଳକୂପରୁ ନାଳି ପାଣି ବାହାରୁଥିବାରୁ ସାହିର ଲୋକମାନେ ଏହି ପାଣି ବ୍ୟବହାର କରିପାରୁ ନାହାଁନ୍ତି। ଅନ୍ୟ ପକ୍ଷରେ ଖରାଦିନରେ ପାନୀୟ ଜଳ ସମସ୍ୟା ଜଟିଳ ହେବାର ସମ୍ଭାବନା ଥିବା ବେଳେ ଗ୍ରାମରେ ପାଣି ଟାଙ୍କି ଥିଲେ ମଧ୍ୟ ସାହିକୁ ପାଇପ୍ ସଂଯୋଗ ନ ହେବା କାରଣରୁ ଏହି ୱାର୍ଡବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଆସୁଥିବା ଅଭିଯୋଗ କରିଛନ୍ତି।

# 'ପୋଲିସ ଠିକ୍ ଭାବେ ତଦନ୍ତ କରୁନି'

## ବିଧାୟକ ବିଜୟଶଙ୍କରଙ୍କ ବିରୋଧରେ ରୁଜୁ ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୋମାଲିକା

କଟକ,୧୮।୩ (କାର୍ତ୍ତିକ ସାହୁ)

ପୁଣି ଚର୍ଚ୍ଚାରେ ବିଜେଡି ବିଧାୟକ ବିଜୟଶଙ୍କର ଦାସ। ଜଗତ୍‌ସିଂହପୁର ଥାନାରେ ବିଧାୟକ ବିଜୟଶଙ୍କରଙ୍କ ବିରୋଧରେ ହୋଇଥିବା ମାମଲାରେ ପୋଲିସ ଠିକ୍ ଭାବେ ତଦନ୍ତ କରୁ ନ ଥିବା ଦର୍ଶାଇ ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାସ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ରୁଜୁ ମାମଲାରେ ବିଧାୟକ ବିଜୟଶଙ୍କର ଏବଂ ଜଗତ୍‌ସିଂହପୁର ଏସ୍‌ପିଙ୍କ ସମେତ ୫ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି।


ସୋମାଲିକା ଦାସ

ସୂଚନାଯୋଗ୍ୟ, ବିଧାୟକ ବିଜୟଶଙ୍କର ତାଙ୍କର ପୂର୍ବତନ ବାନ୍ଧବୀ ସୋମାଲିକାଙ୍କୁ ବିବାହ କରିବା ପାଇଁ ୨୦୨୨ ମେ' ୧୭ରେ ଜଗତ୍‌ସିଂହପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏହାପରେ ଜୁନ ୧୭ରେ ଉଭୟ ଉପସ୍ଥିତ ରହି ବିବାହ କରିଥାନ୍ତେ। ହେଲେ ସୋମାଲିକା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ବି ବିଜୟଶଙ୍କର ଉପସ୍ଥିତ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ସୋମାଲିକା ଜଗତ୍‌ସିଂହପୁର ଥାନାରେ ବିଜୟଶଙ୍କରଙ୍କ ବିରୋଧରେ ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ଦାଏର କରିଥିଲେ। ଏହି ମାମଲାରେ ପୋଲିସ ତତ୍ପରତା ନ ଦେଖାଇବାରୁ ସୋମାଲିକା ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ବିଚାରାଧୀନ ଥିବାବେଳେ ବିଜୟଶଙ୍କର କଟକ ଅରୁଣୋଦୟ ନଗର ଅଞ୍ଚଳର ପ୍ରତ୍ୟୁଷା ନନ୍ଦଙ୍କୁ ବିବାହ କରିବାକୁ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ (ସବ୍‌ରେଜିଷ୍ଟ୍ରାର)ଙ୍କ ନିକଟରେ ଗତ ସେପ୍ଟେମ୍ବର ୨୧ରେ ପଞ୍ଜୀକରଣ ନିମନ୍ତେ ଆବେଦନ କରିଥିଲେ। ସୋମାଲିକା ଏହା ଜାଣିବା ପରେ ପଞ୍ଜୀକରଣ ଅଧିକାରୀଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନ ରଦ୍ଦ କରିବାକୁ ଦାବି କରିଥିଲେ। ବିଜୟଶଙ୍କର ତାଙ୍କ ଆବେଦନରେ ପ୍ରତ୍ୟୁଷାଙ୍କୁ ଅବିବାହିତା ବୋଲି ଦର୍ଶାଇଥିବା ସୋମାଲିକା ଅଭିଯୋଗ କରିଥିଲେ। ପ୍ରତ୍ୟୁଷା ବିବାହିତା ଓ ସେ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି ବୋଲି ସୋମାଲିକା ପଞ୍ଜୀକରଣ ଅଧିକାରୀଙ୍କୁ ଅବଗତ କରାଇବା ସହ ବିଜୟଶଙ୍କର ଆବେଦନରେ ଭୁଲ ତଥ୍ୟ ଦେଇଥିବା ଦର୍ଶାଇଥିଲେ। ଏ ନେଇ ପଞ୍ଜୀକରଣ ଅଧିକାରୀ ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତ ପ୍ରମାଣ ଦାଖଲ କରିବାକୁ ସୋମାଲିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଞ୍ଜୀକରଣ ଅଧିକାରୀ ତଥ୍ୟ ପ୍ରମାଣ ଯାଞ୍ଚ କରି ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ ଓ ବିଜୟଶଙ୍କରଙ୍କୁ ହାଜର ହେବା ପାଇଁ ନୋଟିସ କରିଥିଲେ। ମାତ୍ର ବିଜୟଶଙ୍କର ହାଜର ହୋଇ ନ ଥିଲେ। ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତ ପ୍ରମାଣ ସୋମାଲିକା ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ସେହିପରି ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇ ଛାଡ଼ପତ୍ର ଦଲିଲ ଦାଖଲ କରିଥିଲେ। ପୂର୍ବରୁ ପ୍ରତ୍ୟୁଷାଙ୍କ ସହ ତାଙ୍କର ବିବାହ ହୋଇଥିଲା ଓ ପରେ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଥିବା ସେ ଅବଗତ କରାଇଥିଲେ। ସୋମାଲିକା ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କ ପ୍ରଦତ୍ତ ପ୍ରମାଣ ଆଧାରରେ କଟକ ପଞ୍ଜୀକରଣ ଅଧିକାରୀ ବିଜୟଶଙ୍କରଙ୍କ ବିବାହ ପଞ୍ଜୀକରଣ ଆବେଦନକୁ ଖାରଜ କରିଦେଇଥିଲେ।

# ଆବେଦନ ଗ୍ରହଣ କଲେନି ହାଇକୋର୍ଟ

## ସରକାରୀ ବିଜ୍ଞାପନରେ ଶଙ୍ଖ ଚିହ୍ନ ବ୍ୟବହାରକୁ ବିରୋଧ କରି ମାମଲା

କଟକ,୧୮।୩(କାର୍ତ୍ତିକ ସାହୁ)

ସରକାରୀ ବିଜ୍ଞାପନରେ ବିଜୁ ଜନତା ଦଳ (ବିଜେଡି)ର ଶଙ୍ଖ ଚିହ୍ନ ବ୍ୟବହାରକୁ ବିରୋଧ କରି ହାଇକୋର୍ଟରେ ରୁଜୁ ମାମଲା ବିଚାର ପାଇଁ ଗ୍ରହଣ ହୋଇନାହିଁ। ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଏ ସଂକ୍ରାନ୍ତ ମାମଲା ବିଚାରାଧୀନ ଥିବାରୁ ହାଇକୋର୍ଟ ଆବେଦନ ଗ୍ରହଣ ନ କରି ମାମଲାର ଅନ୍ତ ଘଟାଇଛନ୍ତି। ଅପରପକ୍ଷରେ ଇସିଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ ଆବେଦନକାରୀ ପୁନର୍ବାର ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଭାଜପା ନେତା ଯତୀନ ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା।

ପ୍ରକାଶ ଯେ, ରାଜ୍ୟ ସରକାର ବିଭିନ୍ନ ଯୋଜନା ନେଇ ବହୁଳ ଭାବେ ବିଜ୍ଞାପନ ଦେବା ଓ ବିଜ୍ଞାପନଗୁଡ଼ିକରେ ବିଜେଡିର ଦଳୀୟ ଚିହ୍ନ ଶଙ୍ଖ ବ୍ୟବହାର ବନ୍ଦ କରିବାକୁ ଆବେଦନକାରୀ ପ୍ରଥମେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ କୋଟି କୋଟି ଟଙ୍କା ବିଜ୍ଞାପନ ବାବଦରେ ଖର୍ଚ୍ଚ କରୁଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟ ନିର୍ବାଚନ ଆଇନର ଉଲ୍ଲଂଘନ କରୁଛି। ପୁଣି ବିଜ୍ଞାପନଗୁଡ଼ିକରେ ଶଙ୍ଖ ଚିହ୍ନ ବ୍ୟବହାର ନିର୍ବାଚନ ଚିହ୍ନ ନିୟମାବଳୀ-୧୯୬୮ର ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ମହାନ୍ତି ଇସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଇସି ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେ ପ୍ରଥମେ ସୁପ୍ରିମକୋର୍ଟ ଯାଇଥିଲେ। ପରେ ଦିଲ୍ଲୀ ହାଇକୋର୍ଟ ଓ ଶେଷରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ହେବା ପୂର୍ବରୁ ନିର୍ବାଚନ କମିଶନ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଉଭୟ ରାଜ୍ୟ ସରକାର ଏବଂ ବିଜେଡିକୁ ଜବାବ ଦେବାକୁ ନୋଟିସ୍ କରିଥିଲେ। କମିଶନ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିବାରୁ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

# ବଜ୍ରପାତ: ଜଳିଗଲେ ବିଟେକ୍ ଛାତ୍ର

ଭୋଗରାଇ, ୧୮।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ସୋମବାର ସକାଳୁ ସକାଳୁ ପ୍ରବଳ ବର୍ଷା ସହ ଘନ ଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ଚିଙ୍ଗୁଡ଼ିଝିଲ୍ଲୀ ଦେଖିବାକୁ ଯାଇଥିବା ଜଣେ ଯୁବକ ଚାଳଘରେ ଆଶ୍ରୟ ନେଇଥିଲେ। ବଜ୍ରପାତରେ ଚାଳଘର ଜଳିଯିବା ସହ ଯୁବକଜଣକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଟୁକୁରୀହାଜିରା ଗ୍ରାମରେ। ମୃତ ଯୁବକ ହେଲେ ହରେନ୍ଦ୍ର ପରାମାଣିକଙ୍କ ଏକମାତ୍ର ପୁଅ ରଞ୍ଜନ ପରାମାଣିକ (୨୩)। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜର ବିଟେକ ଶେଷବର୍ଷ ଛାତ୍ର ଥିଲେ।


ରଞ୍ଜନ

ଗାଁ ଲୋକେ ଭୋଗରାଇ ପୋଲିସ ଓ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦେଇଥିଲେ। ଏହି ଦୁଇ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଯୁବକଙ୍କ ପୋଡ଼ିଯାଇଥିବା ଶରୀରର ହାଡ଼ ସଂଗ୍ରହ କରିଫେରିଛନ୍ତି। ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ରଞ୍ଜନଙ୍କ ଏଭଳି ମୃତ୍ୟୁକୁ ପରିବାର ଲୋକେ ଓ ଆତ୍ମୀୟସ୍ୱଜନ ସହଜରେ ଗ୍ରହଣ କରିପାରିନାହାନ୍ତି। କାନ୍ଦବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ। ଅନ୍ୟପକ୍ଷରେ ପସରବିନ୍ଧା ଗ୍ରାମର କୃଷ୍ଣଚନ୍ଦ୍ର ଘଡ଼ାଇଙ୍କ ସ୍ତ୍ରୀ ପୂର୍ଣ୍ଣିମା (୨୨) ଝଡ ବର୍ଷା ବେଳେ ଘରେ ରହି ମୋବାଇଲରେ ଚିକଟକ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ମହିଳାଜଣକ ଗୁରୁତର ହୋଇଛନ୍ତି। ତାଙ୍କୁ ଜଳେଶ୍ୱରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘରେ ଥିବା ତାଙ୍କ ୩ ବର୍ଷର ଝିଅ ସମେତ ୬ଜଣ ସାମାନ୍ୟ ଅସୁସ୍ଥ ହୋଇଛନ୍ତି।

# ସୁସ୍ଥ ହୋଇ ଏସ୍‌ସିବିରୁ ଫେରିଲେ କମଳା ପୂଜାରୀ

କଟକ,୧୮।୩(ଶିଖା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଗତ ୭ଦିନ ଧରି ଚିକିତ୍ସାଧୀନ ଥିବା ପଦ୍ମଶ୍ରୀ କମଳା ପୂଜାରୀ ସୁସ୍ଥ ହେବା ପରେ ସୋମବାର ଡିସ୍‌ଚାର୍ଜ ହୋଇଛନ୍ତି। ତାଙ୍କୁ ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କୋରାପୁଟ ପଠାଯାଇଛି। ସୂଚନା ଅନୁଯାୟୀ, କମଳା ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ୧୧ ତାରିଖରେ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ୧୨ତାରିଖରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇ ମେଡିସିନ ବିଭାଗ ଆଇସିୟୁରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତାଙ୍କଠାରେ ରକ୍ତହୀନତା, ଜ୍ୱର ଓ ମୂତ୍ର ସଂକ୍ରମଣ ଲକ୍ଷଣ ଦେଖିବାକୁ ମିଳିଥିଲା। ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା ଚାଲିଥିଲା। ଏନେଇ ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି ଯେ, ପଦ୍ମଶ୍ରୀ କମଳା ପୂଜାରୀ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏଥିସହ ଠିକ୍‌ସମୟରେ ଔଷଧ ଖାଇବା, ନିଜ ଖାଦ୍ୟର ଯତ୍ନ ନେବା ଓ ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦିଆଯାଇଛି। ଡାଏଲିସିସ୍‌ର କୌଣସି ଆବଶ୍ୟକ ପଡ଼ିନାହିଁ। ଯଦି ଆଗାମୀ ଦିନରେ ଏହାର ଆବଶ୍ୟକ ପଡ଼େ ତେବେ କୋରାପୁଟ ମେଡିକାଲରେ ବ୍ୟବସ୍ଥା କରାଯିବ। ସୋମବାର ତାଙ୍କୁ ଏସ୍‌ସିବିରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କୋରାପୁଟ ପଠାଯାଇଛି। ଅନ୍ୟପଟେ କମଳା କହିଛନ୍ତି, ସୁସ୍ଥ ହୋଇ ବହୁତ ଖୁସି ଅନୁଭବ କରୁଛି। ଏସ୍‌ସିବିର ସମସ୍ତ ଡାକ୍ତର ବହୁତ ଭଲ ଏବଂ ମୋତେ ସୁସ୍ଥ କରିଥିବାରୁ ଧନ୍ୟବାଦ ଜ୍ଞାପନ କରୁଛି।

# ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମୃତ

ଠାକୁରମୁଣ୍ଡା, ୧୮।୩
(ତାରାକାନ୍ତ ପଟ୍ଟନାୟକ)

ବଜ୍ରପାତ ସମୟରେ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ବଜ୍ରପାତର ଶିକାର ହେଲେ ସ୍ୱାମୀ। ସ୍ତ୍ରୀ ଉଦ୍ଧାର ପାଇଗଲେ, ହେଲେ ସ୍ୱାମୀ ଆରପାରିକୁ ଚାଲିଗଲେ। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ମାଣିକ ସାହିରେ। ମୃତକ ହେଲେ ବାଇଧର ସାମାଡ଼।

ସୋମବାର ଭୋର ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବାଇଧରଙ୍କ ସ୍ତ୍ରୀ ବୁଧୁନି ଘର ବାହାରେ ତାରରେ ଶୁଖାଯାଇଥିବା ଲୁଗା ଆଣିବାକୁ ଯାଇ ବଜ୍ରପାତର ଶିକାର ହୋଇ ତଳେ ପଡିଯାଇଥିଲେ। ସ୍ତ୍ରୀ ବାହାରେ ପଡିଥିବା ଦେଖି ବାଇଧର ତାଙ୍କୁ ଉଠାଇବାକୁ ଯାଇଥିବା ବେଳେ ପୁଣି ଆଉଥରେ ବଜ୍ରପାତ ହୋଇଥିଲା। ଫଳରେ ବାଇଧର ମଧ୍ୟ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ପରେ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଇଧରଙ୍କୁ ମୃତ ଘୋଷଣା କରିଥିଲେ। ସ୍ତ୍ରୀ ବୁଧୁନି ଅସୁସ୍ଥ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ମହୁଲଡ଼ିହା ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବାଇଧରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଅପମୃତ୍ୟୁ ମାମଲା(ନଂ. ୨୨/୨୪)ରୁଜୁ କରି ତଦନ୍ତ ଚଳାଇଛି।

ସୁଯୋଗ ହାତଛଡ଼ା ହେବା ପୂର୍ବରୁ
ତାହାର ଲାଭ ଉଠାଇନିଅନ୍ତୁ।
ଆପଣଙ୍କର ଅପ୍‌ଡେଟେଡ୍ ରିଟର୍ନ
ଆଜି ହିଁ ଫାଇଲ୍ କରନ୍ତୁ!

ନିର୍ଦ୍ଧାରଣ ବର୍ଷ ୨୦୨୧-୨୨ ପାଇଁ ଅପ୍‌ଡେଟେଡ୍ ରିଟର୍ନ ଫାଇଲ୍ କରିବାର ଶେଷ ତାରିଖ: ୩୧ ମାର୍ଚ୍ଚ ୨୦୨୪



ଆପଣ ନିର୍ଦ୍ଧାରଣ ବର୍ଷ ୨୦୨୨-୨୩ ଓ ନିର୍ଦ୍ଧାରଣ ବର୍ଷ ୨୦୨୩-୨୪ ପାଇଁ ମଧ୍ୟ ଅପ୍‌ଡେଟେଡ୍ ରିଟର୍ନ ଫାଇଲ୍ କରିପାରିବେ

ନିମ୍ନଲିଖିତ ମାମଲାଗୁଡ଼ିକରେ ଅପ୍‌ଡେଟେଡ୍ ରିଟର୍ନ ଫାଇଲ୍ କରାଯାଇପାରିବ:

- ଯଦି ମୂଳ ରିଟର୍ନ ଫାଇଲ୍ କରାଯାଇ ନ ଥାଏ
- ଯଦି ବିଳମ୍ବିତ ରିଟର୍ନର ଅନ୍ତିମ ତାରିଖ ହାତଛଡ଼ା ହୋଇଯାଇଥାଏ
- ଆୟ ସଠିକ୍ ଭାବେ ଘୋଷଣା କରାଯାଇ ନ ଥିବା କାରଣରୁ ମୂଳ ରିଟର୍ନକୁ ସଂଶୋଧନ କରାଯାଉଥିଲେ
- ଆୟ ପାଇଁ ଭୁଲ୍ ଶୀର୍ଷକ ଚୟନ କରାଯାଇଥିଲେ କିମ୍ବା ଭୁଲ୍ ଦରରେ ଟିକସ ପୈଠ କରାଯାଇଥିଲେ
- ଯଦି ଅଗ୍ରେନୀତ କ୍ଷତି କିମ୍ବା ଅଣସମଯୋଜିତ ମୂଲ୍ୟହ୍ରାସରେ କାଟ ଆବଶ୍ୟକ ହୋଇଥିବ
- ଯଦି ଏମ୍‌ଏଟି/ଏଏମ୍‌ଟି କ୍ରେଡିଟ୍‌ରେ କାଟ ଆବଶ୍ୟକ ହୋଇଥିବ
- ଯଦି ଆପଣ ଆୟକର ଅଧିନିୟମ, ୧୯୬୧ର ଧାରା ୧୩୩ (୬) ଅଧୀନରେ କାଟ/ ଛାଡ଼ ବାବଦୀୟ ଦାବି ପାଇଁ ନିର୍ଦ୍ଦିଷ୍ଟ ଦାବି ନିମନ୍ତେ ନୋଟିସ୍ ପାଇଥାନ୍ତି, ଯାହାର ଉପଯୁକ୍ତ ବ୍ୟାଖ୍ୟା / ପ୍ରମାଣ ଆପଣଙ୍କ ପାଇଁ ଉପଲବ୍ଧ ନ ଥିବ
- ଯଦି ଆପଣ ତ୍ରୁଟିପୂର୍ଣ୍ଣ କାଟ / ଛାଡ଼ ଦାବି କରିଥାନ୍ତି

| ଆପଣ ତା୩୧।୦୩।୨୦୨୪ରିଖ ସୁଦ୍ଧା ଆଇଟିଆର୍-ୟୁ ଫାଇଲ୍ କରିଥାନ୍ତି | ପୈଠଯୋଗ୍ୟ ଅତିରିକ୍ତ ଟିକସର ପରିମାଣ |
|---|---|
| ନିର୍ଦ୍ଧାରଣ ବର୍ଷ ୨୦୨୧-୨୨ ପାଇଁ | ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୫୦% |
| ନିର୍ଦ୍ଧାରଣ ବର୍ଷ ୨୦୨୨-୨୩ ଓ ନିର୍ଦ୍ଧାରଣ ବର୍ଷ ୨୦୨୩-୨୪ ପାଇଁ | ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୨୫% |

ଅଧିକ ସୂଚନା ପାଇଁ
ଦୟାକରି ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯ (୮ଏ) ଏବଂ ୧୪୦ବି (୩) ଦେଖନ୍ତୁ,
ବିଳମ୍ବ କରନ୍ତୁ ନାହିଁ, ଆଜି ହିଁ ଫାଇଲ୍ କରନ୍ତୁ

ଇ-ବ୍ରୋଚର୍ ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ www.incometax.gov.in
cbc 15401/13/0024/2324
@IncomeTaxIndia @IncomeTaxIndiaOfficial @IncomeTaxIndiaOfficial @Income Tax India @Income Tax India Official

ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଶ୍ବଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। –ଶ୍ରୀଅରବିନ୍ଦ

–ଦୋଳ ଯାତ୍ରାରମ୍ଭ, ଫଗୁ ଦଶମୀ ଓ ଶ୍ରୀଜୀଉଙ୍କ ଚାଚେରୀ ବେଶ



# ଶ୍ରମିକ ଅସୁରକ୍ଷିତ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଶିବଶକ୍ତି ଷ୍ଟୋନ୍ କ୍ରସରରେ ଚକା ବେଲ୍ଟ ଛିଣ୍ଡି ୧୭ ମାର୍ଚ୍ଚରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ଆହତ ହୋଇଥିଲେ। ମୃତକ ଶ୍ୟାମସୁନ୍ଦର ହାଁସଦା ଓ ଆହତ ଅନିଲ ସୋରେନଙ୍କ ଘର ପଶ୍ଚିମବଙ୍ଗ ବୋଲି ଜଣାପଡ଼ିଛି। ଓଡ଼ିଶାରେ ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରରେ ଏହା ଘଟି ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖନୀୟ ଯେ ବିଗତ ବର୍ଷଗୁଡ଼ିକରେ ଖୋର୍ଦ୍ଧା, ଯାଜପୁର ଓ କେନ୍ଦୁଝର ଜିଲାରେ ଅନେକ ବେଆଇନ କ୍ରସରକୁ ବନ୍ଦ କରାଯାଇଛି। କିନ୍ତୁ ଏବେ ଚାଲୁଥିବା କ୍ରସରଗୁଡ଼ିକ ଯୋଗୁ ହେଉଥିବା ପ୍ରଦୂଷଣ ଓ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେବଳ କ୍ରସର ନୁହେଁ ପଥର ଖାଦାନ, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅନେକ ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନେ ଦୁର୍ଘଟଣାରେ ମୃତାହତ ହେଉଥିବା ଖବର ମଧ୍ୟ ପ୍ରକାଶ ପାଉଛି। ଦୁର୍ଘଟଣା ଘଟିବାର କିଛିଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। କିନ୍ତୁ ଶ୍ରମିକଙ୍କ ଭାଗ୍ୟରେ କିଛି ପରିବର୍ତ୍ତନ ଦେଖାଯାଏ ନାହିଁ। ଶ୍ରମିକଙ୍କ ମୃତ୍ୟୁ ଘଟିଲେ କିମ୍ବା ଅକର୍ମଣ୍ୟ ହୋଇଗଲେ ଯତ୍‌କିଞ୍ଚିତ୍ କ୍ଷତିପୂରଣରେ ପରିବାରଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ଉଦାହରଣ ସ୍ୱରୂପ, ଓଡ଼ିଶାର କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଆଦି ଜିଲାରୁ ଆନ୍ଧ୍ର, ତେଲେଙ୍ଗାନାକୁ ଦାଦନ ଶ୍ରମିକ ଭାବେ ଅନେକେ ଯାଉଛନ୍ତି। ସେଠାରେ ଇଟାଭାଟି କିମ୍ବା କୌଣସି କାରଖାନାରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ମୃତ୍ୟୁ ଘଟିଲେ କିମ୍ବା ଆହତ ହେଲେ ସେମାନଙ୍କ ନାଁ ଓ ଗାଁ ଠିକଣା ଜଣାପଡ଼େ। ସେମାନଙ୍କ ମୃତଦେହ ଅଣାଯାଏ କିମ୍ବା ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରାଆନ୍ତି। କିନ୍ତୁ ତା'ପର ସ୍ଥିତିରେ ସେମାନଙ୍କ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ନିଘା ନ ଥାଏ। ସାଧାରଣତଃ ରାଜ୍ୟରୁ କେତେ ସଂଖ୍ୟକ ଶ୍ରମିକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି କିମ୍ବା ରାଜ୍ୟ ଭିତରେ ବିଭିନ୍ନ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଛନ୍ତି, ତାହାର ବିବରଣୀ ଜାଣିବା କଷ୍ଟକର। ଏହାର ପ୍ରମାଣ କୋଭିଡ୍ ସମୟରେ ସାମ୍ନାକୁ ଆସିଥିଲା। ସେତେବେଳେ ଏ ସଂକ୍ରାନ୍ତ ତଥ୍ୟ କାହା ପାଖରେ ନ ଥିଲା। ଏବେ ବି ଏହାର ପୂର୍ଣ୍ଣ ତାଲିକା ପାଇବା ସମ୍ଭବ ନୁହେଁ। ପାଶ୍ଚାତ୍ୟରେ ଶ୍ରମିକମାନଙ୍କୁ ଉପଯୁକ୍ତ ତାଲିମ ଦିଆଯିବା ସହ ସେମାନଙ୍କ ଶାରୀରିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ କରାଯାଇଥାଏ। ହେଲେ ଓଡ଼ିଶା ସମେତ ଭାରତର ସ୍ଥିତି ଦେଖିଲେ ବିଭିନ୍ନ ବିପଦପୂର୍ଣ୍ଣ କାରଖାନାଠାରୁ ଆରମ୍ଭ କରି ନିର୍ମାଣ କ୍ଷେତ୍ର ଯାଏ ବିନା ପ୍ରଶିକ୍ଷଣରେ ଅଧିକାଂଶ ଶ୍ରମିକ କାମ କରନ୍ତି। ଏଠାରେ ଯେହେତୁ କମ୍ପାନୀ କିମ୍ବା ସଂସ୍ଥାର ମାଲିକ ଏହି ସୂକ୍ଷ୍ମ ତଥା ନିତାନ୍ତ ଜରୁରୀ ଦିଗ ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ, ସେହି ଦୃଷ୍ଟିରୁ ଦେଖିଲେ ଦୁର୍ଘଟଣା ବଢ଼ିଯାଉଛି। ଏଥିସହିତ ଶ୍ରମ ଆଇନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟନିର୍ଘଣ୍ଟାଠାରୁ ଅଧିକ ସମୟ ଶ୍ରମିକ କାମ କରୁଥିବାରୁ ସେମାନଙ୍କ ଉପରେ ଚାପ ରହୁଛି। ଶାରୀରିକ ଓ ମାନସିକ କ୍ଷେତ୍ରରେ ସେମାନେ ପ୍ରଭାବିତ ହେଉଛନ୍ତି। ଶ୍ରମିକମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସର୍ବାଧିକ ପ୍ରଭାବିତ ହେଉଛନ୍ତି। କେବଳ ଶ୍ରମିକ ନୁହନ୍ତି, ସେମାନଙ୍କ ପରିବାର ମଧ୍ୟ ଅନେକାଂଶରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ ଜାତୀୟସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଆଇନ ରହିଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଠିକ୍ ଭାବେ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଶ୍ରମିକ ସୁରକ୍ଷା ମାନକ ପାଳନ କରାଯାଉ ନାହିଁ, ଯାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଉତ୍ତରାଖଣ୍ଡ ସିଲ୍‌କେରା ଟନେଲ୍ ଦୁର୍ଘଟଣା ସମୟରେ। ଏହା ସ୍ପଷ୍ଟ ଯେ ଭାରତର ଅର୍ଥ ବ୍ୟବସ୍ଥାରେ ଶ୍ରମ ଭାଗୀଦାରିର ଯଥେଷ୍ଟ ଭୂମିକା ରହିଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ। ଅନ୍ୟପକ୍ଷରେ ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଉଛି। କେବଳ କାରଖାନାରେ ମୃତ ଶ୍ରମିକଙ୍କ ଉଦାହରଣ ନେଲେ ଏହା ସହଜରେ ବୁଝିହେବ। 'ଇଣ୍ଡିଆ ସ୍ପେଣ୍ଡ୍' ଦ୍ୱାରା ପ୍ରାପ୍ତ ଆରଟିଆଇ ତଥ୍ୟ ଅନୁଯାୟୀ ୨୦୧୮ରୁ ୨୦୨୦ ମଧ୍ୟରେ ୩,୩୩୧ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ବେଳେ ମାତ୍ର ୧୪ ଜଣଙ୍କ ବିରୋଧରେ ଫ୍ୟାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିର୍ମାଣ କ୍ଷେତ୍ରକୁ ଯଦି ବିଚାରକୁ ନିଆଯାଏ, ତେବେ କୌଣସି କ୍ଷେତ୍ରରେ ଶ୍ରମିକଙ୍କ ମୃତ୍ୟୁ ହେଲେ ଇଞ୍ଜିନିୟର କିମ୍ବା ଠିକାଦାରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ। ଉଲ୍ଲେଖନୀୟ ଯେ ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତ ଅଣସଂଗଠିତ କ୍ଷେତ୍ର ସହ ଜଡ଼ିତ। ତେଣୁ ଶ୍ରମ ବଜାରର ଏକ ବୃହତ୍ ବର୍ଗଙ୍କ ସୁରକ୍ଷାକୁ ଅଣଦେଖା କରିଚାଲିଲେ ଏକ ଉତ୍ପାଦନକ୍ଷମ ତଥା ସମୃଦ୍ଧ ରାଷ୍ଟ୍ର ଗଠନ କଷ୍ଟକର ହୋଇପଡ଼ିବ।

ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତ ଅଣସଂଗଠିତ କ୍ଷେତ୍ର ସହ ଜଡ଼ିତା ତେଣୁ ଶ୍ରମ ବଜାରର ଏକ ବୃହତ୍ ବର୍ଗଙ୍କ ସୁରକ୍ଷାକୁ ଅଣଦେଖା କରିଚାଲିଲେ ଏକ ଉତ୍ପାଦନକ୍ଷମ ତଥା ସମୃଦ୍ଧ ରାଷ୍ଟ୍ର ଗଠନ କଷ୍ଟକର ହୋଇପଡ଼ିବ

# ଅର୍ଥନୀତି ଓ ପରିବେଶ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଅର୍ଥନୀତି ହେଉଛି ଦ୍ରବ୍ୟ ଓ ସେବା ଉତ୍ପାଦନ, ବଣ୍ଟନ ଏବଂ ବ୍ୟବହାରର ଏକ ବ୍ୟବସ୍ଥା, ଯାହା ପରିଶେଷରେ ଏକ ଗୋଷ୍ଠୀ ମଧ୍ୟରେ ସମ୍ବଳର ବିତରଣକୁ ନିର୍ଦ୍ଧାରିତ କରେ। ଏହା ସାଧାରଣତଃ ଅଞ୍ଚଳଭିତ୍ତିକ ହୋଇଥାଏ, ଯେପରିକି ଏକ ରାଷ୍ଟ୍ର କିମ୍ବା ସହରର ଅର୍ଥନୀତି। ଏହା ଉକ୍ତ ଅଞ୍ଚଳରେ ଉପଲବ୍ଧ ଥିବା ସମ୍ବଳ ଓ ଧନସମ୍ପତ୍ତିକୁ ନେଇ ନିର୍ଣ୍ଣିତ ହୁଏ। ଏକ ସୁବ୍ୟବସ୍ଥିତ ଅର୍ଥ ବ୍ୟବସ୍ଥା ବିନା ଗୋଟିଏ ରାଷ୍ଟ୍ର ପ୍ରଗତିପଥରେ ଅଗ୍ରସରହେବା ଅସମ୍ଭବ ଏବଂ ଏହାର ଅବନତି ଅବଶ୍ୟମ୍ଭାବୀ ହୁଏ। ଆଧୁନିକ ଅର୍ଥବ୍ୟବସ୍ଥାରେ କୌଣସି ବ୍ୟକ୍ତି କିମ୍ବା ବ୍ୟବସାୟିକ ସଂସ୍ଥା ବାହ୍ୟ ବ୍ୟବସାୟ ଅଥବା ଅନ୍ତର୍ଜାତୀୟ ସମ୍ପ୍ରଦାୟର ଲୋକଙ୍କ ସହିତ ସାମଗ୍ରୀ ଓ ସେବା ପ୍ରଦାନର ବାଣିଜ୍ୟ କରିବାରେ ସମର୍ଥ ଏବଂ ରାଷ୍ଟ୍ରର ସୀମା ବାହାରୁ ଦେଶ ମଧ୍ୟକୁ ପୁଞ୍ଜିନିବେଶ ରୂପେ ପାଣ୍ଠିର ପ୍ରବାହ ସମ୍ଭବପର ହେଉଛି। ଏବେ ହେଉଛି ଜଗତୀକରଣ ଏବଂ ଉଦାରୀକରଣର ଯୁଗ, ଯାହା ବ୍ୟବସାୟ କାର୍ଯ୍ୟକୁ ବିଶ୍ୱବ୍ୟାପୀ ବିସ୍ତାରିତ ଏବଂ ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ସମ୍ପ୍ରତି ଯୋଗାଯୋଗ ବ୍ୟବସ୍ଥାର ଅଗ୍ରଗତି, ବୈଷୟିକ କ୍ଷେତ୍ରର ପ୍ରଗତି ଏବଂ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରର ଉନ୍ନତି ଦ୍ୱାରା ଏହା ସହଜସାଧ୍ୟ ହୋଇଛି। ସାମଗ୍ରିକ ଭାବରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବାସହ ମାନବ ଜୀବନଶୈଳୀ ଓ ବସ୍ତୁବାଦୀ ଚିନ୍ତାଧାରାରେ ପ୍ରଭୂତ ପରିବର୍ତ୍ତନ ଘଟିଛି। କିନ୍ତୁ ଏସବୁ ପ୍ରକ୍ରିୟାର ପରିଣାମରେ ଯେଉଁ ଉଲ୍ଲେଖନୀୟ ନକାରାତ୍ମକ ଘଟଣାର ସୂତ୍ରପାତ ହୋଇଛି, ତାହା ହେଉଛି ପ୍ରକୃତି–ପରିବେଶର ଗୁଣାତ୍ମକ ମାନରେ ଅବକ୍ଷୟ।

ସାମ୍ପ୍ରତିକ ଅର୍ଥନୀତିର ପରିବର୍ତ୍ତିତ ରୂପରେ ମାନବ ପରିବେଶ କିପରି ଚାପଗ୍ରସ୍ତ ଏବଂ କ୍ଷତିଗ୍ରସ୍ତ ହୋଇଚାଲିଛି, ତାହା ହେଉଛି ଆଜିର ପ୍ରମୁଖ ପ୍ରସଙ୍ଗ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବିଶ୍ୱସନୀୟ ଅଗ୍ରଗତି ଏବଂ ମାନବ ସଭ୍ୟତାର ପ୍ରଗତି ସହିତ ଅର୍ଥନୈତିକ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଛି ସତ, କିନ୍ତୁ ବହୁ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ପ୍ରକୃତି ଓ ପରିବେଶର ଅବକ୍ଷୟର କାରଣ ପାଲଟିଛି। ଖଣିଜ ଉତ୍ତୋଳନ, ପ୍ରକ୍ରିୟାକରଣ, ଶିଳ୍ପ ଉତ୍ପାଦନ, ପରିବହନ, ବ୍ୟବହାର ଏବଂ ଏ ସମସ୍ତ ପ୍ରକ୍ରିୟାରୁ ନିର୍ଗତ ବର୍ଜ୍ୟପଦାର୍ଥ ଦ୍ୱାରା ଦୁଇଟି ନକାରାତ୍ମକ ଘଟଣା ସଂଘଟିତ ହେଉଛି। ପ୍ରକୃତିରେ ଗଚ୍ଛିତ ସୀମିତ ସମ୍ପଦ କ୍ରମଶଃ ନିଃଶେଷ ହୋଇଚାଲିବା ସହ ପରିବେଶ ମଧ୍ୟକୁ କ୍ଷତିକାରକ ବର୍ଜ୍ୟବସ୍ତୁ ନିଷ୍କାସନ ବୃଦ୍ଧି ଘଟି ଏହାର ଗୁଣାତ୍ମକ ମାନରେ ଅବନତି ହେବା ସହ ପ୍ରାକୃତିକ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ପ୍ରଦୂଷିତ ପରିବେଶର ଗୁଣବତ୍ତାର ଉନ୍ନତିସାଧନ ନିମନ୍ତେ ଅଧିକ ଖର୍ଚ୍ଚର



ବିନିଯୋଗ ହେଉଛି, ଯାହା ଅର୍ଥନୀତି ଉପରେ ଚାପ ସୃଷ୍ଟିକରୁଛି। ଉପଭୋକ୍ତାବାଦ ମାନସିକତାର ପ୍ରସାରଣ କ୍ରମଶଃ ଆମର ପରିବେଶୀୟ ପାଦଚିହ୍ନକୁ ତୀବ୍ରତର କରୁଛି। ଅତଏବ ପ୍ରଚଳିତ ଅସହନୀୟ ମାର୍ଗରେ ସାଧିତ ହେଉଥିବା ବିକାଶ ପ୍ରକ୍ରିୟା ଏବଂ ଏହା ଉପରେ ନିର୍ଭରଶୀଳ ଅର୍ଥନୀତି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରକୃତି ତଥା ପରିବେଶ ନିମନ୍ତେ କ୍ଷତିକାରକ ସାବ୍ୟସ୍ତ ହେଉଛନ୍ତି। ଯେହେତୁ ମାନବଜାତି ସମେତ ସମଗ୍ର ଜୀବଜଗତର ସ୍ୱାସ୍ଥ୍ୟ ପରିବେଶର ଗୁଣବତ୍ତା ଦ୍ୱାରା ନିୟନ୍ତ୍ରିତ, ସେଥିପାଇଁ ସମସ୍ତ ଜୀବଜନ୍ତୁ ବହୁବିଧ ରୋଗ ଓ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ହୋଇ ମୂଲ୍ୟ ତୁଲାଉଛନ୍ତି।

ଅର୍ଥନୈତିକ ପ୍ରଗତି ଦୃଷ୍ଟିରୁ ପ୍ରଚଳିତ ରୈଖିକ ଅର୍ଥନୀତି ଏବଂ ପରିବେଶ ବିଶେଷଜ୍ଞମାନେ ପ୍ରୋତ୍ସାହିତ କରୁଥିବା ବୃତ୍ତାକାର ଅର୍ଥନୀତିର ତୁଳନାତ୍ମକ ଚିତ୍ର ଉପସ୍ଥାପନର ଆବଶ୍ୟକତା ରହିଛି। ପୃଥିବୀରେ ଶିଳ୍ପ ବିପ୍ଳବର ପ୍ରସାରଣ ଦୃଶ୍ୟପଟ୍ଟର ରୈଖିକ ଅର୍ଥନୀତିର ଢାଞ୍ଚା ସ୍ଥାପିତ ହେଲା, ଯାହା ସ୍ୱଳ୍ପକାଳୀନ ଭିତ୍ତିରେ ଅନେକ ଲାଭ ପ୍ରଦାନକରି ମାନବଜାତିକୁ ଆକୃଷ୍ଟ କଲା। ପ୍ରଥମଥର ପାଇଁ କଳକାରଖାନା ମାଧ୍ୟମରେ କଞ୍ଚାମାଲ ରୂପେ ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଦ୍ୱାରା ବହୁଳ ଭାବରେ ସାମଗ୍ରୀ ସବୁର ଉତ୍ପାଦନ ସକ୍ଷମ ହେଲା। ଏପରି ଅର୍ଥନୈତିକ ରୂପାନ୍ତରଣ ମାଧ୍ୟମରେ ଆମେରିକା ଓ ୟୁରୋପର ଶିଳ୍ପପ୍ରଧାନ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଧନିକ ସମାଜରେ ପରିଣତ ହେଲେ। ବିଶ୍ୱ ଜନସଂଖ୍ୟାରେ ବୃଦ୍ଧି ଘଟିଲା ଏବଂ ବହୁସଂଖ୍ୟକ ଲୋକ ଦାରିଦ୍ର୍ୟ ବଳୟରୁ ମୁକ୍ତହେଲେ। 'କଞ୍ଚାମାଲ ଆଣ–ପ୍ରକ୍ରିୟାକରଣ କର– ବର୍ଜ୍ୟ ନିଷ୍କାସନ କର' (ଟେକ୍–ମେକ୍–ୱେଷ୍ଟ) ବୋଲି ଅଭିହିତ ହେଉଥିବା ଏହି ଅର୍ଥନୀତିରେ ପ୍ରାକୃତିକ ଉତ୍ସର ବ୍ୟବହାରରେ କାରଖାନାରେ ଉତ୍ପାଦ ପ୍ରସ୍ତୁତ ହୋଇ ବଜାରକୁ ଆସେ, ଖାଉଟିଙ୍କ ଦ୍ୱାରା ବ୍ୟବହୃତ ହୁଏ ଏବଂ ପରିଶେଷରେ ଅବ୍ୟବହୃତ କିଛିଅଂଶ ଆବର୍ଜନା ରୂପେ ପରିବେଶକୁ ନିଷ୍କାସିତ ହୁଏ। ଏଥିରେ ଉତ୍ପାଦ ଏବଂ ସାମଗ୍ରୀ ସାଧାରଣତଃ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ ବ୍ୟବହୃତ ହୁଅନ୍ତି ନାହିଁ। ଏହାର ନାମ ଯାହା ସୂଚାଏ, ଏହା ସର୍ବଦା ଗୋଟିଏ ଦିଗରେ ହିଁ ଗତିକରେ – କଞ୍ଚାମାଲରୁ ଆବର୍ଜନା ପର୍ଯ୍ୟନ୍ତ। ଏହି ଅର୍ଥନୀତି ଏକ ପ୍ରଦୂଷଣକାରୀ ପଦ୍ଧତି, ଯାହା ପ୍ରାକୃତିକ ପ୍ରକ୍ରିୟା ସବୁକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ଅବକ୍ଷୟ ଏବଂ ପରିବେଶ ଅସନ୍ତୁଳନ ପରି ଅନେକ ବିଶ୍ୱସ୍ତରୀୟ ଆହ୍ୱାନର କାରକ ରୂପେ ଏହା କାର୍ଯ୍ୟକରେ। ଏହାର ପ୍ରଭାବରେ ପ୍ରାକୃତିକ ସମ୍ବଳ ଏବଂ ଭୂଦୃଶ୍ୟର ତ୍ରୁଟିପୂର୍ଣ୍ଣ ପରିଚାଳନା ହେଉଛି; ମୃତ୍ତିକାର ମାନରେ ଅବନତି ଘଟୁଛି; ନଦୀ, ସମୁଦ୍ର ସହ ଅଧିକାଂଶ ଜଳଉତ୍ସ ପ୍ରଦୂଷିତ ହେଉଛି; ମଧୁରଜଳର ଉପଲବ୍ଧି ଏକ ବିଷମ ସମସ୍ୟା ହୋଇଛି; ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସମସ୍ୟାକୁ ବହୁଗୁଣିତ କରୁଛି; ଜଙ୍ଗଲସମ୍ପଦ ଏବଂ ବନ୍ୟଜନ୍ତୁ ବିପଦଗ୍ରସ୍ତ ହେଉଛନ୍ତି ଏବଂ ସାମଗ୍ରିକ ଭାବରେ ଏହି ଅର୍ଥନୀତି।

ଅନ୍ୟପକ୍ଷରେ ବୃତ୍ତାକାର ଅର୍ଥନୀତି ହେଉଛି 'ଉତ୍ପାଦନ–ବ୍ୟବହାର–ପୁନଃବ୍ୟବହାର/ପୁନଃଚକ୍ରଣ'ର ଏକଚାକ୍ରିକ ବ୍ୟବସ୍ଥା, ଯେଉଁଥିରେ ସାମଗ୍ରୀ ସହଜରେ ବର୍ଜ୍ୟବସ୍ତୁ ରୂପେ ନିଷ୍କାସିତ ହୁଏନାହିଁ ଏବଂ ପ୍ରାକୃତିକ ଉତ୍ସର ପୁନରୁଦ୍ଧାର ଘଟେ। ଏଥିରେ ରକ୍ଷଣାବେକ୍ଷଣ, ପୁନଃବ୍ୟବହାର, ପୁନଃନିର୍ମାଣ, ପୁନଃଉତ୍ପାଦନ, ପୁନଃଚକ୍ରଣ ଏବଂ କମ୍ପୋଷ୍ଟିଂ ପରି ପ୍ରକ୍ରିୟା ମାଧ୍ୟମରେ ଉତ୍ପାଦ ଏବଂ ସାମଗ୍ରୀର ପୁନର୍ବାର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଏ। ବର୍ଜ୍ୟବସ୍ତୁ ଭିତ୍ତିକ ରୈଖିକ ଅର୍ଥନୀତିକୁ ପରିବର୍ତ୍ତିତ କରି ଏଠାରେ ବର୍ଜ୍ୟପଦାର୍ଥ କଞ୍ଚାମାଲ ରୂପେ ବାରମ୍ବାର ବ୍ୟବହୃତ ହୁଏ। ଏହାଦ୍ୱାରା ଉତ୍ପାଦଗୁଡ଼ିକର ଜୀବନଚକ୍ର ଲମ୍ବା ସମୟ ପର୍ଯ୍ୟନ୍ତ ବିସ୍ତାରିତ ହୁଏ ଏବଂ ପରିବେଶକୁ ବର୍ଜ୍ୟବସ୍ତୁର ପ୍ରବେଶ ସର୍ବନିମ୍ନକୁ ହ୍ରାସପାଏ। ପରିଣାମରେ ସମ୍ବଳର ସଂରକ୍ଷଣ ଏବଂ ପ୍ରକୃତିର ପୁନରୁତ୍ଥାନ ସମ୍ଭବପର ହୁଏ। ବୃତ୍ତାକାର ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଆବଶ୍ୟକତାର ପୂରଣ ସହିତ ଆମକୁ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ଅବକ୍ଷୟର ମୁକାବିଲା ଦିଗରେ ସାଧନ ଯୋଗାଏ। ସବୁଜଗୃହ ବାଷ୍ପ ନିର୍ଗମନ, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପ୍ରଦୂଷଣକୁ ନିୟନ୍ତ୍ରିତ କରିବାସହ ଏହା ଆମକୁ ସମୃଦ୍ଧ ହେବା, ନିଯୁକ୍ତି ସୁଯୋଗ ବୃଦ୍ଧିକରିବା ଏବଂ ସ୍ଥିରତା ବଜାୟ ରଖିବାକୁ ସାମର୍ଥ୍ୟ ପ୍ରଦାନକରେ।

ପାନୀୟ ବୋତଲ ସବୁର ପୁନଃବ୍ୟବହାର ନିମନ୍ତେ ସଂଗ୍ରହ ଏବଂ ପୁନଃଚକ୍ରଣ ପଦ୍ଧତି ଅନୁସରଣ କରିବା ଅଥବା ବର୍ଜିତ ଜୈବିକ ପଦାର୍ଥକୁ କମ୍ପୋଷ୍ଟିଂ ମାଧ୍ୟମରେ ଖତରେ ରୂପାନ୍ତରିତ କରିବା ବୃତ୍ତାକାର ପ୍ରଣାଳୀର ପ୍ରମୁଖ ଉଦାହରଣ। ଶିଳ୍ପକ୍ଷେତ୍ରର ଏକ ଉପଯୁକ୍ତ ଦୃଷ୍ଟାନ୍ତ ହେଉଛି ହିଣ୍ଡାଲ୍‌କୋ କମ୍ପାନୀ ଆଲୁମିନା ବିଶୋଧନ ପ୍ରକ୍ରିୟାରେ ଏକ ଉପ–ଉତ୍ପାଦ ଭାବରେ ବକ୍ସାଇଟର ଅବଶିଷ୍ଟାଂଶ ସୃଷ୍ଟିକରେ, ଯାହାକୁ ଅଲଟ୍ରା ଟେକ୍ କମ୍ପାନୀ ସିମେଣ୍ଟ ଉତ୍ପାଦନରେ କଞ୍ଚାମାଲ ରୂପେ ବ୍ୟବହାରରେ ଲଗାଏ। ବର୍ଦ୍ଧିତ ପରିବେଶ ପ୍ରଦୂଷଣ ଓ ବର୍ଜ୍ୟବସ୍ତୁ ନିଷ୍କାସନ ପରିପ୍ରେକ୍ଷୀରେ ଶିଳ୍ପସଂସ୍ଥା ଏବଂ କମ୍ପାନୀଗୁଡ଼ିକ ଆଇନକାନୁନ ଦ୍ୱାରା ଅଧିକ ଚାପଗ୍ରସ୍ତ ହେଉଥିବାରୁ ଏପରି ଅଧିକ ସବୁଜ ପଦ୍ଧତି ସବୁ ଅବଲମ୍ବନକରି ବୃତ୍ତାକାର ଅର୍ଥନୀତିକୁ ସୁଦୃଢ଼ କରିବା ବାଞ୍ଛନୀୟ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**


# ବାପା କେବେ କାନ୍ଦନ୍ତିନି



ଡ. ନରେନ୍ଦ୍ର ସେଠୀ

ସବୁ ସବୁ ପିଲାମାନଙ୍କୁ ବାପା ସୁପର ହିରୋ ଲାଗନ୍ତି। ଯାତର ମହଙ୍ଗା ଖେଳନା, ସେକେଣ୍ଡହାଣ୍ଡ ସାଇକେଲ, ହୋଲିର ପିଚକାରି, ଜନ୍ମ ଦିନର ଜାମା ସବୁ ବାପା ଯୋଗାଡ଼ କରିପାରନ୍ତି, କିଛି ବି ତାଙ୍କ ଅପହଞ୍ଚ ଇଲାକାରେ ଅସମ୍ଭବ ନ ଥାଏ। ଆମ ସମସ୍ତଙ୍କ ପାଇଁ ବାପାମାନେ ସବୁ ସମସ୍ୟାର ସମାଧାନ, ଅଡୁଆ ସୂତା ପରି ପ୍ରତୀତ ହେଉଥିବା ସବୁ ପରିସ୍ଥିତିର ଦିବ୍ୟଜ୍ଞାନ। ବାପା ଆମ ସମସ୍ତଙ୍କ ଜୀବନରେ ପିଲାଦିନେ ଭରି ଦିଅନ୍ତି ସୁରକ୍ଷା ବଳୟର ଅନୁଭବ ଓ କିଶୋରରେ ଅନୁଭବ କରାନ୍ତି ଯେ ସେଇ ହିଁ ଅନୁସରଣ କରିବା ଯୋଗ୍ୟ ଏକମାତ୍ର ମଣିଷ। ବାପା ତାଙ୍କ ଦୈନନ୍ଦିନ ବ୍ୟବହାରରେ ଓ କଥାବାର୍ତ୍ତାରେ ଶିଖେଇ ଦିଅନ୍ତି ନୈତିକ ମୂଲ୍ୟବୋଧ, ସାମାଜିକ ସଂସ୍କାର ଓ ସମାଜ ପ୍ରତି ଆମର ଉତ୍ତର ଦାୟିତ୍ୱ। ତାଙ୍କର ପ୍ରତିଟି କଥା ଆମକୁ ଆନ୍ଦୋଳିତ, ଉତ୍ସାହିତ ଓ ପ୍ରେରଣା ଦେଇଥାଏ। ବାପାଙ୍କ ପରିସ୍ଥିତି, ଜୀବନଶୈଳୀ ଓ ଉପଦେଶ ସବୁ ପିଲାଙ୍କୁ ପ୍ରଭାବିତ କରି ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ। ସେଇଥିପାଇଁ ଆମେ ସମସ୍ତେ ବାପାଙ୍କ କଳା, କୌଶଳ, ଚାଲିଚଳନ ଓ ଭାବଭଙ୍ଗୀକୁ ନକଲ କରିବାରେ ହେଳା କରି ନ ଥାଉ। ଯେଉଁଥିପାଇଁ ସବୁ ପୁଅଙ୍କର ବାପା ସବୁଠୁ ବଡ଼ ହିରୋ ଓ ଝିଅର ପ୍ରଥମ ଭଲ ପାଇବା। ଆମ ସମସ୍ତଙ୍କ ପାଇଁ ବାପା ଏକ ପୂର୍ଣ୍ଣ ମଣିଷ ଓ ମର୍ଯ୍ୟାଦା ପୁରୁଷ। ବାପା ହିଁ ଏକମାତ୍ର ମଣିଷ, ଯିଏ ଆମ ଭୁଲ୍‌କୁ ଦେଖି ମଧ୍ୟ ହୃଦୟତାର ସହିତ ଖୁସିରେ ନ ଦେଖିବାର ଅଭିନୟ କରିପାରନ୍ତି। ଯେହେତୁ ସେତୁବନ୍ଧ ପରି ଛାତିପାତି ଆମ ଜୀବନରେ ମାଡି ଆସୁଥିବା ସବୁ ଝଡ଼ଝଞ୍ଜାକୁ ସେ ଆଗ ସାମ୍ନା କରନ୍ତି, ସେଇଥିପାଇଁ ଜୀବନରେ ଭରସା କରିବା ଭଳି ଏକମାତ୍ର ମଣିଷ ବାପା। ସେ ସବୁବେଳେ ତାଙ୍କର ଗମ୍ଭୀର ପଟକୁ ଦୁନିଆକୁ ଦର୍ଶାଇ ନିଜର ସବୁ ଭଲ ପାଇବା, ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧକୁ ଲୁଚେଇ ରଖନ୍ତି। ସେଇଥିପାଇଁ ବାପାମାନେ କାନ୍ଦନ୍ତିନି।

ବାପା ଘରେ ଥିଲେ ସୁରକ୍ଷା ଥାଏ, ଆଡ଼ିବନ୍ଧ ଭାଙ୍ଗି ବଢ଼ି ପାଣି ମାଡ଼ି ଆସିବାର ଭୟ ନ ଥାଏ। ଆମେ ସୁନିଶ୍ଚିତ ହୋଇଯାଏ ଯେ ବାପା ଅଛନ୍ତି ଡର କାହାକୁ? ସାଧାରଣତଃ ପିଲାମାନେ ଅତ୍ୟନ୍ତ ସ୍ପର୍ଶକାତର ଓ ସବୁ ଜିନିଷକୁ ନିରୀକ୍ଷଣ କରିବାର ଗୁଣର ଅଧିକାରୀ ହୋଇଥିବାରୁ ବାପାଙ୍କ ସହିତ ହେଉଥିବା ନିତିଦିନିଆ ବ୍ୟବହାରରୁ ସେ ଭବିଷ୍ୟତରେ ସମାଜରେ ଏକ ପରିପକ୍ୱ ମଣିଷ ହୋଇ କିପରି ବ୍ୟବହାର କରିବ ତା'ର ବ୍ଲୁପ୍ରିଣ୍ଟ୍ ଏଇଠୁ ଆକଳନ କରିଥାଏ। ତେବେ ବର୍ତ୍ତମାନ ସମୟ ବଦଳିଛି ପିଲା ଓ ବାପା ମାନେ ମଧ୍ୟ ସମୟ ସହିତ ତାଳ ଦେଇ ବଦଳିଛନ୍ତି। ୨୦୧୬ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୬୩ ପ୍ରତିଶତ ବାପାମାନେ ପିଲାମାନଙ୍କ ସହିତ ଯଥେଷ୍ଟ ସମୟ ଅତିବାହିତ କରିପାରୁ ନାହାନ୍ତି। ଏଥିରୁ ଆହୁରି ଜଣାପଡ଼ିଛି ଯେ ବାପାଙ୍କ ସହିତ ବଢ଼ିଥିବା ପିଲା ଅଧ୍ୟୟନରେ ୩୯%



ଅଧିକ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ଥାଏ। ଏହି ବଦଳିଥିବା ସମୟ ସହିତ ସାମାଜିକ ଗଣମାଧ୍ୟମର ଫଟୋରେ, ମାତୃ ଦିବସ, ଜନ୍ମଦିନ ଇତ୍ୟାଦିରେ ପିଲାମାନେ ହଠାତ୍ ବୋଉକୁ ଅଧିକ ପ୍ରାଧାନ୍ୟତା ଦେଇ ଜୀବନର ସବୁ ଶ୍ରେୟକୁ ତା' ମୁଣ୍ଡରେ ଅଜାଡ଼ି ଦେବାର ଉଦାହରଣ ଦେଖାଯାଉଛି। ଏକଥା ସତ ଯେ ଆମ ଜୀବନରେ ବୋଉ ସଂସାରର ଏକ ବିଶାଳ ବିଶ୍ୱବିଦ୍ୟାଳୟ, ଯୋଉଠୁ ଆମେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଶିଖିବା ସହିତ ଜହ୍ନମାମୁ ଜରିଆରେ ଆକାଶ ସହିତ ପରିଚିତ ହୋଇଥାଏ। ମାତ୍ର ଏହା ମଧ୍ୟ ସତ୍ୟ ଯେ ଏହି ବିଶ୍ୱବିଦ୍ୟାଳୟର ସବୁଠୁ ବଡ଼ ଓ ଜ୍ଞାନୀ ଅଧ୍ୟାପକ ହେଲେ ବାପା। ସମୟ ସହିତ ଆମ ଜୀବନରେ ବାପାମାନଙ୍କର ଗୁରୁତ୍ୱ ବଦଳି ଯିବା ଚିନ୍ତାର ବିଷୟ ନିଶ୍ଚିତ। ଯଦିଓ ଆମ ସାହିତ୍ୟରେ ବାପା ଓ ତାଙ୍କ ଚପଲ, କୁର୍ତ୍ତା, କଲମ, ଚୌକି ଏବଂ ଧୋତିକୁ ନେଇ ଅନେକ ଗପ କାହାଣୀ ଓ ପୁସ୍ତକ ଲିଖିନ, ତେବେ ପ୍ରକୃତରେ ବାସ୍ତବ ଜୀବନରେ ଅନେକ ବାପା ତାଙ୍କ ହକ୍‌ଦାର, ଆଦର, ସତ୍କାର ଓ ସମ୍ମାନ ପାଇପାରୁ ନାହାନ୍ତି। ତଥାପି ବାପାମାନେ କେବେ ବଦଳିବେନି। ସେମାନଙ୍କର ଶ୍ରେଣୀ ଅଲଗା ହେଇପାରେ, ମାତ୍ର ପ୍ରଜାତି ଗୋଟିଏ; ଯାହାର ଗୁଣ ଖାଲି ନିଜେ ନିଜକୁ ତ୍ୟାଗ କରିବା। ସେ ସବୁ ତ୍ୟାଗ କରି ପରିବାର ଆଗରେ ଜଣେ ବୋକା, ନିକମା ଓ ଅକର୍ମଣ୍ୟ ବ୍ୟକ୍ତିର ଆଖ୍ୟା ପାଆନ୍ତି।

ବାପା କେବେ କହନ୍ତିନି କ'ଣ ତାଙ୍କର ଇଚ୍ଛା। ଲହୁଲୁହାଣ କରନ୍ତି ଜୀବନକୁ ପୁଅ, ଝିଅ ଓ ପରିବାରର ଇଚ୍ଛା ପୂରଣ କରିବାକୁ। ତଥାପି ପରିବାର ଆଗରେ ସେ ଜଣେ ନିହାତି ଅଳସୁଆ ଓ ବୋକା ମଣିଷ ରୂପରେ ଆଖ୍ୟା ଅର୍ଜନ କରନ୍ତି। ବାପାଙ୍କର ଧୀରେ ଧୀରେ ବଳ ବୟସ ସରି ସରି ଆସେ। ଦେହପା ଭଲ ରହେନି। ବାପା ଜଣେ ବିରକ୍ତିକର ବୁଢ଼ା ହୋଇ ସମସ୍ତଙ୍କୁ ହଇରାଣ କରନ୍ତି। ପିଲାଙ୍କ ପରି ଅଯଥା ଜିଦି କରନ୍ତି, ରାଗନ୍ତି। ବୟସ ସହିତ ପରିବାରରେ ବାପା ଜଣେ ଗୁରୁତ୍ୱହୀନ ମଣିଷ ହୋଇ ବଡ଼ ବଡ଼ ନିଷ୍ପତ୍ତିଠାରୁ ଅଲଗା କରିଦେବା ଫଳରେ ନିଜ ପ୍ରତିଷ୍ଠିତ ସାମ୍ରାଜ୍ୟରେ ନିଜେ ଜଣେ ପାଳିତ ପ୍ରଜା ପାଲଟି ଯାଆନ୍ତି। ତେଣୁ ବୁଢ଼ା ବାପାଙ୍କ ଜିଦି, ରାଗ ଓ ଅଭିମାନକୁ ଆମ ବଢ଼ିଲା ପିଲାମାନେ ଯିଏ କି ତାଙ୍କ ସାମ୍ରାଜ୍ୟକୁ ମାଡ଼ିବସୁ ନିଶ୍ଚୟ ବରଦାସ୍ତ କରିବା ଦରକାର ଠିକ ଯେମିତି ବାପା ଆମକୁ ପିଲାଦିନେ ସମ୍ଭାଳୁ ଥିଲେ। କିନ୍ତୁ ବାପାଙ୍କୁ ଅବହେଳା କରିବାର ସବୁ ଚେଷ୍ଟା ଓ ପ୍ରୟାସ ଆମେ ପିଲାମାନେ କରିଥାଉ। ଶେଷରେ କେଉଁ ଏକ ଡାକ୍ତରଖାନାର ଆଇସିୟୁ ୱାର୍ଡର ଛାତକୁ ଅନେଇ ବାପା ହେଜନ୍ତି। ଆଉ ଉପାୟ ନ ଥାଏ। ବାପା ଆଖି ବୁଜନ୍ତି। ପୁଅ, ଝିଅ ବୋଉର ଫଟୋକୁ ବଡ଼ କରି ଟାଙ୍ଗନ୍ତି ଡ୍ରଇଂ ରୁମ୍‌ରେ। ବାପାଙ୍କ ଛୋଟିଆ ଫଟୋରେ କୃତ୍ରିମ ଫୁଲ ମାଳ ମଇଳା ହୋଇଯାଏ। ବାପା ଦଶାପୂର୍ଣ୍ଣ ହୁଏ। ସେଇଥିପାଇଁ କିଏ ଜଣେ ମହାପୁରୁଷ କହିଥିଲେ, ଜଣେ ଲୋକକୁ ବାପା ହେବା ପାଇଁ ପୂରା ଜୀବନ ଖର୍ଚ୍ଚ କରିବାକୁ ହୁଏ। ତଥାପି କିଛି ବାପାଙ୍କୁ ବୃଦ୍ଧାଶ୍ରମରେ ଅନ୍ତିମ ସମୟ ଏକା ଏକା କାଟିବାକୁ ପଡ଼େ। ତଥାପି ବାପାମାନେ କେବେ କାନ୍ଦନ୍ତିନି। ରକ୍ତ ମାସରେ ଗଢ଼ା ମଣିଷଟି ସବୁ କଷ୍ଟ, ଯାତନା, ବିପଦ, ଝଡ଼ ଝଞ୍ଜାକୁ କେମିତି ସାମ୍ନା କରି ଚୁପ ରହିଯାଏ, ତାହା ସୃଷ୍ଟିର ଏକ ବିସ୍ମୟ।

**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ସରକାରୀ ସ୍କୁଲରେ ପିଲା ସଂଖ୍ୟା କମିବା ଏବେ ଚିନ୍ତାର କାରଣ ହେଉଛି। ଏଥିରେ ସୁଧାର ଆଣିବା ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତଥାପି ସଫଳତା ଆଶାନୁରୂପ ହୋଇପାରୁନାହିଁ। କିନ୍ତୁ ମଧ୍ୟପ୍ରଦେଶର ନାଗପୁର–ଛିନ୍ଦୱାଡା ରାସ୍ତାକଡ଼ରେ ଥିବା ଉମରାନାଳାସ୍ଥିତ ସରକାରୀ ପ୍ରାଥମିକ ସ୍କୁଲରେ ପିଲା ସଂଖ୍ୟା ବୃଦ୍ଧି କରିବାରେ ଜଣେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏହି ଶିକ୍ଷକ ହେଉଛନ୍ତି ମହେଶ ଭାଦେ। ୨୦୧୯ରେ ସେ ଏହି ସ୍କୁଲରେ ନିଯୁକ୍ତି ପାଇଥିଲେ। ସେତେବେଳେ ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଯାଏ ମାତ୍ର ୫ଜଣ ପିଲା ପଢୁଥିଲେ। ପରେ ଏହି ସ୍କୁଲର ବିକାଶ ହେବା ପରେ ଏବେ ୪୮ରୁ ଅଧିକ ପିଲା ପଢୁଛନ୍ତି। ମହେଶ ଛୁଟିଦିନରେ ସବୁ ପରିବାରକୁ ଭେଟି ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ସଚେତନ କରିବାରେ ଲାଗିଗଲେ। ନିଜ ଖର୍ଚ୍ଚରେ ସ୍କୁଲର କିଛି ବିକାଶ ଓ ପଢ଼ାରେ ଉନ୍ନତି ଆଣିବା ପରେ ଏବେ ଘରୋଇ ସ୍କୁଲରୁ ପିଲାମାନେ ଆସି ଏହି ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ସ୍କୁଲରେ ପିଲାଙ୍କ ପାଇଁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ବି କରାଯାଉଛି। ମହେଶ ସ୍କୁଲ ପରିସରରେ ବହୁ ଗଛ ଲଗାଇ ପରିବେଶକୁ ସବୁଜ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ମାର୍ଚ୍ଚ ୧୯୭୫**

- ସାମ୍ବାଦିକ ଓ ଅଣସାମ୍ବାଦିକଙ୍କ ପାଇଁ ଏକ ମଜୁରୀ ବୋର୍ଡ ଗଠନ କରିବା ନିମନ୍ତେ ସରକାର ନିଷ୍ପତ୍ତି କରିଥିବା ନେଇ କେନ୍ଦ୍ର ଶ୍ରମ ବିଭାଗ ଉପମନ୍ତ୍ରୀ ବାଳଗୋବିନ୍ଦ ବର୍ମାଙ୍କ ଘୋଷଣା।
- ଭାରତର ପ୍ରଥମ ଘଟଣା ଭାବେ ଏଲ୍ଲାବାଦ ହାଇକୋର୍ଟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସାକ୍ଷ ପ୍ରଦାନ।
- ଇମ୍ଫାଲ ଗସ୍ତରେ ଆସିଥିବା ୩୧ ଜଣିଆ ଜାପାନୀ ସରକାରୀ ପ୍ରତିନିଧି ଦଳଙ୍କ ଦ୍ୱାରା ୨ୟ ବିଶ୍ୱ ମହାଯୁଦ୍ଧରେ ନିହତ ଜାପାନୀ ସୈନ୍ୟଙ୍କ ହାଡ଼ ଓ ଖପୁରୀ ତଥା ବ୍ୟବହୃତ ଅସ୍ତ୍ରଶସ୍ତ୍ର ସଂଗ୍ରହ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | 1 |
| 4 | | | | | | | | 8 |
| 7 | | 2 | 3 | 9 | | 4 | | |
| 6 | | 5 | | 4 | | | | |
| | | | | | | | | |
| | | | 9 | 3 | 1 | | | |
| | | | | 1 | | | 5 | 4 |
| | | 6 | | 5 | | 7 | | |
| | | | | | 4 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 2 | 1 | 3 | 5 | 9 | 6 |
| 5 | 9 | 3 | 6 | 4 | 7 | 1 | 8 | 2 |
| 2 | 1 | 6 | 5 | 8 | 9 | 3 | 7 | 4 |
| 9 | 4 | 7 | 3 | 6 | 8 | 2 | 5 | 1 |
| 1 | 6 | 5 | 9 | 2 | 4 | 7 | 3 | 8 |
| 3 | 8 | 2 | 7 | 5 | 1 | 6 | 4 | 9 |
| 6 | 5 | 9 | 4 | 3 | 2 | 8 | 1 | 7 |
| 4 | 3 | 1 | 8 | 7 | 6 | 9 | 2 | 5 |
| 7 | 2 | 8 | 1 | 9 | 5 | 4 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦପୂର୍ଣ୍ଣ ଡାଇଭର୍ସନ

ମହାଶୟ,

ରାଜଧାନୀ ସହ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ରାଜପଥଟି ଅଧିକ ବିପଦପୂର୍ଣ୍ଣ ହୋଇଛି। ବିଶେଷକରି ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟ ଶେଷହେବ ବୋଲି ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ କାର୍ଯ୍ୟର ମନ୍ଥରତାକୁ ଦେଖିଲେ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷହେବା ଆଶା ମଉଳିଯାଉଛି। ଏଭଳି ସ୍ଥଳେ ଉକ୍ତ ରାଜପଥର ସମସ୍ତ ଡାଇଭର୍ସନ ବିପଦପୂର୍ଣ୍ଣ ହୋଇଥିବା ଏବଂ ସେହି ଡାଇଭର୍ସନରେ ଯାତ୍ରୀବାହୀ ବସ୍ ଓ ଭାରିଯାନଗୁଡ଼ିକ ଅଯଥା ଓଭରଟେକିଂ କରୁଥିବାରୁ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଘଟିବା ପରେ ପୋଲିସ ଯାନବାହନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ବେଳେ ପର ମୁହୂର୍ତ୍ତରେ ପୋଲିସ ରହୁ ନ ଥିବାରୁ ପୁଣି ଦୁର୍ଘଟଣା ଘଟୁଛି। ଏପରିକି ଡାଇଭର୍ସନରେ ଲାଗିଥିବା ସୂଚନା ଫଳକକୁ ଚାଳକମାନେ ବେଖାତିର କରିବା ସହ ଓଭରସ୍ପିଡ୍‌ରେ ଗାଡ଼ି ଚଳାଉଥିବାରୁ ଛୋଟ ଯାନ ଚାଳକମାନେ ବିପଦର ସମ୍ମୁଖୀନ ହେଉଛନ୍ତି। ରାଜପଥରେ ହାଇୱେ ପୋଲିସ ଘୂରି ବୁଲୁଥିଲେ ମଧ୍ୟ ଯାନ ଚଳାଚଳକୁ ନିୟନ୍ତ୍ରଣ କରୁ ନ ଥିବାରୁ ଦୁର୍ଘଟଣା ଘଟିଚାଲିଛି। ଏଣୁ ଉକ୍ତ ରାଜପଥର ସମସ୍ତ ଡାଇଭର୍ସନରେ ପୋଲିସ ପକ୍ଷରୁ ଯାନବାହନଗୁଡ଼ିକୁ ନିୟନ୍ତ୍ରଣ କରାଗଲେ ଦୁର୍ଘଟଣାର ମାତ୍ରା ହ୍ରାସପାଇବ।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ଶୀତର ଗୋଧୂଳି ଶୀତଳ ତୋ କୋଳୁଁ ଆସଇ ଚାଲି
ବୁଡ଼ିଯାଏ ରବି ଉକୁଟାଇ ଛବି ତୋହରି ପରେ।
ରହିଯାଏ ଆଭା ତୋର ଚୂଳେ ଲେଖି ସୁନାର ଗାର।
ସାନ୍ତାଳ ଯୁବା ବୀଣାରେ କି ସ୍ୱର ଦିଅଇ ଢାଳି।
–(ପାସୋରି ଦେଲିରେ ଶିମୁଳିପାଳ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# ଆମ୍ବକୁ ବିପଦ ରେଡ୍‌ବ୍ୟାଣ୍ଡ୍ ପୋକ

## ଢେଙ୍କାନାଳରେ ସଂକ୍ରମଣ ବଢୁଥିବାରୁ ଚାଷ ପ୍ରଭାବିତ

**ଢେଙ୍କାନାଳ,୧୮।୩(ରତନ ନାୟାର)**

ଆମ୍ବ ଚାଷରେ ଢେଙ୍କାନାଳ ଜିଲା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜିଲାର ଜଳବାୟୁ ଫଳଚାଷ ପାଇଁ ଉପଯୁକ୍ତ ହୋଇଥିବାରୁ ପ୍ରତିବର୍ଷ ପ୍ରାୟ ୪୦ରୁ ୫୦ ହଜାର ମେଟ୍ରିକ୍ ଟନ ଆମ୍ବ ଢେଙ୍କାନାଳରୁ ଉତ୍ପାଦିତ ହୋଇଥାଏ। ଏହି ଆମ୍ବ ଦିଲ୍ଲୀ, ଛତିଶଗଡ଼, କଲିକତା, ବିହାର, ଉତ୍ତରପ୍ରଦେଶ ସମେତ ବାହାର ଦେଶ ବାଂଲାଦେଶ ଓ ଦୁବାଇକୁ ମଧ୍ୟ ରପ୍ତାନି ହୋଇଥାଏ। ଜିଲାରେ ୧୦ ହଜାର ହେକ୍ଟର ଜମିରେ ଆମ୍ବଚାଷ ହେଉଛି। ହେଲେ ଚଳିତବର୍ଷ ଆମ୍ବ ଚାଷକୁ ବିପଦ ମାଡ଼ିଆସିଛି। ରେଡ୍‌ବ୍ୟାଣ୍ଡ୍ ନାମକ ପୋକ ଆମ୍ବ ଫସଲକୁ ପ୍ରାରମ୍ଭରୁ ପ୍ରଭାବିତ କରିଛି। ଏପରି କି ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବାରୁ ଆମ୍ବ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ଫଳ ଚାଷ ବୀମା ବ୍ୟବସ୍ଥା କଲେ ରୋଗପୋକ ଯୋଗୁ ପ୍ରଭାବିତ ହେଉଥିବା ଫଳ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ ଦାବି କରିଛନ୍ତି।





ପୋକଜନିତ ସଂକ୍ରମଣ ଯୋଗୁ ନଷ୍ଟ ହେଉଛି ଆମ୍ବ।

୨୦୨୨ରେ ଆମ୍ବଚାଷରେ ଏହି ପୋକ ସଂକ୍ରମଣ ଉତ୍ତରପ୍ରଦେଶ ଓ ବିହାର ରାଜ୍ୟରେ ଦେଖାଦେଇଥିଲା। ଚଳିତବର୍ଷ ଏହା ଓଡ଼ିଶାର ଢେଙ୍କାନାଳ, ଅନୁଗୋଳ ଓ କେନ୍ଦୁଝର ଆଦି ଜିଲାକୁ ବ୍ୟାପୁଥିବା ଆମ୍ବ ଚାଷୀମାନେ କହିଛନ୍ତି। ଏହାକୁ ନେଇ କେବଳ ଆମ୍ବ ଚାଷୀ ନୁହନ୍ତି, ଉଦ୍ୟାନ ବିଭାଗ ଅଧିକାରୀମାନେ ମଧ୍ୟ ଚିନ୍ତାରେ ପଡ଼ିଯାଇଛନ୍ତି। ବିଶେଷକରି ଏହି ନୂଆ ପ୍ରଜାତିର ପୋକ କଷି ଆମ୍ବରେ ଦେଖାଯାଉଛି। ବହୁ ପ୍ରକାର କୀଟନାଶକ ପ୍ରୟୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନି। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହି କାରଣରୁ ଚଳିତବର୍ଷ ଢେଙ୍କାନାଳ ଜିଲାରେ ଆମ୍ବଚାଷ ପ୍ରଭାବିତ ହେବା ସହିତ ବିଭିନ୍ନ ରାଜ୍ୟ ଓ ବିଦେଶକୁ ଆମ୍ବ ରପ୍ତାନି ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ସଦର ବ୍ଲକ ମୋଟରୀ ଓ ବିନ୍ଧୋଳ ଅଞ୍ଚଳର ଆମ୍ବ ଚାଷୀ ପ୍ରଦୋଷ ମହାପାତ୍ର କହିଛନ୍ତି, ୧୫ ଏକର ଜାଗାରେ ଆମ୍ବଚାଷ କରିଛି। ଚଳିତବର୍ଷ ଏକ ଭିନ୍ନ ପ୍ରଜାତିର ପୋକ ଆମ୍ବ ଫସଲକୁ ଆରମ୍ଭରୁ ନଷ୍ଟ କରିସାରିଲାଣି। ପାଖାପାଖି ୮୦ ପ୍ରତିଶତ ଆମ୍ବ ଚଣା ଅବସ୍ଥାରେ ନଷ୍ଟ ହେଲାଣି। ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଅଞ୍ଚଳର ୨୦ ଏକରରେ ଆମ୍ବଚାଷ କରିଥିବା ଚାଷୀ ବିଶ୍ୱଜିତ ଆର୍ଯ୍ୟେନ୍ଦୁ ଜେନା କହିଛନ୍ତି, ୪ ଥର କୀଟନାଶକ ପକାଇବା ପରେ ମଧ୍ୟ ସୁଫଳ ମିଳୁନାହିଁ। ଏ ସଂକ୍ରାନ୍ତରେ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ କହିଛନ୍ତି, ଏଭଳି ପୋକ ବହୁବର୍ଷ ପୂର୍ବରୁ ଆମ୍ବରେ ହେଉଥିଲା। ଏହାକୁ ରେଡ୍‌ବ୍ୟାଣ୍ଡ୍ ପୋକ ବୋଲି କୁହାଯାଏ। ଏହି ପୋକର ସଂକ୍ରମଣ ଦ୍ରୁତଗତିରେ ବଢ଼ିବ। ମାଟି ଭିତରୁ ଏହି ପୋକ ବାହାରିଛି। ଏଥିପାଇଁ ଇମାମାକ୍ଟିନ୍ ବେଜୈଏଟ୍ କୀଟନାଶକ ସିଞ୍ଚନ ତୁରନ୍ତ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ୧ ଲିଟର ପାଣିରେ ୨ ଗ୍ରାମ ଔଷଧ ପକାଯିବା ଆବଶ୍ୟକ। ଏଥିସହ ଆମ୍ବ ବଗିଚା ସଫାସୁତରା ରଖିବା, କୀଟନାଶକ ସିଞ୍ଚନ ପରେ ପଡ଼ିଯାଉଥିବା ପୋକଗୁଡ଼ିକୁ ତୁରନ୍ତ ପୋଡ଼ିଦେବାକୁ କୁହାଯାଇଛି। ଢେଙ୍କାନାଳ ମହିଷାପାଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର କ୍ଷେତ୍ର ପରିଦର୍ଶନ କରାଯିବ ବୋଲି ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

# ଢେଙ୍କାନାଳରେ କଲରାପତରିଆ ବାଘ ଗଣନା ଆରମ୍ଭ

**ଢେଙ୍କାନାଳ,୧୮।୩(ରତନ ନାୟାର)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲାରେ କଲରାପତରିଆ ବାଘ ଗଣନା ଆରମ୍ଭ ହୋଇଛି। ଏହା ଏକମାସ ଧରି ଚାଲିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା କ୍ୟାମେରା ଟ୍ରାପ୍ ଓ ବାଘ ରାମ୍ପିଥିବା ସ୍ଥାନଗୁଡିକୁ ପରୀକ୍ଷା କରାଯାଉଛି। ଗତ ବାଘ ଗଣନା ସମୟରେ ଢେଙ୍କାନାଳ ଜିଲାରେ ମହାବଳ ବାଘ ନ ଥିବାବେଳେ କଲରାପତରିଆଙ୍କ ସଂଖ୍ୟା ପ୍ରାୟ ୧୦ ଥିବା ସୂଚନା ମିଳିଥିଲା। ସେହିପରି ଜିଲାର ହିନ୍ଦୋଳ ରେଞ୍ଜ କନ୍ଦରା ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ଏବଂ ମହାବିରୋଡ ରେଞ୍ଜ ମଧ୍ୟରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଅଧିକ କଲରାପତରିଆ ବାଘ ଥିବା ଆଶଙ୍କା କରାଯାଉଛି। ଏହି ବାଘ ଗଣନାରେ ଜିଲାର ସମସ୍ତ ୮ଟି ରେଞ୍ଜର ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲା ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ କଲରାପତରିଆ ବାଘ ଗଣନା କରାଯାଉଛି। ଏହି ବାଘଙ୍କ ସଂଖ୍ୟା ବଢ଼ିଲେ ଜଙ୍ଗଲ ସୁରକ୍ଷିତ ରହିବ



ଢଙ୍କାନାଳ ବନଖଣ୍ଡରେ କଲରାପତରିଆ ବାଘ।

ବୋଲି ବନବିଭାଗ ଅଧିକାରୀମାନେ କହିଛନ୍ତି। ପ୍ରାୟ ଏକମାସ ଧରି ଗଣନା ପରେ ଜିଲାରେ କଲରାପତରିଆ ବାଘଙ୍କ ସଂଖ୍ୟା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ଆଶା କରାଯାଉଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲାରେ କଲରାପତରିଆ ବାଘ ଗଣନା ଆରମ୍ଭ ହୋଇଛି। ଟ୍ରାପ୍ କ୍ୟାମେରା ଓ ବାଘ ନଖରେ ରାମ୍ପିଥିବା ସ୍ଥାନଗୁଡିକୁ ବୈଜ୍ଞାନିକ ଉପାୟରେ ପରୀକ୍ଷା କରାଯାଉଛି। ଏଥିରେ ସମସ୍ତ ରେଞ୍ଜ୍‌ର ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଆଗାମୀ ଦିନରେ ହାତୀ ଗଣନା ମଧ୍ୟ କରାଯିବ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**କାମାକ୍ଷାନଗର,୧୮।୩(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ରାଧାକୃଷ୍ଣ ଦୋଳଯାତ୍ରା ପଡିଆରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୨୩ ତମ ବାର୍ଷିକ କାର୍ଯ୍ୟକ୍ରମରେ ବ୍ରତୀମାନେ ପୁଷ୍କରିଣୀରୁ କଳସରେ ପାଣି ଆଣି ଘଟ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କୁ ଏକ ସୁସଜିତ ବିମାନରେ ନଗର ପରିକ୍ରମା କରାଯାଇଥିଲା। ମହିଳା ସଂକୀର୍ତ୍ତନ ମଣ୍ଡଳୀ ସହବ୍ରତିମାନେ ଠାକୁରଙ୍କ ଭୋଗ ଲାଗି ପରିକ୍ରମାରେ ଯିବାବେଳେ ଗ୍ରାମରେ ବାଳକମାନେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ଓ ସୀତା ଆଦି ବିଭିନ୍ନ ବେଶରେ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପୂର୍ଣ୍ଣାହୁତିରେ ସମସ୍ତେ ଜଗତ କଲ୍ୟାଣ ପାଇଁ ହୋମ ଯଜ୍ଞରେ ଉପସ୍ଥିତ ଥିଲେ। ଶେଷରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା କମିଟି ସଭ୍ୟ ଅକ୍ଷୟ କୁମାର ବରାଳ ସୂଚନା ଦେଇଛନ୍ତି।



# ଗୋଦରିବିଲି ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ



ଗୋଦରିବିଲି ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

**ଢେଙ୍କାନାଳ,୧୮।୩(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଗୋଦରିବିଲି ଗ୍ରାମରେ ୧୯୮୩ ମସିହାରୁ ତଫସିଲଭୁକ୍ତ ଜାତିର ଲୋକଙ୍କୁ ଖାତା ନଂ-୫୭ରେ ୬୨ ଏକର ୭୮ ଡେସିମିଲ ଜମିର ପଟ୍ଟା ମିଳିଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ଏହି ଜମିରୁ ଭାଗ ମାଗୁଥିବାରୁ ଏହାକୁ ନେଇ ପଟ୍ଟାଧାରୀମାନେ ତୀବ୍ର ପ୍ରତିବାଦ କରିଛନ୍ତି। ଏପରିକି ଭାଗ ମାଗୁଥିବା ବ୍ୟକ୍ତିମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଅଭିଯୋଗକାରୀମାନେ ଆତଙ୍କିତ ଭାବେ ରହିଛନ୍ତି ବୋଲି ଗୋଦରିବିଲି ଗ୍ରାମ ସମ୍ପାଦକ ବିଭୂତି ମଲ୍ଲିକ, ସଭାପତି ଶ୍ରୀକାନ୍ତ ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ସୋମବାର ଜିଲା କାର୍ଯ୍ୟାଳୟକୁ ଆସି ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଫେରାର ପୋଲିସ କର୍ମଚାରୀଙ୍କ ସହ ୪ ଗିରଫ

**ଢେଙ୍କାନାଳ,୧୮।୩(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ କଣ୍ଟାନାଳି ବାଇପାସ୍ ଓ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରୁ ଗତ ବୁଧବାର ଭୋର୍ ସମୟରେ ପୋଲିସ ଚଢ଼ାଉ କରି ୩ଟି ପିକ୍‌ଅପ ଭ୍ୟାନ ସହ ୨୫ ଗୋରୁଙ୍କୁ ଜବତ କରିଥିଲା। ଏହି ଘଟଣାରେ ଫେରାର ହୋଇଯାଇଥିବା ୪ ଅଭିଯୁକ୍ତଙ୍କୁ ସୋମବାର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ତିଗିରିଆ ଥାନା ପଙ୍କାଳ ଗ୍ରାମର ସାବୁରୁଦ୍ଦିନ ରେହମାନ ଖାନ, କରଡ଼ାପଲି ଗ୍ରାମର ମୋବାରକ ଖାନ, ତାହିର ଖାନ ଓ ହାମିଦ୍ ଖାନ। ଅଭିଯୁକ୍ତମାନଙ୍କ ମଧ୍ୟରୁ ହାମିଦ୍ ଖାନ ଆଇଆରବି ବାଟାଲିୟନ ସମ୍ବଲପୁରର କନଷ୍ଟେବଲ ହୋଇଥିବା ବେଳେ ମୋବାରକ ଖାନ ହେଉଛନ୍ତି ୮ ଆଇଆର୍‌ବି ବାଟାଲିୟନର ହାବିଲଦାର

## ୨୫ ଗୋରୁ ସହ ୩ ଗାଡ଼ି ଜବତ ମାମଲା

ବୋଲି ଟାଉନ ଥାନା ସୂଚନାରୁ ଜଣାପଡିଛି। ଗୋରୁଚାଲାଣ ର୍‍ୟାକେଟରେ ୨ ପୋଲିସ କର୍ମଚାରୀ ସମ୍ପୃକ୍ତ ହେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଗିରଫ ପୋଲିସ କର୍ମଚାରୀ ଗୋରୁ ଚୋରା ଚାଲାଣ ଗାଡ଼ିଗୁଡିକ ବିଭିନ୍ନ ଥାନା ଫାଣ୍ଡି ଅଞ୍ଚଳ ଦେଇ ପାସ୍ କରାଉଥିବା ଜଣାପଡିଛି। ତିଗିରିଆରୁ ଢେଙ୍କାନାଳ ଦେଇ କଟକ ଓ କଲିକତାକୁ ଏହି ଚୋରା ଚାଲାଣ ହେଉଥିଲା। ଏଥିପୂର୍ବରୁ ଟାଉନ ଥାନା ଓ ସଦର ଥାନା ପୋଲିସ ଗୋରୁ ଚାଲାଣ ଗାଡ଼ିରେ ଥିବା କଟକ ସୂତାହାଟ ଅଞ୍ଚଳର ମୌସୁମୀ ଖାନ ଏବଂ ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡା ଅଞ୍ଚଳର ସୁଲେମାନ ଖାନଙ୍କୁ ଗିରଫ କରିଥିଲା। ଫଳରେ ଗୋରୁ ଚୋରା ଚାଲାଣ ଘଟଣାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି।

# ଦୁର୍ଘଟଣାରେ ଜଣେ ମୃତ

**ଢେଙ୍କାନାଳ,୧୮।୩(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ହାଇସ୍କୁଲ ସମ୍ମୁଖରେ ସୋମବାର ସକାଳ ୮ଟାରେ ଏକ ଗାଡି ଧକ୍କାରେ ହରି ଦେହୁରୀ(୩୦)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଉତ୍ୟକ୍ତ ଅଞ୍ଚଳବାସୀ ଷଡ଼ଙ୍ଗୀ-ନିହଲପ୍ରସାଦ ରାସ୍ତା ସମେତ ଅନ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଗଁଦିଆ ତହସିଲଦାର ସୁଧାଂଶୁ ଶେଖର ସାଓ ଏବଂ ଆଇଆଇସି ସଲିଳ କୁମାର ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପ୍ରବୃତ୍ତି ଯାନ୍ତ୍ରିକ ପରୀକ୍ଷାରେ ହୃତିଦିପନଙ୍କ କୃତିତ୍ୱ

**କଣିହାଁ,୧୮।୩(ସଚ୍ଚିଦାନନ୍ଦ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ତେଲିସିଂହା ଗ୍ରାମର ହୃତିଦିପନ ପ୍ରଧାନ ସର୍ବଭାରତୀୟ ସ୍ତରରେ ସ୍ନାତକ ପ୍ରବୃତ୍ତି ଯାନ୍ତ୍ରିକ ପରୀକ୍ଷା (ଧାତୁବିଦ୍ୟା)୨୦୨୪ରେ ଏକ ନମ୍ବର ର୍‍ୟାଙ୍କ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ନାଲ୍‌କୋ କର୍ମଚାରୀ ହଳଧର ପ୍ରଧାନଙ୍କ ପୁତ୍ର ହୃତିଦିପନ ଚଳିତବର୍ଷ ସର୍ବଭାରତୀୟସ୍ତରରେ ସ୍ନାତକ ପ୍ରବୃତ୍ତି ଯାନ୍ତ୍ରିକ ଓ ଧାତୁବିଦ୍ୟା ୨୦୨୪ ଦେଇଥିବା ବେଳେ ଏହି ସଫଳତା ହାସଲ କରିଛନ୍ତି। ସେ ଡିପିଏସ୍ ନାଲ୍‌କୋନଗର ଅନୁଗୋଳରେ ମାଟ୍ରିକ ଓ ଯୁକ୍ତ ୨ ପଢିବା ପରେ ଆଇଆଇଟି (ଆଇଏସ୍‌ଏମ୍) ଧାନବାଦରେ ବି.ଟେକ ଶେଷବର୍ଷର ଛାତ୍ର। ଏହି



ସଫଳତା ପାଇଁ ସେ ଶିକ୍ଷକ, ବାପା,ମା, ବଡ଼ବାପା ଓ ସାଙ୍ଗଙ୍କୁ ଶ୍ରେୟ ଦେଇଛନ୍ତି। କଣିହାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ବ୍ଲକସ୍ତରୀୟ ପୋଷଣ ଅଭିଯାନ ସଚେତନତା

**କଣିହାଁ,୧୮।୩(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ମିଶନ ଶକ୍ତି ଭବନରେ ସୋମବାର ବ୍ଲକସ୍ତରୀୟ ପୋଷଣ ଦିବସ ପାଳନ ସହିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଝୁନୁବାଳା ଦେଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ସରୋଜ କୁମାର ଦାସଙ୍କ ସହିତ ବିଭାଗୀୟ ପଦାଧିକାରୀମାନେ ଯୋଗଦେଇ ପୋଷଣ ଖାଦ୍ୟର ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ। ଅନେକ କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସହିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରି ସଚେତନତା ସୃଷ୍ଟି



ଦିଗରେ ସଙ୍କଳ୍ପ ନେଇଥିଲେ। ଏହି ପରିପ୍ରେକ୍ଷୀରେ ଅଙ୍ଗନୱାଡି କର୍ମୀମାନଙ୍କ ତରଫରୁ ଏକ ସୁଷମ ଖାଦ୍ୟର ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ଖାଦ୍ୟ ପ୍ରସ୍ତୁତିକୁ ନେଇ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତଙ୍କୁ ବୁଝାଯାଇଥିଲା।

# ଜିଲାର ଶିକ୍ଷକଙ୍କୁ ତାଲିମ ଦେବେ ମାଷ୍ଟର ଟ୍ରେନର



**କଣିହାଁ,୧୮।୩(ସଚ୍ଚିଦାନନ୍ଦ ପ୍ରଧାନ)**

ରାଜ୍ୟରେ ସରକାର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ ଶିକ୍ଷାଦେବାର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏ ନେଇ ଶିକ୍ଷକମାନଙ୍କୁ ପ୍ରଥମେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଅନୁଗୋଳ ଜିଲା କଣିହାଁ ବ୍ଲକର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ଲିଙ୍ଗରାଜ ବେହେରା ଧନ୍ଦାମୂଳକ ଶିକ୍ଷା ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ନେବା ପାଇଁ ମଧ୍ୟପ୍ରଦେଶର ଭୋପାଳ ଯାଇଥିଲେ। ଅନୁଗୋଳ ଜିଲାରୁ ସେ ଏକମାତ୍ର ମାଷ୍ଟର ଟ୍ରେନର ଭାବେ ଭୋପାଳସ୍ଥିତ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଚଳିତ ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେବାକୁ ଯାଇଥିଲେ। ସମଗ୍ର ରାଜ୍ୟରୁ ୫୦ଜଣ ପ୍ରଶିକ୍ଷଣ ନେବା ପାଇଁ ଭୋପାଳ ଯାଇଥିବା ଜଣାପଡିଛି। ଅନୁଗୋଳ ଜିଲାର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଲିଙ୍ଗରାଜ ପ୍ରଶିକ୍ଷଣ ପ୍ରଦାନ କରିବେ। ସୋମବାର ସେ ତାଲିମ ଗ୍ରହଣ କରି ଫେରିବା ପରେ କଣିହାଁ ବ୍ଲକ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଶୋକସଭା

**କାମାକ୍ଷାନଗର,୧୮।୩ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ପ୍ରଥମ ତଥା ପୂର୍ବତନ ନଗରପାଳ ବ୍ରହ୍ମାନନ୍ଦ ମହାନ୍ତିଙ୍କ ବିୟୋଗରେ ଯୁକ୍ତ ୨ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାମାକ୍ଷାନଗର ତରଫରୁ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିଗମାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୨ ମିନିଟ୍ ନୀରବ ପ୍ରର୍ଥନା କରାଯାଇଥିଲା। ୧୯୯୨ରେ ବ୍ରହ୍ମାନନ୍ଦ ନଗରପାଳ ଥିବାବେଳେ କାମାକ୍ଷାନଗରରେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଥମେ ଉଦ୍ୟମ କରିଥିଲେ। ସୋମବାର ପୂର୍ବାହ୍ନରେ ଆୟୋଜିତ ଉକ୍ତ ଶୋକସଭାରେ ଅଧ୍ୟାପିକା ମିନତି ନାୟକ, ସଂଗିତାରାଣୀ ମହାପାତ୍ର, ଗାୟତ୍ରୀ ପଟ୍ଟନାୟକ, ମିନାକ୍ଷୀ ମହାରଣା, ସ୍ୱାଗତିକା ନନ୍ଦ, ସୁନିତ ବ୍ରତୀ ହୋତା, ପ୍ରଣତି ଧଳ, କର୍ମଚାରୀ ପଞ୍ଚାନନ ପରିଡା ଓ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ବସ୍‌ଷ୍ଟାଣ୍ଡରେ ପଶିଲା ଘରୋଇ ବସ୍

## ଉଦ୍‌ଘାଟନର ୬ ଦିନ ପରେ ସମସ୍ୟା ସମାଧାନ

**ଢେଙ୍କାନାଳ,୧୮।୩(ରତନ ନାୟାର)**

ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ଢେଙ୍କାନାଳରେ ୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ନୂଆ ବସ୍‌ଷ୍ଟାଣ୍ଡକୁ ଗତ ୧୨ ତାରିଖରେ ଲୋକାର୍ପଣ କରାଯାଇଥିଲା। ଏହାର ୬ଦିନ ପରେ ସୋମବାର ଘରୋଇ ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡରେ ପ୍ରବେଶ କରିଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ହସ୍ତକ୍ଷେପ ପରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇପାରିଛି। ଏଥିରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ମଧ୍ୟ ସହାୟତା କରିଥିଲେ। ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ ସକାଳ ୬ଟାରେ ବସ୍‌ଷ୍ଟାଣ୍ଡରେ ଉପସ୍ଥିତ ରହି ଢେଙ୍କାନାଳ ଦେଇ ଆସୁଥିବା ଓ ଯାଉଥିବା ଘରୋଇ ବସ୍‌ଗୁଡିକୁ ବସ୍‌ଷ୍ଟାଣ୍ଡ ଭିତରେ ଭର୍ତ୍ତି କରିଥିଲେ। ଏହା ଫଳରେ



ନୂତନ ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ପ୍ରବେଶ କରିଛି।

ନୂତନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଯାତ୍ରୀମାନେ ଅବଗତ ହେବା ସହିତ ଏହାକୁ ବ୍ୟବହାର ମଧ୍ୟ କରୁଥିବା ଦେଖାଯାଇଥିଲା।

ପ୍ରକାଶ ଯେ, ଉଦ୍‌ଘାଟନ ପରେ ମଧ୍ୟ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ବସ୍‌ଷ୍ଟାଣ୍ଡର ମୁଖ୍ୟ ଫାଟକକୁ ତାଲା ପକାଇ ରଖିବାରୁ ବସ୍‌ଗୁଡିକ ରାସ୍ତା ଉପରେ ପାର୍କିଂ କରୁଥିଲେ। ଏଥିଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହୋଇଥିଲା। ଓଏସ୍‌ଆର୍‌ଟିସି ପକ୍ଷରୁ ବସ୍‌ମାଲିକ ସଂଘର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ନ କରି ପାର୍କିଂ ଫି ବୃଦ୍ଧି କରିବା ଏବଂ ଲୋକାର୍ପିତ ଦିବସରେ ବସ୍‌ମାଲିକ ସଂଘକୁ ନ ଡାକିବା, ଅନ୍ୟକିଛି ସମସ୍ୟାକୁ ନେଇ ଘରୋଇ ବସ୍‌ଗୁଡିକ ନୂତନ ବସ୍‌ଷ୍ଟାଣ୍ଡକୁ ପ୍ରବେଶ କରୁ ନ ଥିଲା। ଘଟଣା ଜାଣିବା ପରେ ଜିଲାପାଳ ଏହାର ସମାଧାନ କରିବା ସହିତ ସୋମବାର ଠାରୁ ବସ୍‌ଗୁଡିକ ନିର୍ଦ୍ଧାରିତ ଯାତାୟତ ବ୍ୟବସ୍ଥା ଅନୁଯାୟୀ ଘରୋଇ ବସ୍‌ଷ୍ଟାଣ୍ଡରେ ପ୍ରବେଶ କରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଘରୋଇ ବସ୍ ମାଲିକ ସଂଘର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ତ୍ରିପାଠୀ କହିଛନ୍ତି, ଜିଲାପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଛି। ସକାଳ ୬ଟାରୁ ବସ୍‌ଷ୍ଟାଣ୍ଡକୁ ଆସି ବସ୍‌ଗୁଡିକ ବସ୍‌ଷ୍ଟାଣ୍ଡରେ ପ୍ରବେଶ କରାଇବା ବ୍ୟବସ୍ଥା କରାଯାଇଛି। ଢେଙ୍କାନାଳ ବାଟଦେଇ କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ସମ୍ବଲପୁରକୁ ପ୍ରାୟ ୧୦୦ରୁ ଅଧିକ ବସ୍ ଚଳାଚଳ କରୁଛି।



ତୁର୍କୀସ୍ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଏକ ମ୍ୟାଚ ପରେ ଫେନରବାଚେ ଦଳର ଖେଳାଳିଙ୍କୁ ଟ୍ରାବଜୋନସ୍ପରର ପ୍ରଶଂସକମାନେ ପଡ଼ିଆରେ ପଶି ଆକ୍ରମଣ କରୁଛନ୍ତି।

# ତୁର୍କୀସ୍ ସୁପର ଲିଗ୍‌ରେ ଖେଳାଳିଙ୍କୁ ଆକ୍ରମଣ

**ଅଙ୍କାରା,୧୮।୩(ପି.ଟି.)**

ତୁର୍କୀସ୍ ସୁପର ଲିଗ୍‌ରେ ଫେନରବାଚେ ଦଳର ଖେଳାଳିଙ୍କୁ ଆକ୍ରମଣ ଘଟଣାରେ ଟ୍ରାବଜୋନସ୍ପରର ୧୨ ଜଣ ଫ୍ୟାନଙ୍କୁ ପୋଲିସ ଅଟକ ରଖିଛି। ରବିବାର ଟ୍ରାବଜୋନସ୍ପର ଦଳ ଫେନରବାଚେ ଦଳଠାରୁ ଏକ ହୋମ୍ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଟ୍ରାବଜୋନ୍‌ରେ ଖେଳା ଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୩-୨ରେ ହାରିବା ପରେ ଉତ୍ୟକ୍ତ ଫ୍ୟାନମାନେ ପଡିଆ ମଧ୍ୟକୁ ପଶି ଫେନରବାଚେ ଦଳର ଖେଳାଳିଙ୍କୁ ଆକ୍ରମଣ କରିଥିଲେ। ହାତାହାତି ପର୍ଯ୍ୟନ୍ତ କଥା ଯାଇଥିବା ବେଳେ ସୁରକ୍ଷାକର୍ମୀମାନେ ଫେନରବାଚେ ଖେଳାଳିଙ୍କୁ ଟନେଲ ଦେଇ ଲକର ରୁମ୍ ଯାଏ ନେଇଥିଲେ। ଭିଡିଓ ଫୁଟେଜ ଆଧାରରେ ୧୨ ଜଣ ବ୍ୟକ୍ତିଙ୍କୁ ପୋଲିସ୍ ଅଟକ ରଖିଥିବା କୁହାଯାଇଛି। ଗୃହମନ୍ତ୍ରୀ

**୧୨ ଟ୍ରାବଜୋନସ୍ପର ଫ୍ୟାନ୍ ଅଟକ**

ଅଲି ୟେର୍ଲିକାୟା ଏକ୍ସରେ ପୋଷ୍ଟ କରି ଏହା ସ୍ପଷ୍ଟ କରିଛନ୍ତି। ପୂର୍ବରୁ ତୁର୍କୀସ ଲିଗ୍‌ରେ ଜଣେ ରେଫରିଙ୍କୁ ମୁଥ ମାରିବା ଅଭିଯୋଗରେ ଅଙ୍ଗକାରଗୁକୁ କ୍ଲବ ସଭାପତିଙ୍କୁ ଗିରଫ କରାଯାଇଥିଲା। ଆକ୍ରମଣ ଘଟଣାରେ ବର୍ତ୍ତମାନ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମେ ପଡିଆକୁ ପ୍ରବେଶ କରିଥିବା ବ୍ୟକ୍ତି, କର୍ନର ଫ୍ଲାଗ ଉଠାଇ ଆକ୍ରମଣ କରିଥିବା ବ୍ୟକ୍ତି ଓ ଗୋଲକିପର ଡୋମିନିକ୍ ଲିଭାକୋଭିକଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବା ନେଇ ୟେର୍ଲିକାୟା ସ୍ପଷ୍ଟ କରିଛନ୍ତି। ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

## ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

**ଭୁବନେଶ୍ୱର, ୧୮।୩ (ତପନ ସ୍ୱାଇଁ)**

ରାଜ୍ୟ ପକ୍ଷରୁ ଅନେକ ବର୍ଷ ଧରି ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲରେ ପ୍ରତିନିଧିତ୍ୱ କରିଥିବା ତଥା ରାଜ୍ୟସ୍ତରୀୟ ରେଫରି ଗଣେଶ ଆପଟଙ୍କର ରବିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ, ୩ ଝିଅ ଓ ଜଣେ ପୁଅ ଅଛନ୍ତି। କିଛିଦିନ



ହେଲା ଅସୁସ୍ଥ ଥିବା ଗଣେଶ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଓଡ଼ିଶା ପୋଲିସରେ ଜଣେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଟାଇଟଲ ବଜାୟ ରଖିଲେ ଅଲ୍‌କାରାଜ

**ଇଣ୍ଡିଆନ ୱେଲ୍ସ, ୧୮।୩ (ଏପି)**

କାର୍ଲୋସ ଅଲ୍‌କାରାଜ ବିଏନ୍‌ପି ପାରିବାସ ଓପନ୍ ଟେନିସ ଟାଇଟଲ ବଜାୟ ରଖିଛନ୍ତି। ଫାଇନାଲରେ ସେ ଡାନିଲ ମେଡଭେଡେଭଙ୍କୁ ୭-୬ (୫), ୬-୧ରେ ହରାଇ ଦେଇଛନ୍ତି। ଏହି ଇଭେଣ୍ଟରେ ସେ କ୍ରମାଗତ ଦ୍ୱିତୀୟ ଥର ଫାଇନାଲରେ ମେଡଭେଡେଭଙ୍କୁ ଭେଟିଥିଲେ। ଗତବର୍ଷ ୱିମ୍ବଲେଡନ ପରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଟାଇଟଲ। ଅନ୍ୟପକ୍ଷରେ ଇଗା ସ୍ୱିଟେକ୍ ୬-୪, ୬-୦ରେ ମାରିଆ ସାକାରୀଙ୍କୁ ହରାଇ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ସ୍ୱିଟେକ୍ ମ୍ୟାଚ ପିଛା ୩.୫ ଗେମ୍ ଆଭରେଜରେ ୧୨ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଖେଳିଥିବା ୬ଟି ମ୍ୟାଚରେ ୨୧ଟି ଗେମ୍‌ରେ ପରାସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ଶେଷରେ ଅନୁଷ୍ଠିତ ରିଓ ଓପନରେ ଅଲ୍‌କାରାଜଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏଠାରେ ସେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳିପାରିବେ କି ନା ସେ ନେଇ ସନ୍ଦେହ ରହିଥିଲା। କିନ୍ତୁ ସେ ଏଠାରେ ଦ୍ୱିତୀୟ ଥର ଟାଇଟଲ ଜିତି ଫେରିଛନ୍ତି। ନୋଭାକ ଜୋକୋଭିଚ୍‌ଙ୍କ ପରେ ଇଣ୍ଡିଆନ ୱେଲ୍ସରେ ଟାଇଟଲ ବଜାୟ ରଖିବାରେ ଅଲ୍‌କାରାଜ ହେଉଛନ୍ତି ପ୍ରଥମ ପୁରୁଷ ଖେଳାଳି। ଜୋକୋଭିଚ୍ ୨୦୧୪-ରୁ୧୬ କ୍ରମାଗତ ୩ଥର ଏଠାରେ


ଟ୍ରଫି ସହ କାର୍ଲୋସ ଅଲକାରାଜ।

ଟାଇଟଲ ଜିତିଥିଲେ। ଅଲ୍‌କାରାଜ ଗତବର୍ଷ ସର୍ଦ୍ଦର୍ନ କାଲିଫର୍ନିଆ ଡେଜର୍ଟରେ ମେଡଭେଡେଭଙ୍କୁ ୬-୩, ୬-୨ରେ ହରାଇ ଦେଇଥିଲେ। ଏଥର ଚାମ୍ପିୟନ ଭାବେ ଅଲକାରାଜ ଓ ସ୍ୱିଟେକ୍ ପ୍ରତ୍ୟେକ ୧.୧ ନିୟୁତ ଡଲାର ପକେଟସ୍ଥ କରିଛନ୍ତି, ଯାହା କି ୨୦୨୩ରେ ମହିଳା ଓ ପୁରୁଷ ଚାମ୍ପିୟନ ପାଇଥିବା ପୁରସ୍କାର ରାଶି ୧.୨୬ ନିୟୁତ ଡଲାରଠାରୁ କମ୍। ଏଥର ଚାମ୍ପିୟନ ପୁରସ୍କାର ରାଶି ୧୩% ପ୍ରତିଶତ ହ୍ରାସ କରାଯାଇ ପୂର୍ବ ରାଉଣ୍ଡ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି।

# ବାଂଲାଦେଶ ସିରିଜ ବିଜୟୀ

**ଚିଟାଗଙ୍ଗ, ୧୮।୩ (ଏପି)**

ଶ୍ରୀଲଙ୍କା ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ବାଂଲାଦେଶ ୪ ଉଇକେଟରେ ବିଜୟ ହାସଲ କରିଛି। ଦଳ ଏଥିସହିତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତି ନେଇଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ଓଭରରେ ୨୩୫ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜାନିଥ ଲିୟାନେଗ୍ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୧୦୨ ବଲ୍‌ରୁ ୧୦୧ ରନ୍ କରିଥିଲେ। ଜବାବରେ ବାଂଲାଦେଶ ୯.୪ ଓଭର ବାକିଥାଇ ୬ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ଆଘାତପ୍ରାପ୍ତ ସୌମ୍ୟ ସରକାରଙ୍କ ବଦଳରେ ଖେଳିବାକୁ ଆସିଥିବା ତାନ୍‌ଜିଦ୍ ହସନଙ୍କ ୮୪ ରନ ମ୍ୟାଚର ଏକ ଉଲ୍ଲେଖନୀୟ ଘଟଣା। ଏକ ବାଉଣ୍ଡରି ସେଭ୍ କରିବାକୁ ଯିବା ବେଳେ ଗ୍ରାଉଣ୍ଡରେ ମୁଣ୍ଡ ବାଜି ଆଘାତପ୍ରାପ୍ତ ହେବା ସହ ସୌମ୍ୟଙ୍କ ମୁଣ୍ଡରେ ଯନ୍ତ୍ରଣା ଏବଂ ଦୃଷ୍ଟିଶକ୍ତିରେ



ଶତକ ହାସଲପରେ ଶ୍ରୀଲଙ୍କାର ଜାନିଥ ଲିୟାନେଗ୍।

ସମସ୍ୟା ଦେଖାଦେଇଥିଲା। ତାଙ୍କ ବଦଳ ଖେଳାଳି ହିସାବରେ ଦଳରେ ସ୍ଥାନ ପାଇଥିବା ତାନ୍‌ଜିଦ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ସେ ତାଙ୍କ ଇନିଂସରେ ୯ ଚୌକା ଓ ୪ ଛକା ଲଗାଇଥିଲେ। ତାନଜିଦ୍‌ଙ୍କ ପରେ ରିଶାଦ ହୋସେନ ବ୍ୟାଟିଂରେ ଯୋଗ ଦେଇଥିଲେ। ଏହି ମ୍ୟାଚ ପାଇଁ ଯେଉଁ ୩ଜଣ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ପାଇଥିଲେ ସେମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ୧୮ଟି ବଲ୍‌ରୁ ୫ ଚୌକା ଓ ୪ ଛକା ସହ ୪୮ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ୬ ଉଇକେଟ ବିନିମୟରେ ୨୩୭ ରନ କରି ମ୍ୟାଚ ଜିତି ନେଇଥିଲା। ସିରିଜର ପ୍ରଥମ ମ୍ୟାଚ୍‌କୁ ବାଂଲାଦେଶ ୬ ଉଇକେଟରେ ଜିତି ନେଇଥିବା ବେଳେ ପରବର୍ତ୍ତୀ ମ୍ୟାଚ ୩ ଉଇକେଟରେ ଜିତି ଶ୍ରୀଲଙ୍କା ସିରିଜକୁ ବରାବର ସ୍ଥିତିକୁ ନେଇ ଆସିଥିଲା।

# ରୋହିତଙ୍କ ସାମ୍ରାଜ୍ୟ ଆଗକୁ ବଢ଼ାଇବା ଲକ୍ଷ୍ୟରେ ପାଣ୍ଡ୍ୟା

**ମୁମ୍ବାଇ,୧୮।୩(ପି.ଟି.)**

ଆଇପିଏଲ୍ ୨୦୨୪ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ)ର ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କୁ ପ୍ରଶଂସା କରିଛନ୍ତି ନବନିଯୁକ୍ତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ରୋହିତ ଏମ୍‌ଆଇ ପାଇଁ ଯାହା କରିଛନ୍ତି ତାହା ବେଶ୍ ପ୍ରଶଂସନୀୟ। ତେଣୁ ରୋହିତଙ୍କ ସାମ୍ରାଜ୍ୟକୁ ଆଗକୁ ବଢ଼ାଇବା ମୋର ଲକ୍ଷ୍ୟ ରହିବ ବୋଲି କହିଛନ୍ତି ପାଣ୍ଡ୍ୟା। ଆଇପିଏଲ ୨୦୨୪ ପୂର୍ବରୁ ଗୁଜରାଟ ଟାଇଟନ୍ସଠାରୁ ପାଣ୍ଡ୍ୟାଙ୍କୁ ଟ୍ରେଡ୍ କରିଥିଲା ଏମ୍‌ଆଇ। ତେବେ ରୋହିତଙ୍କ ସ୍ଥାନରେ ପାଣ୍ଡ୍ୟାଙ୍କୁ ଅଧିନାୟକ କରାଯିବା ନିଷ୍ପତ୍ତିକୁ ଅନେକ ଏମ୍‌ଆଇ ଫ୍ୟାନ ସହଜରେ ଗ୍ରହଣ କରିପାରି ନ ଥିଲେ। ଆଇପିଏଲ ଇତିହାସର ସଫଳ ଅଧିନାୟକ ରୋହିତଙ୍କ ଅଧୀନରେ ଏମ୍‌ଆଇ ୫ ଥର ଟ୍ରଫି ଜିତିଥିଲା। ରୋହିତଙ୍କ ଉପସ୍ଥିତି ମୋ ପାଇଁ ଏକ ସକାରାତ୍ମକ ଜିନିଷ ବୋଲି କହିଛନ୍ତି ପାଣ୍ଡ୍ୟା। ଯେ କୌଣସି ପରିସ୍ଥିତିରେ ରୋହିତଙ୍କଠାରୁ ମୁଁ ପରାମର୍ଶ ପାଇପାରିବି ବୋଲି ମଧ୍ୟ ସେ କହିଛନ୍ତି। ୨୦୧୫ରେ ମୁଁ ଏମ୍‌ଆଇରୁ ମୋର କ୍ୟାରିୟର ଆରମ୍ଭ କରିଥିଲି। ସମାନ ଦଳକୁ ଅଧିନାୟକ ଭାବରେ ପ୍ରତ୍ୟାବର୍ତ୍ତନ କରିବା ମୋ ପାଇଁ ଗର୍ବର ବିଷୟ। କ୍ୟାରିୟର ଆରମ୍ଭରୁ ମୁଁ ରୋହିତଙ୍କ ଅଧୀନରେ ଖେଳି ଆସିଛି। ତେଣୁ ଯେତେବେଳେ ବି ପରାମର୍ଶ ଆବଶ୍ୟକ ରୋହିତଙ୍କଠାରୁ ତାହା ମିଳିପାରିବ ବୋଲି କହିଛନ୍ତି ପାଣ୍ଡ୍ୟା।

# ଆର୍‌ସିବି ଟ୍ରେନିଂ କ୍ୟାମ୍ପ୍‌ରେ କୋହଲି

**ବେଙ୍ଗାଲୁରୁ,୧୮।୩(ପି.ଟି.)**

ରବିବାର ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ସୁପରଷ୍ଟାର ବିରାଟ କୋହଲି ସୋମବାର ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)ର ଟ୍ରେନିଂ କ୍ୟାମ୍ପ୍‌ରେ ଯୋଗଦେଇଛନ୍ତି। ସୋମବାର କୋହଲି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଭ୍ୟାସ କରୁଥିବାର ନଜର ଆସିଥିଲେ। ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସିଙ୍କ ସହିତ ଅଭ୍ୟାସ କରିବା ସହ ଉଭୟ ଖେଳାଳି କିଛି ସମୟ ଧରି ଆଲୋଚନା ମଧ୍ୟ କରିଥିଲେ। ଆସନ୍ତା ୨୨ ତାରିଖରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ ଆରସିବି। ଟୁର୍ନାମେଣ୍ଟକୁ ୪ ଦିନ ବାକି ରହିଥିବା ବେଳେ କୋହଲି ଅଭ୍ୟାସ ଆରମ୍ଭ କରିଛନ୍ତି। ଭାରତୀୟ ଟି୨୦ ବିଶ୍ୱକପ ଦଳରେ ସାମିଲକୁ ନେଇ କୋହଲିଙ୍କ ପାଇଁ ଆଇପିଏଲ୍‌ର ଗୁରୁତ୍ୱ ବଢିଯାଇଛି। ୩୫ ବର୍ଷୀୟ କୋହଲି ୨୦୨୨ ପରଠାରୁ ଅନ୍ତର୍ଜାତୀୟ ଟି୨୦ ଖେଳି ନ ଥିବା ବେଳେ ଆଫଗାନିସ୍ତାନ




ବିପକ୍ଷ ସିରିଜ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା। ସମାନ ସିରିଜ୍‌ରେ ଅଧିନାୟକ ରୋହିତ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଗତ ସିଜନରେ କୋହଲି ୬୩୯ ରନ୍ ସ୍କୋର କରିଥିଲେ। ବ୍ୟକ୍ତିଗତ ଭାବେ କୋହଲି ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଆରସିବି ଥରେ ହେଲେ ଆଇପିଏଲ୍ ଟ୍ରଫି ହାସଲ କରିବାରେ ସମର୍ଥ ହୋଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ପୁଅ ଅକାୟର ଜନ୍ମ ପାଇଁ କୋହଲି ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଓହରି ଯାଇଥିଲେ।

# ଅଭିଷେକ, ବିଶ୍ୱଭୂଷଣ, ଦିବ୍ୟଶକ୍ତିଙ୍କ ଶତକ

**ଭୁବନେଶ୍ୱର,୧୮।୩**
**(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆରମ୍ଭ ହୋଇଥିବା ସିନିୟର ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଏ, ଇକୋର୍ସା, ଖୋର୍ଦ୍ଧା, କଟକ ଏ' ରାଉରକେଲା ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ଡାଇମଣ୍ଡ ଏ ଓ ବି ଗ୍ରୁପ୍‌ର ୬ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଅଭିଷେକ ଯାଦବ, ବିଶ୍ୱଭୂଷଣ ବିହାରୀ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ଶତକ ହାସଲ କରିଛନ୍ତି।

ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ଏ' ୧୦ ଉଇକେଟରେ କଟକ ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ ୩୨.୨ ଓଭରରେ ୧୨୦ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଅନିଲ ପରିଡା ୩୪ ରନ୍ କରିଥିବା ବେଳେ ରୀତେଶ ଓ ଅଂଶୁମାନ ୩ ଉଇକେଟ ଲେଖାଏ ନେଇଥିଲେ। ଜବାବରେ ଶାନ୍ତନୁ ମିଶ୍ରଙ୍କ ୫୯* ଓ ରଘୁନାଥ ମଲ୍ଲଙ୍କ ୫୩* ରନ୍ ବଳରେ ଭୁବନେଶ୍ୱର ୧୦ ଉଇକେଟରେ ମ୍ୟାଚକୁ ଜିତି ନେଇଥିଲା।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଇକୋର୍ସା ୧୫୪ ରନ୍‌ରେ ସୁନ୍ଦରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ପକ୍ଷରୁ ଅଭିଷେକ ଯାଦବ ୧୩୪ ଓ ସୁଜିତ ଲେଙ୍କା ୯୭ ରନ୍ କରିଥିବା ବେଳେ ଦଳ ୩୩୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସ୍ୱସ୍ତିକ ସାମଲ ଓ ସାହିଲ ପ୍ରସାଦ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ ୧୭୭ ରନ୍‌ରେ ଅଲଆଉଟ ହୋଇଥିଲା। ବିଭାସ ଶ' ୫୧ ରନ୍ କରିଥିବା ବେଳେ ଜୟନ୍ତ ବେହେରା ୫ ଉଇକେଟ ନେଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଖୋର୍ଦ୍ଧା ୪୧ ରନ୍‌ରେ ସମ୍ବଲପୁରକୁ ପରାସ୍ତ କରିଛି। ବିଶ୍ୱଭୂଷଣ ବିଦ୍ୟାର୍ଥୀଙ୍କ ୧୦୨ ଓ ଆର୍ଯ୍ୟଶ୍ରୀ ଭଞ୍ଜଙ୍କ ୭୨ ରନ୍ ବଳରେ ୩୦୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।







ଶତକ ହାସଲକାରୀ ଅଭିଷେକ ଯାଦବ ଓ ବିଶ୍ୱଭୂଷଣ ବିହାରୀ।

**ଆନ୍ତଃଜିଲା କଳାହାଣ୍ଡି କପ୍**

ହ୍ରିତିକ ପଟେଲ ଓ ଦିନା ଦାସ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୨୬୭ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଋଷି ମେହେରା ୭୩ ଓ ସୟଦ ଜାକି ୭୧ ରନ୍ ସ୍କୋର କରିଥିଲେ। ଖୋର୍ଦ୍ଧା ପକ୍ଷରୁ ଜ୍ୟୋତି ବେହେରା ୩ ଓ ସନ୍ଦୀପ ଚୌହାନ ୨ ଉଇକେଟ ନେଇଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳା ଯାଇଥିବା ମ୍ୟାଚରେ କଟକ ଏ' ୪ ଉଇକେଟରେ ଯାଜପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଯାଜପୁର ୪୬.୨ ଓଭରରେ ୨୧୩ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସୟଦ ଇଜହାରୁଦ୍ଦିନ ୮୭ ଓ ସାୱନ ପାହଡିଆ ୪୫ ରନ୍ କରିଥିଲେ। କଟକ ପକ୍ଷରୁ ଜାମଲ ମହାପାତ୍ର ୩ ଓ ରାମଚନ୍ଦ୍ର ବେହେରା ୨ ଉଇକେଟ ନେଇଥଲେ। ଜବାବରେ କଟକ ୪୪.୩ ଓଭରରେ ୬ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ବିଶ୍ୱ ସ୍ୱାଗତ ଭଟ୍ଟାଚାର୍ଯ୍ୟ ୫୦ ଓ ଅଭିଷେକ ରାଉତ ୪୮ ରନ୍ ସ୍କୋର କରିଥିଲେ। ଯାଜପୁର ପକ୍ଷରୁ ଶିବସୁନ୍ଦର ଦାସ ଓ ଏସ୍ କେ ଆଖାରୁଦ୍ଦିନ ୩ଟି ଲେଖାଏ ଉଇକେଟ ନେଇଥିଲେ।

ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଉରକେଲା ୮୩ ରନ୍‌ରେ ଝାରସୁଗୁଡାକୁ ପରାସ୍ତ କରିଛି। ସ୍ୱରୂପ ଭୂୟାଁଙ୍କ ୭୭ ଓ ଜ୍ଞାନ ରଞ୍ଜନ ନାୟକଙ୍କ ୬୦ ରନ୍ ବଳରେ ରାଉରକେଲା ୯ ଉଇକେଟରେ ୩୨୧ ରନ୍ କରିଥିଲା। ଝାରସୁଗୁଡା ପକ୍ଷରୁ ଶୁଭମ୍ ସିଂ ୪ ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡା ୫୦ ଓଭରରେ ୮ ଉଇକେଟରେ ୨୩୮ ରନ୍ କରିଥିଲା। ଏମ୍‌ଡି ଅର୍ମାନ ୫୯ ରନ୍ କରିଥିଲେ।

ବାରବାଟୀ ଷ୍ଟାଡିୟମରେ ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କ ଶତକ ଓ ସର୍ବେଶ୍ୱର ମହାନ୍ତିଙ୍କ ଅଲରାଉଣ୍ଡ ସଫଳତା ବଳରେ ବାଲେଶ୍ୱର ୧୪୪ ରନ୍‌ରେ ଢେଙ୍କାନାଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କ ୧୦୦ ଓ ସର୍ବେଶ୍ୱରଙ୍କ ୫୬ ରନ୍ ବଳରେ ବାଲେଶ୍ୱର ୯ ଉଇକେଟରେ ୨୫୦ ରନ୍ କରିଥିଲା। ଜବାବରେ ଢେଙ୍କାନାଳ ୧୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସର୍ବେଶ୍ୱର ଓ ଜ୍ଞାନେନ୍ଦ୍ର ୩ଟି ଲେଖାଏ ଉଇକେଟ ନେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାନ ପଶିଲା, ଜର ଆସିଲା
ମୋ କତରା କାହିଁ ?
ଭାତ ଫୁଟିଲା, ଜର ଛୁଟିଲା,
ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାଇଁବୁ ଯେତେ ଫୁଟିବୁ ସେତେ
କରମେ ଯେତେ ପାଇବୁ ସେତେ।**

କର୍ମମୟ ଦୁନିଆରେ କର୍ମ ହିଁ ସବୁକିଛି। ବିନା କର୍ମରେ କିଛି ବି ମିଳି ନ ଥାଏ। ଯେ ଯେତେ କର୍ମ କରିଥାଏ, ଜୀବନରେ ସେ ସେତେ ଅଗ୍ରଗତି କରିଥାଏ। କର୍ମାନୁଯାୟୀ ବ୍ୟକ୍ତିଙ୍କୁ ଫଳ ଭୋଗ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ୨୪ ଘଣ୍ଟିଆ କେନ୍ଦୁଝର ବନ୍ଦ

- ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳର ସମର୍ଥନ
- ପରିବହନ ଠପ୍, ୨ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ କ୍ଷତି

କେନ୍ଦୁଝର,୧୮।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ସୋମବାର ଦିଆଯାଇଥିବା ୨୪ ଘଣ୍ଟିଆ କେନ୍ଦୁଝର ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରୁ ବନ୍ଦ ଆରମ୍ଭ ହୋଇଥିବା ଜିଲା ମୁଖ୍ୟାଳୟ ସମେତ ଜିଲାର ବିଭିନ୍ନ ସ୍ଥାନରେ ବନ୍ଦ କରାଯାଇଛି। ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଖଣିରୁ ଗୁହାଳଡିହି ରେଳ ସାଇଡିଂକୁ ରେଳ ଯୋଗେ ଲୁହାପଥର ପରିବହନ ଲାଗି ରେଳ ଲାଇନ ବିଛାଇବା ପାଇଁ ହୋଇଥିବା ଅନୁମୋଦନକୁ ବିରୋଧ କରାଯାଉଛି। ଏହା ଦ୍ୱାରା ଜିଲାର ଟ୍ରକ ମାଲିକ ତଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ ଲକ୍ଷାଧିକ ପରିବାର କ୍ଷତିଗ୍ରସ୍ତ ହେବେ। ଏ ନେଇ ଦାବି କରି ଆସୁଥିଲେ ହେଁ କେହି ନ ଶୁଣିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କର କହିଛନ୍ତି।

ପ୍ରତିବାଦରେ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ନଂ. ୨୦, ୪୯ ସମେତ ଅନ୍ୟାନ୍ୟ ପ୍ରମୁଖ ରାସ୍ତାର ବିଭିନ୍ନ ସ୍ଥାନରେ ଟ୍ରକ୍ ମାଲିକମାନେ ରାସ୍ତା ଅବରୋଧ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ବ୍ୟାଙ୍କ, ଦୋକାନ ବଜାର, ପରିବା ବଜାର, ପେଟ୍ରୋଲ ପମ୍ପ, ପରୀକ୍ଷା ନ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଥିଲା। ବନ୍ଦକୁ ଘରୋଇ ବସ ସଂଘ ଓ ଡ୍ରାଇଭର ସଂଘ ସମର୍ଥନ କରୁଥିବାରୁ ଯାତ୍ରୀବାହୀ ଓ ଅନ୍ୟାନ୍ୟ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧା ଭୋଗିଥିଲେ। ଯାତ୍ରୀ ସେବା ବ୍ୟାହତ ହୋଇଥିବା ବେଳେ ଲୁହାପଥର ଓ ଅନ୍ୟାନ୍ୟ ମାଲ ପରିବହନ ଠପ୍ ହୋଇଯାଇଥିଲା। ସେହିପରି ଆନ୍ଦୋଳନକାରୀମାନେ କେନ୍ଦୁଝରଗଡ଼ ରେଳ ଷ୍ଟେଶନରେ ରେଳରୋକ୍ କରି ଆନ୍ଦୋଳନ କରିଥିଲେ। ଫଳରେ ଲୁହାପଥର ଓ ଅନ୍ୟାନ୍ୟ ମାଲ ପରିବହନ ବନ୍ଦ ରହିଥିବା ବେଳେ ଯାତ୍ରୀବାହୀ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଜିଲା ପ୍ରଶାସନର ଆଲୋଚନା ପରେ କେନ୍ଦୁଝରଗଡ-ଖୋର୍ଦ୍ଧା ଯାତ୍ରୀବାହୀ ଟ୍ରେନ୍ ପ୍ରାୟ ୫ ଘଣ୍ଟା ପରେ ଚଳାଚଳ କରିଥିଲା। ଜିଲା ମୁଖ୍ୟାଳୟରେ ଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ ସମ୍ମୁଖରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସହଯୋଗ କରିବାକୁ ଅଧିକାରୀମାନଙ୍କୁ ନିବେଦନ କରିଥିଲେ। ଟ୍ରକ ମାଲିକମାନେ ପିକେଟିଂ କରି ଅଫିସ ବନ୍ଦ କରିଥିଲେ। ସେହିପରି ଯୋଡ଼ା, ବଡ଼ବିଲ ଖଣି ଅଞ୍ଚଳ ସମେତ ଆନନ୍ଦପୁର, ଚମ୍ପୁଆ ଉପଖଣ୍ଡର ବିଭିନ୍ନ ସ୍ଥାନରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିଲା। ଖଣି ଓ ଶିଳ୍ପରେ କାମକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଲୁହାପଥର ପରିବହନ ବନ୍ଦ ଯୋଗୁ ରେଳ ମନ୍ତ୍ରଣାଳୟ ତଥା ସରକାରଙ୍କ ପାଖାପାଖି ୨ କୋଟିରୁ ଅଧିକ କ୍ଷତି ହୋଇଥିବା ସୂଚନା ମିଳିଛି। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବରେ କରାଯାଉଛି। ଯାତ୍ରୀ, ଚାଳକ ଓ ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି। ସବୁ ରାଜନୈତିକ ଦଳ ଓ ସଂଗଠନ ଗୁଡ଼ିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଯୋଗ କରିଛନ୍ତି। ଏହା ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆଗେଇନେବୁ ବୋଲି ସଂଘ ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ବିଭିନ୍ନ ସ୍ଥାନରେ ପୋଲିସ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ। ବରିଷ୍ଠ ଅଧିକାରୀମାନେ ଏହାର ତଦାରଖ କରିଥିଲେ।



ଜିଲା ଟ୍ରକ୍ ମାଲିକ ସଂଘର କାର୍ଯ୍ୟକର୍ତ୍ତା କେନ୍ଦୁଝରଗଡ଼ ରେଳ ଷ୍ଟେଶନରେ ଟ୍ରେନ୍ ଅଟକାଇଛନ୍ତି।

# ଭିଜିଲାନ୍ସ ଜାଲରେ ଗ୍ରାମ୍ୟ ଉନ୍ନୟନ(ଜନସ୍ୱାସ୍ଥ୍ୟ) ବିଭାଗର କ୍ଲର୍କ, ପିଅନ

**ବିଲ୍ ପାସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ଭୁବନେଶ୍ୱର,୧୮।୩
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାସ କରାଇଦେବା ପାଇଁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭୁବନେଶ୍ୱର ଡିଭିଜନ ଗ୍ରାମ୍ୟ ଉନ୍ନୟନ (ଜନସ୍ୱାସ୍ଥ୍ୟ) ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସିନିୟର କ୍ଲର୍କ କମ୍ କ୍ୟାଶିୟର ସଦାଶିବ ସାହୁ ଓ ପିଅନ ପ୍ରଦୀପ୍ତ କିଶୋର ଦାସ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସମସ୍ତ ଲାଞ୍ଚ ଟଙ୍କା ପିଅନ ଦାସଙ୍କଠାରୁ ଜବତ ହୋଇଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ.୬/୨୦୨୪ ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଭିଜିଲାନ୍ସ ଟିମ୍ ଉଭୟଙ୍କ ସରକାରୀ ଅଫିସ ଓ ଘରେ ଚଢାଉ କରି ଅଧିକ ତଦନ୍ତ କରୁଛି। ଏକ ସରକାରୀ କୋଠାର ସାନିଟାରି କାର୍ଯ୍ୟର ବାକି ରହିଥିବା ବିଲ୍ ପାସ୍ କରାଇଦେବାକୁ କହି ଅଭିଯୁକ୍ତଦ୍ୱୟ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଏନେଇ କଣ୍ଟ୍ରାକ୍ଟର ଜଣକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

# ଆଦିବାସୀଙ୍କ ବିକାଶକୁ ଆମେ ପ୍ରାଥମିକତା ଦେଇଛୁ: ବିଜେଡି

**ଆଦିବାସୀ ନେତାଙ୍କ ନାମରେ ୩ ମେଡିକାଲ କଲେଜ**

ଭୁବନେଶ୍ୱର,୧୮।୩(ଅନିଲଦାସ)

ଆଦିବାସୀ ସମ୍ପ୍ରଦାୟ ଓଡ଼ିଶା ରାଜ୍ୟ ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନେ ଅନନ୍ୟ ସଂସ୍କୃତି, ଜୀବନଶୈଳୀର ପ୍ରତିନିଧିତ୍ୱ କରନ୍ତି। ଉଦ୍ଭିଦର ଔଷଧୀୟ ଦିଗ ସମେତ ଜଙ୍ଗଲ ଏବଂ ବନଜାତ ଦ୍ରବ୍ୟ ବିଷୟରେ ଅନେକ ପ୍ରକାରର ଅନନ୍ୟ ଜ୍ଞାନର ଭଣ୍ଡାର ଅଟନ୍ତି ବୋଲି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର ଏବଂ ମୁଖପାତ୍ର ଡ. ପ୍ରିୟବ୍ରତ ମାଝି କହିଛନ୍ତି।

ଶଙ୍ଖଭବନଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉଭୟ ମୁଖପାତ୍ର କହିଛନ୍ତି, ଓଡ଼ିଶାରେ ୬୪ ସମ୍ପ୍ରଦାୟର ଆଦିବାସୀ ଅଛନ୍ତି। ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ୬୪ଟି ଭାଷା ଓ ୭୪ଟି ଉପଭାଷା କୁହାଯାଏ। ଅନନ୍ୟ ବିବିଧତା ସତ୍ତ୍ୱେ ଆସିବାସୀ ସମ୍ପ୍ରଦାୟକୁ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତ କରିବାର ଅନେକ ଆବଶ୍ୟକତା ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଭବ କରିଥିଲେ। ସେ ଆଦିବାସୀମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଶିକ୍ଷା, ବାସସ୍ଥଳୀ, ସଂସ୍କୃତି, ଭାଷା ସଂରକ୍ଷଣ ଆଦି ସେମାନଙ୍କର ମୁଖ୍ୟ ଆବଶ୍ୟକତା ଥିଲା। ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ସେମାନଙ୍କ ସ୍ୱାଭାବିକ ପ୍ରତିଭାକୁ ଆଗକୁ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ସ୍ଥିର କରିଥିଲେ। ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ୩ ଜଣ ବିଶିଷ୍ଟ ଆଦିବାସୀ ନେତାଙ୍କ ନାମରେ ତିନୋଟି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ସେହିଭଳି ଆଦିବାସୀ ଅଞ୍ଚଳର ୨୫୦୦ ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତରଣ କରାଯାଇଛି। ୨୦୨୪ ଶେଷ ସୁଦ୍ଧା ଆଉ ୩୩୦୦ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏସ୍‌ସିଏସ୍‌ଟି ବିଭାଗ ଅଧୀନରେ ଥିବା ୧୭୩୪ ବିଦ୍ୟାଳୟରେ ୪.୬ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୬୫୦୦ ଛାତ୍ରାବାସରେ ୫.୭ ଲକ୍ଷ ଛାତ୍ରୀଛାତ୍ର ରହୁଛନ୍ତି। ପ୍ରି-ମାଟ୍ରିକ ସ୍ତରରେ ୧୫ ଲକ୍ଷ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଦିଆଯାଉଛି। ଏ ବାବଦରେ ବାଳିକାଙ୍କୁ ବାର୍ଷିକ ୮୦୦୦ ଟଙ୍କା ଓ ବାଳକଙ୍କୁ ୭୫୦୦ ଟଙ୍କା ପ୍ରଦାନ କରାଯାଉଛି। ସମସ୍ତ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୪ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରବର୍ତ୍ତୀ ବୃତ୍ତି ମିଳୁଛି। ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପାଇଁ ପ୍ରୋତ୍ସାହିତ କରିବାକୁ ଟପ୍ ଅପ୍ ସ୍କଲାରଶିପ୍ ପ୍ରଦାନ କରାଯାଇଛି। ଏହି ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ସହରାଞ୍ଚଳରେ ଘରୋଇ, କେନ୍ଦ୍ରୀୟ ଓ ଅନ୍ୟାନ୍ୟ ଅନୁଦାନପ୍ରାପ୍ତ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ଶିକ୍ଷା ଦିଆଯାଉଛି। ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀମାନେ ମୁଖ୍ୟତଃ ମହିଳା ହୋଇଥିବାରୁ ଏହା ପ୍ରାୟ ୯୯ ଲକ୍ଷ ଆଦିବାସୀଙ୍କୁ ସାହାଯ୍ୟ କରିଛି। ଏହା ଦ୍ୱାରା ଶୋଷଣ ଓ ଅଭାବୀ ବିକ୍ରି ବନ୍ଦ ହୋଇଯାଇଛି। ଯୁବ ସଶକ୍ତୀକରଣ ପାଇଁ ଭଗବାନ ବିର୍ସା ମୁଣ୍ଡା ଷ୍ଟାଡିୟମ ନାମରେ ରାଉରକେଲାର ସର୍ବବୃହତ୍ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ସୁନ୍ଦରଗଡ଼ର ପ୍ରତି ବ୍ଲକରେ ୧୭ଟି ଆଷ୍ଟ୍ରୋଟର୍ଫ ପ୍ରତିଷ୍ଠା ହୋଇଛି। ବିଭିନ୍ନ ଉନ୍ନୟନ ଯୋଜନାରେ ଆଦିବାସୀଙ୍କୁ ସାମିଲ କରିବା ସହିତ ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ମୁଖପାତ୍ର ଦ୍ୱୟ କହିଛନ୍ତି।

# ଖୋଲିଲା ମଝିଘରିଆଣୀଙ୍କ ହୁଣ୍ଡି

## ମିଳିଲା ୮୯,୭୨,୨୨୫ ଟଙ୍କା; ୬୬ ବିଦେଶୀ ନୋଟ୍, ୬୨ ଗ୍ରାମ ସୁନା

ରାୟଗଡ଼ା, ୧୮।୩
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି। ମା' ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା ପୂର୍ବରୁ ମନ୍ଦିରରେ ଥିବା ୯ଟି ଦାନହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୮୯ ଲକ୍ଷ ୭୨ ହଜାର ୨୨୫ ଟଙ୍କା ସହିତ ୬୨ ଗ୍ରାମ ସୁନା ଓ ୨୩୦୦ ଗ୍ରାମ ରୁପା ବାହାରିଥିବା ଜଣାପଡ଼ିଛି। ଏଥିସହିତ ବିଭିନ୍ନ ପ୍ରକାର ୬୬ଟି ବିଦେଶୀ ନୋଟ୍ ମଧ୍ୟ ବାହାରିଛି। ଏହି ବିଦେଶୀ ନୋଟ୍‌ରେ ଡଲାର, ପାଉଣ୍ଡ ସହିତ ବିଭିନ୍ନ ଦେଶର ନୋଟ୍ ରହିଛି। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ପୁରୁଣା ୫୦୦ ଟଙ୍କିଆ ନୋଟ୍ ମଧ୍ୟ ୬ଟି ଏବଂ ୨୦୦୦ ଟଙ୍କିଆ ୩ଟି ବାହାରିଛି।

ସୋମବାର ସକାଳ ପ୍ରାୟ ୧୦ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୧୦ ଘଣ୍ଟା ଧରି ଗଣତି ଚାଲିଥିଲା। ଏଥିପୂର୍ବରୁ ଗତ ସେପ୍ଟେମ୍ବର ୨୭ରେ ଦଶହରା ଉତ୍ସବ ପୂର୍ବରୁ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେହି ସମୟରେ ହୁଣ୍ଡିରୁ ୬୮ ଲକ୍ଷ ୭୪ ହଜାର ୧୪୦ ଟଙ୍କା ସହିତ ୫୩ ଗ୍ରାମ ସୁନା ଓ ୧୭୯୭ଗ୍ରାମ ରୁପା ବାହାରିଥିଲା। ଏଥିସହ ୮ଟି ଆମେରିକୀୟ ଡଲାର ସମେତ ଅନ୍ୟ ଦେଶର ୩ଟି ବିଦେଶୀ ନୋଟ ଏବଂ ୟୁଏଇର ୫ ଡିରହାମ ହୁଣ୍ଡିରୁ ବାହାରିଥିଲା। ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ବେଳେ ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।



ମା' ମଝିଘରିଆଣୀ ମନ୍ଦିରର ଦାନହୁଣ୍ଡି ଟଙ୍କା ଗଣତି କରାଯାଉଛି।

# କୋଏଲ ନଦୀରେ ବୁଡ଼ି ଆଇଟିଆଇ ଛାତ୍ର ମୃତ

**ପିକ୍‌ନିକ୍ ହେଲା କାଳ**

ରାଉରକେଲା/ବନ୍ଧମୁଣ୍ଡା, ୧୮।୩
(ସଙ୍ଗୀତା ଜେନା/ସୁବ୍ରତ ଦେ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପିକ୍‌ନିକ୍ କରିବାକୁ ଯାଇ କୋଏଲ ନଦୀରେ ଗାଧୋଉଥିବା ବେଳେ ୨ଜଣ ଆଇଟିଆଇ ଛାତ୍ର ବୁଡ଼ିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ନୀତିଶ ମାହାତୋ (୧୯)। ସେହିପରି ଅନ୍ୟ ଜଣେ ଛାତ୍ର ଅନିକେତ ବୋଦ୍ରା(୨୦) ନିଖୋଜ ଅଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଛାତ୍ରଙ୍କୁ ଖୋଜାଖୋଜି କରିଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଅନୁଯାୟୀ, ସୋମବାର ଅପରାହ୍ନରେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ରହୁଥିବା ତଥା ବୁଦ୍ଧବୀର ଆଇଟିଆଇରେ ପଢୁଥିବା ୮ଜଣ ଛାତ୍ର ବିଶ୍ରା ଥାନା ଅଧୀନ କର୍କଟନାଶା କୋଏଲ ନଦୀଘାଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେଠାରେ ୨ଜଣ ଛାତ୍ର ଗାଧୋଇବା ବେଳେ ପାଣିରେ ଗୋଡ଼ ଖସିଯିବାରୁ ଉଭୟ ଭାସିଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଅନ୍ୟ ଛାତ୍ରମାନେ ଜଣଙ୍କୁ ଉଦ୍ଧାର କରି ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) ଏ ନେଇ ବିଶ୍ରା ଥାନାରେ କୌଣସି ଏତଲା ହୋଇ ନ ଥିବା ଜଣାପଡିଛି।

# ଲାଞ୍ଚ ମାମଲା: ପୂର୍ବତନ ବ୍ଲକ ଅଧକ୍ଷାଙ୍କୁ ୪ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,୧୮।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ସୋମବାର ଏକ ଲାଞ୍ଚ ମାମଲାର ଶୁଣାଣି କରିଛନ୍ତି। ଟାଙ୍ଗରପାଲି ବ୍ଲକର ପୂର୍ବତନ ଅଧକ୍ଷା କୌଶଲ୍ୟା ଧୂଆ(୪୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା ଓ ଆନାଦୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ଏଥିସହ ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ଇନ୍ଦ୍ରମଣି ଧୂଆଙ୍କୁ ମଧ୍ୟ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଓ ଅନାଦୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ଆଦେଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ପୂର୍ବତନ ବ୍ଲକ ଅଧକ୍ଷା ଧୂଆ ଏକ ଗୋଷ୍ଠୀ କେନ୍ଦ୍ର ଏବଂ ଗ୍ରାମ ମଣ୍ଡପ କାର୍ଯ୍ୟର ବିଲ୍ ମଞ୍ଜୁର ପାଇଁ ବେଆଇନ ଭାବେ ୯ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଲାଞ୍ଚ ଟଙ୍କା ଅଭିଯୋଗକାରୀ ନିତ୍ୟାନନ୍ଦ ପଟେଲଙ୍କଠାରୁ ବ୍ଲକ ଅଧକ୍ଷା ତାଙ୍କ ସରକାରୀ ଅଫିସ ପ୍ରକୋଷ୍ଠରେ ଗ୍ରହଣ କରି ସେଠାରେ ଉପସ୍ଥିତ ଥିବା ସ୍ୱାମୀ ଇନ୍ଦ୍ରମଣିଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରି ତାଙ୍କଠାରୁ ରାସାୟନିକ ପ୍ରଲେପଦିଆ ଲାଞ୍ଚ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନଂ. ୯୪/୧୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ସୁନ୍ଦରଗଡର ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିଷାନ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ। ଦୋଷୀ ସାବ୍ୟସ୍ତ ବ୍ଲକ ଅଧକ୍ଷାଙ୍କୁ ସୁନ୍ଦରଗଡ ଜେଲକୁ ପଠାଇ ଦିଆଯାଇଥିବା ବେଳେ ତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଜାମିନରେ ଯାଇଛନ୍ତି।



କୌଶଲ୍ୟା ଧୂଆ ଓ ତାଙ୍କ ସ୍ୱାମୀ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧକ୍ଷ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୩(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧକ୍ଷ ସମ୍ମିଳନୀ ସୋମବାର ଏମ୍‌କେସିଜି ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଖୋର୍ଦ୍ଧା, ନୟାଗଡ଼ ଓ ଯାଜପୁର ଜିଲାର ଡିଗ୍ରୀ କଲେଜ ଅଧକ୍ଷଙ୍କ ସହିତ ଭାରାପ୍ରାପ୍ତ ପରୀକ୍ଷା ଅଧିକାରୀ, ଆଇକ୍ୟୁଏସି ଏବଂ ନାକ ସଂଯୋଜକ ଯୋଗଦେଇଥିଲେ। ଏହି ଅବସରରେ 'ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ନାକ ସ୍ୱୀକୃତି' ବିଷୟବସ୍ତୁ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏକାଡେମିକ ବ୍ୟାଙ୍କ କ୍ରେଡିଟ(ଏବିସି) ସହ ପରୀକ୍ଷାର ସ୍ୱୟଂଚାଳିତ ବ୍ୟବସ୍ଥା, ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ(ନାକ)ର ସ୍ୱୀକୃତି ଓ ପୁନଃସ୍ୱୀକୃତି ପଦ୍ଧତି, ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟାନ୍ୱୟନ ଆଦି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ କହିଲେ, ନାକ୍ ସ୍ୱୀକୃତି ପାଇବା ପାଇଁ ପ୍ରସ୍ତୁତି ଏକ ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଡକ୍ୟୁମେଣ୍ଟେଶନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଶିକ୍ଷାବର୍ଷର ସମସ୍ତ ତଥ୍ୟ ଓ ସୂଚନାକୁ ଡକ୍ୟୁମେଣ୍ଟେଶନ କରାଯିବା ଦରକାର। ଏହାପରେ ସେସବୁ ତଥ୍ୟ ଅପ୍‌ଲୋଡ୍ କରାଯିବା ସହଜ ହେବ। ତେବେ ଭୁଲ୍ ତଥ୍ୟ ଅପଲୋଡ କଲେ ସେଥିପାଇଁ ଦଣ୍ଡିତ କରିବାକୁ ବ୍ୟବସ୍ଥା ରହିଥିବା ସେ କହିଥଲେ। ନାକ ସ୍ୱୀକୃତି ପାଇଁ ରହିଥିବା ସମସ୍ତ ନିୟମାବଳୀ ସମ୍ପର୍କରେ କୁଳପତି ପ୍ରଫେସର ଆଚାର୍ଯ୍ୟ ସୂଚନା ଦେବା ସହିତ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ଏବଂ ଜ୍ଞାନ ଆହରଣ ପାଇଁ ଶିକ୍ଷା, ଗବେଷଣା ଓ ନୂତନତ୍ୱ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ମତ ପ୍ରକାଶ କରିଥିଲେ। ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ନବନୀତା ରଥ, ସିଡିଡି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ଓ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ଉପସ୍ଥିତ ଥିଲେ।

# କେଜିଏଫ୍ ଷ୍ଟାରଙ୍କ ନାୟିକା ସାଜିବେ କରିନା



**ମୁମ୍ବାଇ:** 'କେଜିଏଫ ଚାପ୍ଟର-୧' ଓ 'କେଜିଏଫ ଚାପ୍ଟର-୨'ଫିଲ୍ମ ଜରିଆରେ ମନୋରଞ୍ଜନ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତା ଯଶ୍। ଆଗକୁ ସେ ତାଙ୍କର ବହୁପ୍ରତିକ୍ଷୀତ ପ୍ରୋଜେକ୍ଟ 'ଟକ୍ସିକ୍'ରେ ନଜର ଆସିବେ। ଗତବର୍ଷ ଡିସେମ୍ବର ମାସରେ ଏହି ପ୍ରୋଜେକ୍ଟ ସଂପର୍କରେ ସୂଚନା ଦେଇଥିଲେ ଯଶ୍। ଏବେ 'ଟକ୍ସିକ୍'ରେ ତାଙ୍କ ସହ କିଏ ସ୍କ୍ରିନ ଶେୟାର କରିବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବଲିଉଡ ଅଭିନେତ୍ରୀ କରୀନା କପୁର ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଆସିପାରନ୍ତି ବୋଲି ଖବର ମିଳିଛି।

ଆଗାମୀ କିଛି ଦିନ ମଧ୍ୟରେ ନିର୍ଦ୍ଦେଶକ ଗୀତୁ ମୋହନ ଦାସ ଏ ସଂପର୍କରେ ଘୋଷଣା କରିପାରନ୍ତି। ଫିଲ୍ମର ସୁଟିଂ କିଛି ସପ୍ତାହ ମଧ୍ୟରେ ଆରମ୍ଭ ହେବ। ଯଦିଓ କରୀନା ଏ ନେଇ ଆନୁଷ୍ଠାନିକ ଭାବେ ପ୍ରକାଶ କରିନାହାନ୍ତି, ତେବେ ନିକଟରେ ପ୍ରଶଂସକମାନଙ୍କ ସହିତ ଆଲୋଚନା ସମୟରେ ସେ ଏକ ବଡ ସାଉଥ ଫିଲ୍ମର ଅଂଶବିଶେଷ ହେବାକୁ ଯାଉଥିବା ସୂଚନା ଦେଇଥିଲେ। କରୀନାଙ୍କ ଏହି ଇଙ୍ଗିତରୁ ସେ 'ଟକ୍ସିକ'ରେ ନଜର ଆସିବା ନେଇ ଆଲୋଚନା ଚାଲିଛି। ଯଦି ଏହି ଖବର ସତ ହୁଏ ତା'ହେଲେ ଏହି ଫିଲ୍ମ ଜରିଆରେ କରୀନା କନ୍ନଡ ଫିଲ୍ମଜଗତରେ ଡେବ୍ୟୁ କରିବେ।

କରୀନାଙ୍କ ପୂର୍ବରୁ 'ଟକ୍ସିକ'ରେ ଯଶ୍‌ଙ୍କ ବିପକ୍ଷରେ ଅଭିନୟ କରିବା ଲାଗି ସାଇ ପଲ୍ଲବୀ ଏବଂ ରଶି ଖାନ୍ନାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ଆସନ୍ତାବର୍ଷ ଫିଲ୍ମଟି ରିଲିଜ ହୋଇପାରେ। ଅପରପକ୍ଷେ ଆଗକୁ କରୀନାଙ୍କୁ ଦର୍ଶକେ 'କ୍ରୁ'ରେ ଦେଖିବାକୁ ପାଇବେ। ସେଥିରେ ତାଙ୍କ ସହିତ ତବୁ ଓ କ୍ରିତି ସାନନ ମଧ୍ୟ ଅଭିନୟ କରିଛନ୍ତି। ସେହିପରି ରୋହିତ ସେଟ୍ଟୀଙ୍କର 'ସିଂଘମ ଏଗେନ'ରେ ମଧ୍ୟ ନଜର ଆସିବେ କରୀନା। ଏହି ଫିଲ୍ମରେ ତାଙ୍କ ସହିତ ଅଜୟ ଦେବଗନ, ଅକ୍ଷୟ କୁମାର, ରଣବୀର ସିଂହ, ଦୀପିକା ପାଦୁକୋନ ପ୍ରମୁଖ ସ୍କ୍ରିନ୍ ଶେୟାର କରିବେ।

# ନୂଆସାହିରେ ଯୁବକଙ୍କୁ ପିଟି ହତ୍ୟା, ୨ ଅଟକ

- ମହିଳାଙ୍କ ପାଖକୁ ଅଶ୍ଳୀଳ ମେସେଜ ପଠାଉଥିଲେ ଅଭିଯୁକ୍ତ
- ବିରୋଧ କରିବାରୁ ସ୍ୱାମୀଙ୍କ ଜୀବନଗଲା

ବାଲିପାଟଣା,୧୮।୩(ଅଭିମନ୍ୟୁ ନାୟକ)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ନୂଆସାହି ବଜାର ନିକଟରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ମହଲାସାହି ଗ୍ରାମର ଅକ୍ଷୟ ମାଝୀ। ଏନେଇ ମୃତକଙ୍କ ସ୍ତ୍ରୀ ଶ୍ରାବଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁ କରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଶ୍ରାବଣୀଙ୍କ ନିକଟକୁ ଗ୍ରାମର ଅନ୍ୟ ଜଣେ ଯୁବକ ଅଶ୍ଳୀଳ ମେସେଜ ପଠାଉଥିବା ଅକ୍ଷୟ ଜାଣିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଯୁବକ ଓ ତାଙ୍କ ସହଯୋଗୀମାନେ ମିଳିମିଶି ଅକ୍ଷୟଙ୍କୁ ମାରିଦେଇଥିବା ପୋଲିସ ସନ୍ଦେହ କରୁଛି।

ଅଭିଯୋଗ ମୁତାବକ, ଅଭିଯୁକ୍ତ ଯୁବକ ଶ୍ରାବଣୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ସହ ବାରମ୍ବାର ହଇରାଣ କରୁଥିଲେ। ଏନେଇ ଶ୍ରାବଣୀ ଘଟଣା ସମ୍ପର୍କରେ ସ୍ୱାମୀ ଅକ୍ଷୟଙ୍କୁ ଜଣାଇଥିଲେ। ପରେ ଅକ୍ଷୟ ସମ୍ପୃକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ତେବେ ଏହି ଘଟଣାକୁ ନେଇ ୧୦ଦିନ ପୂର୍ବେ ବାଳକାଟୀ ଫାଣ୍ଡି ଅଞ୍ଚଳରେ ସମ୍ପୃକ୍ତ ଯୁବକ ଓ ଅକ୍ଷୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପରେ ଫାଣ୍ଡିରେ ଆପୋସ ସମାଧାନ କରାଯାଇଥିଲା। ହେଲେ ଅଭିଯୁକ୍ତ ଯୁବକ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ରବିବାର ରାତିରେ ସମ୍ପୃକ୍ତ ଯୁବକ ଓ ତାଙ୍କର କେତେଜଣ ସହଯୋଗୀ ନୂଆସାହି ବଜାରରେ ଅକ୍ଷୟ ବସିଥିବା ବେଳେ ତାଙ୍କୁ ସଂଘବଦ୍ଧଭାବେ ନିସ୍ତୁକ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଅକ୍ଷୟଙ୍କୁ ମୃତ ଭାବି ଏକ ନିଛାଟିଆ ସ୍ଥାନରେ ଫିଙ୍ଗିଦେଇ ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅକ୍ଷୟ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସୋମବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗ ପରେ ଥାନା ଅଧିକାରୀ ସୂର୍ଯ୍ୟ ପାଢ଼ୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ମଧ୍ୟ ତଦନ୍ତ କରିଥିଲେ। ଅନ୍ୟପଟେ ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପାଢ଼ୀ କହିଛନ୍ତି।



ଅକ୍ଷୟ ମାଝୀ

# ଜମି ଅଧିଗ୍ରହଣ ପାଇଁ ଘରୋଇ ସର୍ଭେକୁ ବିରୋଧ

ତାଳଚେର,୧୮।୩ (ମନୋଜ ନନ୍ଦ)



ତାଳଚେରସ୍ଥିତ ବଳଭଦ୍ର କୋଇଲା ଖଣି ନିମନ୍ତେ ଜମି ଅଧିଗ୍ରହଣ ପାଇଁ ହେବାକୁ ଥିବା ଘରୋଇ ସର୍ଭେକୁ ବିରୋଧ କରି କୁମୁଣ୍ଡା ପଞ୍ଚାୟତବାସୀଙ୍କ ପକ୍ଷରୁ ସୋମବାର ତାଳଚେର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀ ଦର୍ଶାଇଛନ୍ତି, ଏମ୍‌ସିଏଲ୍‌ର ବଳଭଦ୍ର କୋଇଲା ଖଣି ନିମନ୍ତେ ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତର ସମସ୍ତ ଗ୍ରାମ ଅଧିଗ୍ରହଣ ନିମନ୍ତେ ନୋଟିଫିକେଶନ ହୋଇଥିବା ବେଳେ ଆଗାମୀ ଦିନରେ ଗ୍ରାମଗୁଡ଼ିକର ପୁନର୍ବାସ ଓ ଥଇଥାନ କରାଯିବ। କିନ୍ତୁ ଉକ୍ତ ପତ୍ରରେ ଉଲ୍ଲେଖ ହୋଇଥିବା କିଛି ତଥ୍ୟ ଗ୍ରାମବାସୀଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି। ଏମ୍‌ସିଏଲ୍ ଦ୍ୱାରା ପ୍ରଦାନ କରାଯାଉଥିବା ପୁନର୍ବାସ ଓ ଥଇଥାନ ସୁବିଧାକୁ ଆଖି ଆଗରେ ରଖି ଗ୍ରାମବାସୀ ସର୍ବଦା ଏମ୍‌ସିଏଲ୍‌ର କୋଇଲାଖଣିଗୁଡ଼ିକୁ ସ୍ୱାଗତ କରି ଆସୁଛନ୍ତି। ହେଲେ ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ, ମେଜରମେଣ୍ଟ ସହ ଉକ୍ତ ସଂସ୍ଥା ସହାୟତାରେ କ୍ଷତିପୂରଣ ରାଶି ଏବଂ ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଉଲ୍ଲେଖ ରହିଛି। ଉକ୍ତ ଘରୋଇ ସଂସ୍ଥା ଏକ ନୂଆ ସଂସ୍ଥା ହୋଇଥିବା ବେଳେ ସର୍ଭେ ଜନିତ ଅଭିଜ୍ଞତା ନ ଥିବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ଗତ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକର ନିଷ୍ପତ୍ତି ଅନୁଯାୟୀ ଉକ୍ତ ପତ୍ରକୁ ଗ୍ରାମବାସୀ ତରଫରୁ ନିନ୍ଦା କରିବା ସହ ପ୍ରତ୍ୟାଖାନ କରାଯାଇଛି। ତେବେ ଗ୍ରାମବାସୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ସର୍ବଦା ସ୍ୱାଗତ କରିବେ, କିନ୍ତୁ କୌଣସି ଘରୋଇ ସଂସ୍ଥାକୁ ନିଜର ଜମି ପ୍ରଦାନ କରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏଣୁ ଉପରୋକ୍ତ ସମସ୍ୟା ସମ୍ବନ୍ଧରେ ଜିଲା ପ୍ରଶାସନ, ରାଜ୍ୟ ସରକାର, ଲୋକ ପ୍ରତିନିଧି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଗ୍ରାମବାସୀଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶି, ପୁନର୍ବାସ ଓ ଥଇଥାନ ସୁବିଧା ଏବଂ ନିଯୁକ୍ତିର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଉ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କୁମୁଣ୍ଡା ସରପଞ୍ଚ ବବିତା ସେଠ, ସନ୍ତୋଷ କୁମାର ପ୍ରଧାନ, ବଳଭଦ୍ର କୋଇଲାଖଣି କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଭୁବନାନନ୍ଦ ପ୍ରଧାନ, ବେଣୁଧର ବେହେରା, ପ୍ରଦୀପ କୁମାର ସାହୁ, ବିଭୂତି ଭୂଷଣ ପ୍ରଧାନ, ବିନୋଦ ପ୍ରଧାନ ଓ ଦୁଃଶାସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଠମଲ୍ଲିକରେ ସର୍ବାଧିକ, ତାଳଚେରରେ ସର୍ବନିମ୍ନ ବୁଥ୍

ଅନୁଗୋଳ, ୧୮।୩ (ଅମିତ କୁମାର ସାମଲ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଛି। ଅନୁଗୋଳ ଜିଲାରେ ମେ ୨୫ ତାରିଖରେ ଭୋଟଗ୍ରହଣ ହେବ। ଏଥିପାଇଁ ୧,୧୬୨ଟି ବୁଥ୍ ପ୍ରସ୍ତୁତ କରାଯାଉଥିବା ବେଳେ ୯ ଲକ୍ଷ ୭୧ ହଜାର ୮୩୦ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ଅନୁଗୋଳ ଜିଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାନ କେନ୍ଦ୍ର ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆଠମଲ୍ଲିକରେ ୨୪୯ ବୁଥ୍ କରାଯାଇଥିବାବେଳେ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ୨୪୬ ବୁଥ୍, ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୨୪୯, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୨୨୭ ଓ ତାଳଚେର ନିର୍ବାଚନ ମଣ୍ଡଳୀରେ ୨୦୧ ବୁଥ୍ କରାଯାଇଛି। ଫଳରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ସର୍ବାଧିକ ବୁଥ୍ ରହିଥିବାବେଳେ ତାଳଚେର ନିର୍ବାଚନ ମଣ୍ଡଳୀରେ ଜିଲାରେ ସବୁଠାରୁ କମ୍ ବୁଥ୍ ରହିଥିବା ପ୍ରଶାସନିକ ତଥ୍ୟରୁ ସ୍ପଷ୍ଟ ହୋଇଛି।

# ଦାବି ପୂରଣ ଦିବସ, ସମ୍ବର୍ଦ୍ଧନା ସଭା

ଅନୁଗୋଳ, ୧୮।୩ (ଅମିତ କୁମାର ସାମଲ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଅନୁଗୋଳ ଡିଭିଜନ ପକ୍ଷରୁ ଦାବି ପୂରଣ ଦିବସ ଓ ସମ୍ବର୍ଦ୍ଧନା ସଭା କୁଇଓଠାରେ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଦାବି ଓ ଆନ୍ଦୋଳନ କ୍ରମେ ରାଜ୍ୟ ସରକାର ବିଭିନ୍ନ ଦାବିପୂରଣ କରିଥିବାରୁ ଏହାକୁ ସ୍ୱାଗତ କରାଯାଇଥିଲା। ଏହି ଦାବି ପୂରଣ ଦିବସ ପାଳନ ଉପଲକ୍ଷେ ସଂଘ ସଭାପତିଙ୍କ ସମେତ ସମସ୍ତ ରାଜ୍ୟ ଓ ଡିଭିଜନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ କେନ୍ଦୁ ଲିଭ ୱେଲ ଫେୟାର୍ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ରାଜ୍ୟ କର୍ମକର୍ତ୍ତା, ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୃତୁଜା, ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ଯୁଗ୍ମ ସମ୍ପାଦକ ବିନୋଦ ଜେନା, ଦେବ ଜ୍ୟୋତି ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗତ ୧୫ ତାରିଖରେ ରାଜ୍ୟ ସରକାର ନୂତନ ସଂଶୋଧିତ ସର୍ବନିମ୍ନ ମଜୁରି ଘୋଷଣା କରିଥିବାରୁ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ଏହି ନୂତନ ସଂଶୋଧିତ ମଜୁରିକୁ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସାମୟିକ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଏବଂ ଆନୁସଙ୍ଗିକ ଶ୍ରମିକମାନଙ୍କ ପାଇଁ ଲାଗୁ କରିବା ପାଇଁ ଦାବି କରାଯାଇଥିଲା। ସଂଘ କର୍ମକର୍ତ୍ତା ପାଲଲହଡ଼ା ହେଡ୍ ଚେକର ଫକୀର ପ୍ରଧାନଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ବୈଠକରେ ସୁମିତ ପଟେଲ, ସୁରେଶ ସାମଲ, ରମେଶ ସାହୁ, ପ୍ରସନ୍ନ ସାହାଣୀ, ଅଖିଳ ସାମଲ, ସତ୍ୟ ପ୍ରଧାନ, ସିଦ୍ଧେଶ୍ୱର ବେହେରା, ରାଜ କିଶୋର ବେହେରା, ମାଧବ ସାହୁ, ନବ କିଶୋର ବେହେରା, ପୀତବାସ ବାରିକ, ଶ୍ରୀକାନ୍ତ ସାହୁ, କୁନ୍ତଳା ସିଂ, ସୁନୀତା ଗଡ଼ନାୟକ, ରୂପ ବେହେରା, ସଞ୍ଜୁ ପ୍ରଧାନ, ଶାନ୍ତିଲତା ମହାରଣା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଉଜ୍ଜ୍ୱଳା ଗ୍ୟାସ୍ ବଣ୍ଟନ ନେଇ ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟ

## ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆଣିଲା କଂଗ୍ରେସ

ଅନୁଗୋଳ, ୧୮।୩ (ଅମିତ କୁମାର ସାମଲ)

ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇସାରିଥିବା ବେଳେ ଅନୁଗୋଳ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ବିକାଶ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଉଜ୍ଜ୍ୱଳା ଗ୍ୟାସ୍ ବିତରଣର ଫଟୋ ସୋମବାର ପୋଷ୍ଟ କରିଛନ୍ତି। ଏହା ଆଚରଣ ବିଧି ଉଲ୍ଲଂଘନ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରାଯିବ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ନିର୍ବାଚନମଣ୍ଡଳୀର ଖଲାରୀ ପଞ୍ଚାୟତରେ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି। ଏଥିସହ ହିତାଧିକାରୀଙ୍କ ଫଟୋ ଉତ୍ତୋଳନ କରାଯାଇ ସୋମବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଛି। ଅନୁଗୋଳ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ତାଙ୍କ ସାମାଜିକ ଗଣମାଧ୍ୟମରେ ଏହି ପୋଷ୍ଟ କରିବା ପରେ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଆଚରଣ ବିଧି ଲାଗୁ ପରେ କିଭଳି ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବଣ୍ଟାଗଲା ବୋଲି ପ୍ରଶ୍ନ ଉଠାଯାଇଛି। ଏ ନେଇ ଅନୁଗୋଳ ଜିଲାର ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ନେତା ପ୍ରବୋଧ ସ୍ୱାଇଁ କହିଛନ୍ତି, ନିର୍ବାଚନ ଆଚରଣବିଧି ଲାଗିବା ପରେ ସରକାରୀ ଯୋଜନାର ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରି ଫଟୋ ପୋଷ୍ଟ କରିବା ଆଚରଣବିଧି ଉଲ୍ଲଂଘନ କରୁଛି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯିବ। ଖଲାରୀ ପଞ୍ଚାୟତ ସମିତି ସଭ୍ୟ ରାକେଶ ନନ୍ଦ ଅନୁଗୋଳ ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଫିସରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି ଫଟୋ ପୋଷ୍ଟ କରିଥିବା ଭାଜପା ନେତା ବିକାଶ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନମ୍ବର ୯୭୭୭୯୭୨୬୧ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ। ଘଟଣା ସମ୍ପର୍କରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ବରଣ୍ୟେନ୍ଦୁ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ କରାଯିବ।

# ନାବାଳିକାଙ୍କୁ ବିବାହ, ଯୁବକ ଗିରଫ

ଅନୁଗୋଳ,୧୮।୩ (ଅମିତ କୁମାର ସାମଲ)

ନାବାଳିକାଙ୍କୁ ବିବାହ କରିବା ଅଭିଯୋଗରେ ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ବିଜୟ କୁମାର ଦାସ(୩୦)ଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ପୋଲିସ କହିଛି, ଅନୁଗୋଳ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ପରିବାର ଲୋକେ ଦେବଗଡ଼ର ବିଜୟଙ୍କୁ ବିବାହ ଦେଇଥିଲେ। ତେବେ ନାବାଳିକାଙ୍କୁ ୧୮ ବର୍ଷ ହେବା ପରେ ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ. ୧୪୯/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ନାବାଳିକାଙ୍କୁ ବିବାହ କରିଥିବା ବିଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବିଜେଡି କର୍ମୀ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର



ଅନୁଗୋଳ,୧୮।୩ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ଟାଇଁସିଠାରେ ବିଜୁ ଜନତା ଦଳର ଏକ ସାଙ୍ଗଠନିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଟାଇଁସି, ଅନ୍ତୁଳିଆ ଓ କୋଠଭୂଇଁ ପଞ୍ଚାୟତର ଶତାଧିକ ସକ୍ରିୟ ଯୁବ ଓ ବରିଷ୍ଠ ବିଜେଡି କର୍ମୀ ଶିବିରରେ ଅଂଶଗ୍ରହଣ କରିଥିଲେ। ଅନ୍ତୁଳିଆ ପଞ୍ଚାୟତର ବିଜେଡି ସଭାପତି ଦିଲୀପ କୁମାର ପ୍ରଧାନ ଶିବିରରେ ସଭାପତିତ୍ୱ କରିଥିଲେ। ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ଭୋଟର୍ ତାଲିକା, ଭୋଟ ଓ ବୁଥ୍ କେନ୍ଦ୍ର ସହିତ ନୂତନ ଭୋଟର୍ ସମ୍ବନ୍ଧରେ ପଞ୍ଚାୟତସ୍ତରୀୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହୋଇଥିବା ସାମୂହିକ ବିକାଶ ସରକାରୀ ଯୋଜନା, ବ୍ୟକ୍ତିଗତ ସୁବିଧା ହାସଲ ହୋଇଥିବା ସରକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ତୃଣମୂଳସ୍ତରରେ କର୍ମୀମାନେ ଭୋଟରମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ସହିତ ଯୋଜନାଗୁଡିକ କାର୍ଯ୍ୟକାରୀ କରାଇବାରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ଉପସ୍ଥିତ କର୍ମୀମାନେ ପ୍ରକାଶ କରିଥିଲେ।

# ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

ଆଠମଲ୍ଲିକ,୧୮।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଡିଗ୍ରୀ କଲେଜ ପରିସରରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ଜିଲାସ୍ତରୀୟ ଏହି ପ୍ରଶିକ୍ଷଣ ଶିବିରରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ ଦିଆଯାଇଥିଲା। ମୁଖ୍ୟତଃ ଇଭିଏମ ଗଚ୍ଛିତ ଥିବା ଆଠମଲ୍ଲିକ କଲେଜରୁ ଇଭିଏମ ଭୋଟ କେନ୍ଦ୍ରକୁ ନେବା ଏବଂ ମେସିନ ସାହାଯ୍ୟରେ ଭୋଟର୍‌ମାନେ କିପରି ସୁରୁଖୁରୁରେ ଭୋଟ ଦେବେ ଏବଂ କମିଶନ ଦ୍ୱାରା ଘୋଷିତ ନିୟମାବଳୀ ଅନୁସାରେ ଭୋଟିଂ ବ୍ୟବସ୍ଥା କରିବା, ଭୋଟିଂ ସରିଲା ପରେ ଭୋଟ ଗଣନା କେନ୍ଦ୍ରକୁ ଇଭିଏମ ଆଣିବା ବିଷୟ ଉପରେ ତାଲିମ ଦିଆଯାଇଥିଲା। ଶିବିରର ପ୍ରଥମ ଦିନରେ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନର ଓ ଉପଜିଏାପାଳ ତଥା ରିଟର୍ନିଂ ଅଫିସର ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ।



# ପରିଚାଳନା କମିଟି ନୂଆ କର୍ମକର୍ତ୍ତା ଚୟନ



ଡେରଙ୍ଗ/କଣିହାଁ, ୧୮।୩ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଡେରଙ୍ଗସ୍ଥିତ ମା' ଭଣେଶ୍ୱରୀ ଠାକୁରାଣୀ ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏ ନେଇ ଆୟୋଜିତ ଏକ ବୈଠକରେ ଗଦାଧର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବାବୁଲି ସାହୁ କମିଟି ସଭାପତି, ଦିଲୀପ ବେହେରା କାର୍ଯ୍ୟକାରୀ ସଭାପତି, ଅର୍ଜୁନ ସାହୁ ଉପସଭାପତି, ନରେନ୍ଦ୍ର ରାଉଳ ସମ୍ପାଦକ, ଅନିଲ ରାଉଳ ସହସମ୍ପାଦକ, ପ୍ରଶାନ୍ତ ରାଉଳ ସଙ୍ଗଠନ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ଗଦାଧର ସାହୁ, କନ୍ଦର୍ପ ବେହେରା, କଳାକର ମହାନ୍ତି ଓ ଗନ୍ଧର୍ବ ସାହୁଙ୍କୁ ମନୋନୀତ କରାଯାଇଥିଲା। କମିଟିର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଚୟନ କରାଯାଇଥିଲା।

# ଦ୍ୱାଦଶ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ

ବଅଁରପାଳ/ ଅନୁଗୋଳ, ୧୮।୩ (ଅମିତ କୁମାର ସାମଲ)

ବଅଁରପାଳ ବ୍ଲକ ବନ୍ଧା ପଞ୍ଚାୟତ ଝଜିରୀବାହାଳ ବରସାହିରେ ଦ୍ୱାଦଶ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ଶରତ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ଶତାଧିକ ମହିଳା ଗାଁ ପୋଖରୀରୁ କଳସ ଶୋଭାଯାତ୍ରାରେ ଜଳ ଆଣି କଳସ ସ୍ଥାପନ କରିଥିଲେ। ଅଷ୍ଟ ପ୍ରହରୀ ନାମ ଯଜ୍ଞ ଯଥା ବିଧି ଅନୁଷ୍ଠିତ ହୋଇଥିଲା। ହରି ନାମ ପ୍ରେମୀମାନେ ନଗର କୀର୍ତ୍ତନରେ ଗ୍ରାମ ପରିକ୍ରମା କରିଥିଲେ। ନାମ ଯଜ୍ଞର ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ହୋଇଥିଲା। ଆଖ ପାଖ ଅଞ୍ଚଳରୁ ଶତାଧିକ ହରିନାମ ଭକ୍ତଙ୍କ ସାମଗମ ହୋଇଥିଲା। ଗ୍ରାମର ନରେଶ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ପୀତାମ୍ବର ଦେହୁରୀ, ଲକ୍ଷ୍ମୀଧର ଦେହୁରୀ, ସଦାନନ୍ଦ ମହାଳିକ, ବିଦ୍ୟାଧର ଦେହୁରୀ, ରମେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ତୁକୁଡ଼ାବାସୀ

ଅନୁଗୋଳ,୧୮।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଜରପଡ଼ା ଥାନା ତୁକୁଡା ଗ୍ରାମବାସୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ତୁକୁଡ଼ା ଗ୍ରାମର ମା' ଦକ୍ଷିଣ କାଳୀଙ୍କ ମନ୍ଦିର ଦାନବାକ୍ସ ଭାଙ୍ଗି ସେଥିରୁ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ପୋଲିସ ପକ୍ଷରୁ ଠିକ୍ ଭାବରେ ତଦନ୍ତ କରାଯାଇ ନାହିଁ। ଏ ଦିଗରେ ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ବିଷୟରେ ଜରପଡ଼ା ଥାନା ଅଧିକାରୀ କହିଛନ୍ତି, ଗ୍ରାମ କମିଟି ପକ୍ଷରୁ ମନ୍ଦିରରୁ ଚୋରି ହେଇଛି ବୋଲି ଅଭିଯୋଗ ହୋଇଥିଲା। ତଦନ୍ତ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ବି ତଦନ୍ତ ଚାଲିଛି।



# ଭାଷା, ସାହିତ୍ୟ, ସଂସ୍କୃତି ଉପରେ ଆଲୋକପାତ

ତାଳଚେର,୧୮।୩ (ମନୋଜ ନନ୍ଦ)



ତାଳଚେରର ପୁରାତନ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ବିଷୁବ ମିଳନ କମିଟିର ଫଗୁଣ କବିତା ଆସର ଓ ବନ୍ଧୁ ମିଳନ ନବମିଶ୍ର କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବିନୟ ଖିଲାର ଯୋଗଦେଇ ସ୍ୱାଭିମାନୀ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଉପରେ ଆଲୋକପାତ କରିବା ସହ ବିଭିନ୍ନ କାଳଜୟୀ ଲେଖକଙ୍କ କୃତି ଉପରେ ଗଭୀର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୌଭାଗିନୀ ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଶିଷ୍ଟ ଲେଖିକା ସ୍ନିଗ୍ଧା ନାୟକ ଯୋଗଦେଇ ପୁରାତନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବିଷୁବ ମିଳନ କମିଟିର ବିଭିନ୍ନ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ପ୍ରାଧ୍ୟାପକ ତ୍ରିନାଥ ସାହୁ ଯୋଗଦେଇ କବିତାଗୁଡିକର ସମୀକ୍ଷା କରିଥିଲେ। ବିଷୁବ ମିଳନ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଭାଧାରୀ କବୟିତ୍ରୀ, କବି ସେମାନଙ୍କର ଉତ୍କୃଷ୍ଟ କବିତା ପାଠ କରିଥିଲେ। ଏହି ଅବସରରେ ଯୁବ ସାମାଜିକ କର୍ମୀ ତଥା ସଙ୍ଗଠକ ଜେବିଆର ଯୁଥ୍ ଫାଉଣ୍ଡେଶନ ଅଧ୍ୟକ୍ଷ ଜଗନ୍ନାଥ ପ୍ରଧାନଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଷୁବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ନିଗ୍ଧା ନାୟକ, ବୀଣାପାଣି ସାହୁ, ଝରଣା ବାରିକ, ଋଷଭ ମାଝି ଏବଂ ପ୍ରଣବ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆକର୍ଷଣୀୟ ପ୍ରବଚନ ପ୍ରଦାନ କରିଥିବା ଯୋଗୁ ଧୀରା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ, ପ୍ରାଧ୍ୟାପିକା କଳ୍ପନା ବୋଇତି, ଅନୁପମା ପ୍ରଧାନ, ଉମେଶ ମିଶ୍ର, ସସ୍ମିତା ମିଶ୍ର, ଜାନକୀ ଶତପଥୀ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୧୦୫(୧୦୪.୯୯) ପଏଣ୍ଟ ବଢି ୭୨,୭୪୮ (୭୨,୭୪୮.୪୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୩୨ (୩୨.୩୫) ପଏଣ୍ଟ ବୃଦ୍ଧି ଘଟି ୨୨,୦୫୬ (୨୨,୦୫୫.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଦଶପଲ୍ଲାରେ ଏମ୍‌ଆର୍‌ଏଫ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

ଭୁବନେଶ୍ୱର,୧୮।୩ (ଅଭୟ ଦାଶ)



ଦେଶର ପ୍ରମୁଖ ବହୁରାଷ୍ଟ୍ରୀୟ ଟାୟାର ଉତ୍ପାଦକ କମ୍ପାନୀ ଏମ୍‌ଆର୍‌ଏଫ୍ ଲିମିଟେଡର ଏକ୍ସକ୍ଲୁସିଭ ଆଉଟଲେଟ 'ଆଶୁତୋଷ ଟାୟାର୍ସ' ସୋମବାର ନୟାଗଡ଼ର ଦଶପଲ୍ଲାସ୍ଥିତ ହରିଡାବାରିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏମ୍‌ଆର୍‌ଏଫ୍ ଲିମିଟେଡ ଓଡ଼ିଶା (ଭୁବନେଶ୍ୱର) ୟୁନିଟର ଜିଲା ପ୍ରବନ୍ଧକ (ଡିଏମ୍) ଲଳିତ କେ. ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ଟାୟାର୍ସର ସ୍ୱତ୍ୱାଧିକାରୀ ଶିବ କୁମାର ମିଶ୍ର, ପ୍ରଭାତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୩୫୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଶୋ'ରୁମରେ କମ୍ପାନୀର ସବୁ ବର୍ଗର ଟାୟାର ଓ ଟାୟାର ସମ୍ପର୍କିତ ସାମଗ୍ରୀ ଉପଲବ୍ଧ। ଏ ସମ୍ପର୍କରେ ଆଶୁତୋଷ ଟାୟାର୍ସର ସ୍ୱତ୍ୱାଧିକାରୀ ଶିବ କୁମାର ମିଶ୍ର କହିଥିଲେ, ଆମେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଯୋଗାଇବା ସହିତ ବିକ୍ରି ପରବର୍ତ୍ତୀ ସେବା ଓ ସୁବିଧା ଯୋଗାଇବା ସହ ଗ୍ରାହକକେନ୍ଦ୍ରିକ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ଅଛୁ।




ବିଏନ୍‌ଆଇ ଆଚିଭର୍ସ କଟକ ଶାଖା ପକ୍ଷରୁ ଆୟୋଜିତ ବାଣିଜ୍ୟ ପ୍ରଦର୍ଶନୀ 'ତକ୍ଷକ-୨.୦' ସୋମବାର କଟକର ୟୁନିୟନ କ୍ଲବ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଏନ୍‌ଆଇ ଆଚିଭର୍ସ କଟକର ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ମୋ ଅଭିଧାନରେ ନାହିଁ ଶବ୍ଦ ବିଲୁପ୍ତ

**ଜୀବନ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ନିତାନ୍ତ ଆବଶ୍ୟକ। ଏହାକୁ ଆଧାର କରି ସେ ବାସଗୃହ ନିର୍ମାଣ ଓ ବ୍ୟବସାୟ କ୍ଷେତ୍ରରେ ପାଦ ଥାପିଥିଲେ। କିନ୍ତୁ ଏକ ପରିପୁଷ୍ଟ ଜୀବନ ପାଇଁ ଶିକ୍ଷା ଅପରିହାର୍ଯ୍ୟ। ଏହାଛଡ଼ା ଶିକ୍ଷା ବ୍ୟତିରେକେ ମଣିଷ ବୃତ୍ତି ନିର୍ଦ୍ଧାରଣ କରିବା ବର୍ତ୍ତମାନ ଯୁଗରେ ପ୍ରାୟ ଅସମ୍ଭବ। ଏଣୁ ପ୍ରଗତିଶୀଳ ରାଜ୍ୟ ଗଠନରେ ଯୁଗୋପଯୋଗୀ ଉନ୍ନତ ଶିକ୍ଷା ଅପରିହାର୍ଯ୍ୟ। ଏହିପରି ଏକ ଉତ୍ସର୍ଗୀକୃତ ଶିକ୍ଷାନୁଷ୍ଠାନ ତଥା ଦଧୀଚି ଗ୍ରୁପ ଅଧକ୍ଷ ମନୋଜ କୁମାର ଦାଶଙ୍କ ସହ ଧରିତ୍ରୀର ଆଳାପ...**



ମନୋଜ କୁମାର ଦାଶ

**ପ୍ରଶ୍ନ- ଆପଣଙ୍କ ପ୍ରାରମ୍ଭିକ କିପରି ଥିଲା?**

ଉ- ଗଞ୍ଜାମ ଜିଲା ସୋରଡ଼ାରେ ମୋର ଜନ୍ମ। ମୋ ବାପା କୁଳମଣି ଦାଶ ଜଣେ ସରକାରୀ ଚାକିରିଆ ଥିଲେ। ତାଙ୍କର କାର୍ଯ୍ୟସ୍ଥଳୀ ଅନୁସାରେ ମୁଁ ମୋର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାପ୍ରାପ୍ତ କରିଛି। ଭଞ୍ଜନଗର କଲେଜରୁ ଯୁକ୍ତ୨ ବିଜ୍ଞାନ ପାସ୍ କରି ଇଞ୍ଜିନିୟରିଂ ଶିକ୍ଷା ପ୍ରତି ମନ ବଳାଇଲି। ଏଥିପାଇଁ ଏଏମ୍‌ଆଇରେ ପଢ଼ିବା ଲାଗି ମାଡ୍ରାସ୍ (ଚେନ୍ନାଇ)ଠାରେ ନାମ ଲେଖାଇଲି। ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀରେ ଚାକିରି ଜୀବନ ଆରମ୍ଭ କଲି।

**ପ୍ରଶ୍ନ- ବ୍ୟବସାୟକୁ ବୃତ୍ତି ଭାବେ ଆପଣେଇଲେ କିପରି?**

ଉ- କନ୍‌ଷ୍ଟ୍ରକ୍ସନ କମ୍ପାନୀରେ ଚାକିରି କଲାବେଳେ ସିନିୟରମାନଙ୍କ ବ୍ୟବହାର ମୋତେ ଦୁଃଖ ଦେଲା। ଏଣୁ ଚାକିରି ଛାଡି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କଲି। ମୋର ଜଣେ ମଉସାଙ୍କ ପ୍ରେରଣାରେ ରିୟଲ୍ ଇଷ୍ଟେଟ୍ ବ୍ୟବସାୟରେ ପ୍ରଥମେ ପାଦ ଦେଲି। ପରେ ଗ୍ରାହକମାନଙ୍କୁ ପ୍ଲଟ୍, ଫ୍ଲାଟ୍ ଓ ବିଭିନ୍ନ ଘର ନିର୍ମାଣ କରି ବିକ୍ରୟ କଲି, ଯାହାକି ଜୀବନଧାରଣର ପ୍ରଧାନ ମାର୍ଗ ଥିଲା।

**ପ୍ରଶ୍ନ- ଶିକ୍ଷାକ୍ଷେତ୍ରରେ ଦଧୀଚି ଗ୍ରୁପ୍ କିପରି ଜନ୍ମ ନେଲା?**

ଉ- ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ ଗୋଟିଏ ଶିକ୍ଷାନୁଷ୍ଠାନର ନିର୍ମାଣ ଦାୟିତ୍ୱ ମୋ କମ୍ପାନୀ ଉପରେ ନ୍ୟସ୍ତ ଥିଲା। ସେଠାରୁ ଅନୁପ୍ରାଣିତ ହୋଇ ମୁଁ ଶିକ୍ଷାନୁଷ୍ଠାନ ଗଢିବା ପାଇଁ ଆଗ୍ରହ ପ୍ରକାଶ କଲି। ଗ୍ରାମାଞ୍ଚଳରେ ଯୁବବର୍ଗଙ୍କୁ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ କରିବା ଓ ସେମାନଙ୍କର ଦକ୍ଷତା ବୃଦ୍ଧି କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ମୋର ସ୍ୱପ୍ନ ଥିଲା। ସେହି ସ୍ୱପ୍ନକୁ ସାକାର କରିବା ପାଇଁ କଟକ, ଭୁବନେଶ୍ୱର ଦ୍ୱୈତ ନଗରୀର ଉପାନ୍ତରେ ଥିବା ଏକ ଗ୍ରାମକୁ ମୋର କର୍ମଭୂମି ରୂପେ ବାଛିଥିଲି। ଦଧୀଚି ମହର୍ଷିଙ୍କ ଆଦର୍ଶକୁ ପାଥେୟ କରି ମୁଁ ତାଙ୍କରି ନାମରେ ଆରମ୍ଭ କଲି ଶିକ୍ଷାନୁଷ୍ଠାନ। ପ୍ରଥମେ ଦଧୀଚି ଶିଳ୍ପ ତାଲିମ କେନ୍ଦ୍ର, ଦଧୀଚି ଫାର୍ମାସୀ ମହାବିଦ୍ୟାଳୟ ପରେ ପରେ ଦଧୀଚି ପବ୍ଲିକ୍ ସ୍କୁଲ୍, ଆରିୟନ୍ ଇଞ୍ଜିନିୟରିଂ ସ୍କୁଲ୍, ଏକାଡେମିଆ ଉଚ୍ଚ ମାଧ୍ୟମିକ କଲେଜ ସବୁ ଚାଲିଛି।

**ପ୍ରଶ୍ନ- ଅନୁଷ୍ଠାନ ଗଢ଼ିବାରେ କ'ଣ ସବୁ ଆହ୍ୱାନ ରହିଥିଲା?**

ଉ-ଗ୍ରାମାଞ୍ଚଳରେ ଶିକ୍ଷାନୁଷ୍ଠାନ ଗଢ଼ିବା ସବୁଠାରୁ ବଡ଼ ଆହ୍ୱାନ, ଯେଉଁଠି ଗମନାଗମନ ହେଉଛି ଏକ ଦୁରୂହ ବ୍ୟାପାର। ତା' ଛଡା ଏତେବଡ଼ ସ୍ୱପ୍ନକୁ ସାକାର କରିବା ପାଇଁ ଆର୍ଥିକ ସଙ୍କଟ ମଧ୍ୟ ଏକ ବଡ ଆହ୍ୱାନ ଥିଲା। ତେବେ ନିଜର ଦୃଢ ସଙ୍କଳ୍ପ, ଆତ୍ମବିଶ୍ୱାସ ଆଉ ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ସବୁପ୍ରକାର ଆହ୍ୱାନକୁ ଅତିକ୍ରମ କରି ଆଜି ଦଧୀଚି ଶିକ୍ଷାନୁଷ୍ଠାନକୁ ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିପାରିଛି।

**ପ୍ରଶ୍ନ- ଆପଣଙ୍କ ଜୀବନର ଲକ୍ଷ୍ୟ କ'ଣ ରହିଛି?**

ଉ- ଦଧୀଚି ଅନୁଷ୍ଠାନକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିଛି। ଏହାଛଡ଼ା ନୂତନ ଚିନ୍ତାଧାରାର ସମାଜକୁ ଉନ୍ନତ କରିବା ପାଇଁ ଏକ ଲିଡରଶିପ ଏଜୁକେଶନ ଶିକ୍ଷାକୁ ଅନୁଷ୍ଠାନ ସହ ଯୋଡ଼ିବାରେ ଆଶା ଅଛି।

**ପ୍ରଶ୍ନ-ଓଡ଼ିଶାର ଯୁବବର୍ଗଙ୍କୁ ଆପଣଙ୍କର ବାର୍ତ୍ତା କ'ଣ?**

ଉ- ଯୁବପିଢ଼ିଙ୍କ ପାଇଁ ଏହି ସନ୍ଦେଶ ଦେବି ଯେ ସବୁବେଳେ ଭଲ ମଣିଷ ହେବା ସହ ସମାଜର ସେବା କରିବା ଉଚିତ।

## ଶ୍ରୀଦୁର୍ଗାର ଲକି ଡ୍ର ବିଜେତା

# ମିଭାନ ସାମନ୍ତରାୟ ଜିତିଲେ 'ହାର୍‌ଲେ ଡେଭିଡ୍‌ସନ'

ଭୁବନେଶ୍ୱର,୧୮।୩




ଓଡ଼ିଶାର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ୍‌ସ ଶୋ'ରୁମ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଆୟୋଜିତ ଲକି ଡ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମିଭାନ ସାମନ୍ତରାୟ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର'ଅଫର୍‌ର ବିଜେତାଙ୍କ ନାମ ୨୦୨୪ ଜାନୁଆରୀରେ ଘୋଷଣା କରାଯାଇଥିଲା। ଏପରିକି ଭୁବନେଶ୍ୱର ଜନପଥସ୍ଥିତ ଷ୍ଟୋରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମିଭାନ ସାମନ୍ତରାୟ ଏହି ଲକି ଡ୍ର'ରେ ଏକ 'ହାର୍‌ଲେ ଡେଭିଡ୍‌ସନ୍' ବାଇକ୍ ପୁରସ୍କାର ସ୍ୱରୂପ ଜିତିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଙ୍କୁ କେବଳ ବାଇକ୍‌ର ଏକ ପ୍ରତିକୃତି ଦିଆଯାଇଥିବା ବେଳେ ସୋମବାର ତାଙ୍କୁ ସମ୍ପୂର୍ଣ୍ଣ ବାଇକ୍ ଦିଆଯାଇଛି। ସେହିଭଳି ୨ବର୍ଷ ପୂର୍ବେ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଲକି ଡ୍ର' କୁପନ ଆରମ୍ଭ ହୋଇଛି। ପ୍ରଥମ ବର୍ଷ ଏହି କୁପନରେ ନିଶ୍ଚିତ ଉପହାର ଯଥା ସ୍କୁଟର, ଗ୍ରାଇଣ୍ଡର ଏବଂ ଅନ୍ୟାନ୍ୟ ସାମଗ୍ରୀ ରହିଥିଲାବେଳେ ଗତ ବର୍ଷ ଲକି ଡ୍ର'ଅଫର୍‌ରେ ବିଜେତାଙ୍କ ପାଇଁ ମାଲେସିଆ ଟ୍ରିପ୍ ଭଳି ଅଫର ରହିଥିଲା । ବର୍ତ୍ତମାନ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନ ବିଭିନ୍ନ ପ୍ରକାର ଯୋଜନା କରି ଗ୍ରାହକଙ୍କୁ ପ୍ରଲୋଭନରେ ପକାଉଥିବା ବେଳେ 'ଶ୍ରୀଦୁର୍ଗା' ଭଳି ଗାର୍ମେଣ୍ଟ୍‌ସ୍ ଷ୍ଟୋର ତା'ର ଗ୍ରାହକଙ୍କ ବିଶ୍ୱାସକୁ ବଜାୟ ରଖିବାରେ ସକ୍ଷମ ହୋଇପାରିଛି। ଗ୍ରାହକଙ୍କୁ କୌଣସି ପ୍ରକାର ଠକାମିର ଶିକାର ନ କରାଇ ଉପଯୁକ୍ତ ସେବା ପ୍ରଦାନ ଏବଂ ପ୍ରତିଶ୍ରୁତି ପାଳନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । 'ଶ୍ରୀଦୁର୍ଗା' ଉପରେ ଗ୍ରାହକଙ୍କ ଏହି ବିଶ୍ୱାସ ଯୋଗୁ ଆଜି ଏହା ଓଡ଼ିଶାର ଏକ ଅଗ୍ରଣୀ ଶାଢ଼ି ଏବଂ ଗାର୍ମେଣ୍ଟ୍‌ସ୍ ଷ୍ଟୋରରେ ପରିଣତ ହୋଇପାରିଛି, ମନଲୋଭା ଗାର୍ମେଣ୍ଟ୍‌ସ୍ କଲେକ୍ସନ ସହିତ ଗ୍ରାହକ ସନ୍ତୁଷ୍ଟୀକରଣ 'ଶ୍ରୀଦୁର୍ଗା'ର ଏକମାତ୍ର ଲକ୍ଷ୍ୟ ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

# ବ୍ୟାଙ୍କଗୁଡ଼ିକୁ ସତର୍କ କଲା ଆର୍‌ବିଆଇ

## ସାଇବର ଆକ୍ରମଣ ଆଶଙ୍କା

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ଦିନକୁ ଦିନ ସାଇବର ଅପରାଧର ଆଶଙ୍କା ବଢୁଥିବାବେଳେ ଆଗାମୀ ଦିନରେ କେତେକ ଭାରତୀୟ ବ୍ୟାଙ୍କ ଉପରେ ସାଇବର ଆକ୍ରମଣ ବୃଦ୍ଧି ପାଇପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶଙ୍କା କରୁଛି। ଏନେଇ ଭାରତୀୟ ବ୍ୟାଙ୍କଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସତର୍କ କରାଯାଇଛି। ଏହି ସତର୍କତା ସହିତ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ମଧ୍ୟ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କିଙ୍ଗ ଶିଳ୍ପ ସହିତ ଜଡିତ ଲୋକଙ୍କ ଉଦ୍ଦେଶ୍ୟରେ ମନି କଣ୍ଟ୍ରୋଲର ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ସାଇବର ଆକ୍ରମଣର ଆଶଙ୍କା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ କିଛି ବ୍ୟାଙ୍କକୁ ପ୍ରସ୍ତୁତ ରହିବାକୁ କହିଛି ଏବଂ ବିପଦକୁ ହ୍ରାସ କରିବା ପାଇଁ ସୁରକ୍ଷା ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦେଇଛି। ବିପଦର ମୁକାବିଲା ପାଇଁ ବ୍ୟାଙ୍କଗୁଡିକର ପ୍ରସ୍ତୁତିକୁ ନିକଟରେ ଆର୍‌ବିଆଇ ସମୀକ୍ଷା କରିଛି। ଏଥିପାଇଁ ସାଇବର ସୁରକ୍ଷା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ପରୀକ୍ଷା ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ, ଯାହାକୁ ସି ସାଇଟ୍ ମଧ୍ୟ କୁହାଯାଏ । ସି ସାଇଟରେ ବିଭିନ୍ନ ବ୍ୟାଙ୍କର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି, ଇଣ୍ଟରନେଟ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମର ସାମର୍ଥ୍ୟ, ଜାଲିଆତି ଚିହ୍ନଟ ପ୍ରଣାଳୀ ଇତ୍ୟାଦି ପରୀକ୍ଷା କରାଯାଏ। ଡିଜିଟାଲ ବ୍ୟାଙ୍କିଙ୍ଗର ବୃଦ୍ଧି ସହିତ ସାଇବର ଆକ୍ରମଣର ବିପଦ ମଧ୍ୟ ବୃଦ୍ଧି ପାଇଛି। ଏହି କାରଣରୁ ସାଇବର ଏବଂ ଆଇଟିକୁ ପୃଥକ ଭାବରେ ସମୀକ୍ଷା କରିବାର ଆବଶ୍ୟକତା ଅଛି । ସିସାଇଟ୍ ଅଧୀନରେ, ଆରବିଆଇର ଯାଞ୍ଚ ଦଳ ସମସ୍ତ ବ୍ୟାଙ୍କର ଆଇଟି ସିଷ୍ଟମକୁ ଭଲ ଭାବରେ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟେରେ ବିପଦ ସୃଷ୍ଟି କରୁଥିବା ଏଲିମେଣ୍ଟକୁ ଚିହ୍ନଟ କରାଯାଇ ବ୍ୟାଙ୍କଗୁଡ଼ିକୁ କିପରି ଠିକ୍ କରାଯିବ ସେନେଇ ପରାମର୍ଶ ଦିଆଯାଇଛି।

**COLLECTORATE, ANGUL**
No. 724 / Estt. IX - 8/2024 Dt. 16.03.2024
**CORRIGENDUM**
No. F - 220:- In operative part of the tender call notice issued vide this office Bid Reference No. 664/Estt.IX-08/2024 Dt.11.03.2024, at page No.7 i.e "List of documents for submission" Serial No. q) Copy of Bank Solvency Certificate of minimum 2 Crores **may be read as q) Copy of Bank Solvency Certificate of minimum 5 Crores.**
OIPR - 24401/11/0004/2324 Sd./-Collector, Angul

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, लोहरदगा**
**आवश्यक सूचना**
एतद् द्वारा सूचित किया जाता है कि इस कार्यालय द्वारा निर्गत ई0– अतिअल्पकालीन पुनर्निविदा संख्या 14/ 2023-24/RWD/LOHARDAGA दिनांक 01–03–2024 जिसका PR No- 321242 Lohardaga (23-24) D में केवल एक निविदाकार ने भाग लिया है। मुख्य अभियंता ,ग्रामीण कार्य विभाग, झारखण्ड,रॉंची के निदेशानुसार पुनर्निविदा निकाली जाएगी ।
कार्यपालक अभियंता
ग्रा0 का0 वि0
PR 323100 Lohardaga(23-24)#D कार्य प्रमण्डल, लोहरदगा

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-206
**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ରେଳ ଷ୍ଟେସନ ଏବଂ ସେବା ଭବନଗୁଡ଼ିକରେ ଲଗା ଯାଇଥିବା ବିଭିନ୍ନ କ୍ଷମତା ବିଶିଷ୍ଟ ପାସେଞ୍ଜର ଲିଫ୍ଟ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 4,20,143.04, EMD/ବିଡ୍ ସିକ୍ୟୁରିଟି (ଟଙ୍କାରେ): 8,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରି ହେବା ତାରିଖ ଠାରୁ 36 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2024 ରିଖ 1130 ଘଟିକାରେ (ଭା.ମା.ସ.) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-1183/O/23-24

**ଶ୍ରୀ ସପନ କୁମାର ପତି**
ଭାଗ୍ୟଶ୍ରୀ ଆଗ୍ରୋ ପ୍ରୋପ୍ରାଇଟର
ଅଧିକୃତ ବିକ୍ରେତା - ଭି. ଏସ୍. ଟି. ଟିଲର ଟ୍ରାକ୍ଟର୍ସ ଲି:
ବାଙ୍ଗାଲୋର ୪୮
ସା : କୋରିହାଁ ବାଇପାସ୍ ଛକ
ପୋ:ଅ: ଢେଙ୍କାନାଳ ଆର:ଏସ୍:
ଜି: ଢେଙ୍କାନାଳ ପିନ - ୭୫୯୦୧୩
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କ ବିରୁଦ୍ଧରେ ଜିଲ୍ଲା ଖାଉଟି ଫୋରମ୍ ଢେଙ୍କାନାଳରେ କଞ୍ଜୁମର କେସ୍ ନଂ - ୬୬/୨୨ରେ ଦୀର୍ଘଦିନ ହେଲା ନୋଟିସ୍ ହେବା ସତ୍ତ୍ୱେ ନୋଟିସ୍ ଗ୍ରହଣ କରୁନାହାନ୍ତି, ଅନୁପସ୍ଥିତ ହୋଇ ଦିନ ଗଡ଼ାଉଛନ୍ତି । ଉକ୍ତ ନୋଟିସ୍ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଉକ୍ତ ନୋଟିସ୍ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ଆପଣ କୋର୍ଟରେ ଉପସ୍ଥିତ ହୋଇ ଆପଣଙ୍କ ପକ୍ଷ ଉପସ୍ଥାପନ କରିବେ । ନଚେତ୍ ମୋକଦ୍ଦମାର ବିଚାର ଏକତରଫା ଭାବେ ବିଚାର କରାଯାଇ ଆପଣଙ୍କ ଅନୁପସ୍ଥିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଯାଇଛି ।
ସ୍ୱା/
ସଭାପତି, ଜିଲ୍ଲା ଖାଉଟି ଫୋରମ୍, ଢେଙ୍କାନାଳ
ତା - ୧୨.୦୩.୨୦୨୪

# ବଜାରରେ ହାୟର ଇଣ୍ଡିଆର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୧୮।୩

ଦେଶର ପ୍ରମୁଖ ଆପ୍ଲାଏନ୍ସ ବ୍ରାଣ୍ଡ୍ ତଥା ହାୟର ଆପ୍ଲାଏନ୍ସ ଇଣ୍ଡିଆର ନୂତନ ଉତ୍ପାଦ ରେଞ୍ଜ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କ୍ରମାଗତ ଭାବେ ୧୫ ବର୍ଷ ଧରି ଭାରତୀୟ ପ୍ରମୁଖ ଉପକରଣ ବ୍ରାଣ୍ଡ୍ ଭାବେ କମ୍ପାନୀ ୨୦ତମ ପୂର୍ତ୍ତି ଉତ୍ସବ ପାଳନ କରିଛି। ବିଶେଷକରି ମେକ୍ ଇନ୍ ଇଣ୍ଡିଆ, ମେଡ୍ ଫର୍ ଇଣ୍ଡିଆ ପ୍ରତି ନିଜର ପ୍ରତିଶ୍ରୁତିକୁ ସୁଦୃଢ଼ କରି ବ୍ରାଣ୍ଡ ତା'ର ଉତ୍ପାଦ ବିସ୍ତାର କରିଛି। ସେହିଭଳି ବ୍ରାଣ୍ଡର ନୂତନ ଉତ୍ପାଦ ରେଞ୍ଜରେ ଓଏଲ୍‌ଇଡି ଆଣ୍ଡ କ୍ୟୁଏଲ୍‌ଇଡି ଟିଭି ସହିତ ସୁପର ହେଭି ଡ୍ୟୁଟି ଏୟାର କଣ୍ଡିଶନର (ଏସି) ସିରିଜ, ଭଗ ଓ ସ୍ମାର୍ଟ କନ୍‌ଭର୍ଟିବଲ ରେଫ୍ରିଜରେଟର, ୱାସର ଓ ଡ୍ରାୟର ଫ୍ରଣ୍ଟ ଲୋଡ ୱାଶିଂ ମେଶିନ ଭଳି ଅନେକ ଉତ୍ପାଦର ବଜାର ପ୍ରବେଶ କରାଯାଇଛି। ଏହିସବୁ ଉପକରଣ ଘର ପାଇଁ ଉପଯୁକ୍ତ ପସନ୍ଦ ହୋଇଥିବାବେଳେ ବ୍ରାଣ୍ଡର ରୋବୋ ଭାକ୍ୟୁମ କ୍ଲିନର, ସ୍ମାର୍ଟ ରୋଷେଇ ଉପକରଣ, ମାଇକ୍ରୋୱେଭ, ୱାଟର ହିଟର ଓ ଅନ୍ୟାନ୍ୟ ସ୍ମାର୍ଟ ସାମଗ୍ରୀକୁ ମଧ୍ୟ କମ୍ପାନୀ ବଜାର ପ୍ରବେଶ କରାଇଛି। ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସ ଇଣ୍ଡିଆର ସଭାପତି ଏନ୍‌ଏସ୍.ସତୀଶ କହିଛନ୍ତି,ଭାରତ ବଜାରରେ ଆମେ ୨୦ତମ ପୂର୍ତ୍ତି ଉତ୍ସବ ପାଳନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି କମ୍ପାନୀ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହୋଇଥିବାବେଳେ ଏହି ମାଇଲଖୁଣ୍ଟ ଅତିକ୍ରମ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି, କାରଣ ଆମର କର୍ମଚାରୀମାନେ ଏହି ସଫଳତାର ପ୍ରକୃତ ଭାଗୀଦାରି। ଏହି ଯାତ୍ରା ସମୟରେ ଗ୍ରାହକଙ୍କ ପାଇଁ ନବ ସୃଜନତା ପ୍ରତି ଆମେ ଯତ୍ନବାନ ରହିଛୁ। ମେକ୍ ଇନ୍ ଇଣ୍ଡିଆ, ମେଡ୍ ଫର୍ ଇଣ୍ଡିଆ ପ୍ରତି ନିଜର ପ୍ରତିଶ୍ରୁତିକୁ ସୁଦୃଢ଼ କରି ବ୍ରାଣ୍ଡ୍ ତା'ର ଉତ୍ପାଦ ବିସ୍ତାର କରିଛି। ସେହିଭଳି ଗ୍ରାହକ ଓ ଦେଶ ପାଇଁ ଏହା ଏକ ଦାୟିତ୍ୱପୂର୍ଣ୍ଣ ବ୍ରାଣ୍ଡ୍ ଭାବେ ଆମେ ସମାଧାନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ଓ ଆଗକୁ ମଧ୍ୟ ଆମର ଏହି ପ୍ରୟାସ ଜାରି ରହିବ।

ସେହିପରି ଆମର ନୂଆ ପରମ୍ପରାକୁ ଅଧିକ ସୃଷ୍ଟି, ଅଧିକ ସମ୍ଭାବନା ଚିନ୍ତାଧାରାକୁ ନେଇ କାର୍ଯ୍ୟ କରିବୁ। ଆମର ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଆମେ ସବୁ ପ୍ରକାର ସୁବିଧାଜନକ ଓ ଆରାମଦାୟକ କରିବା ଲାଗି ଏହି ଦୃଷ୍ଟିକୋଣ ଉପରେ ସର୍ବଦା ଧ୍ୟାନ ପ୍ରଦାନ କରିବାକୁ ଚେଷ୍ଟା କରିବୁ। ଆମର ଏହି ଉଦ୍ୟୋଗର ବିକାଶକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ଯେ ଆମେ ଆଶାଠାରୁ ଅଧିକ ସମ୍ଭାବନା ସୃଷ୍ଟି କରିବୁ।

**Government of India**
**Income Tax Department**
**Bhubaneswar**
**PUBLIC NOTICE**
F.No.Nodal Officer/Odisha Elections/2023-24/ Date: 16.03.2024
The General Election to Lok Sabha and Legislative Assembly of Odisha - 2024 has been announced by the Election Commission of India. The Income Tax Department has been mandated to keep a strict vigil and curb the use of black money during the election process.
To receive complaints and information regarding movement of undisclosed cash and other undisclosed valuables, the Income Tax Department, Odisha has set up a Centralized Control Room cum Complaint Monitoring Cell at Bhubaneswar with 24 x 7 Call centre facility having following contact numbers.
**Election Control Room cum Complaint Monitoring Cell**
**Toll Free Number: 1800-345-7790**
**Whatsapp Number:9348904490**
**Email: odishaelection2024@incometax.gov.in**
Any untoward cash transactions or movement of undisclosed cash and valuables related to election may please be informed on the above numbers.
Sd./- (Vinay Sheel Gautam)
Addl.DIT(Inv.), Unit-II-cum-Nodal Officer (EEM)
Bhubaneswar.

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
**NOTICE**
No.5112/OMC/Persnl./2024 Date:18/03/2024
In pursuance of the Advertisement No.82/OMC, Date 15.11.2023 and Notice No. 4608, dated 14.03.2024, the Document Verification in respect of provisionally shortlisted candidates, for the posts of Jr.Engineer (Mech.)/ Electrician-III and Jr. Engineer (Elect.)/ Jr. Engineer (Civil)/ Jr. Nurse/ Jr. Pharmacist scheduled on **03.04.2024** and **04.04.2024** respectively is hereby **postponed** due to some unavoidable circumstances until further orders.
All the provisionally shortlisted candidates are advised to visit OMCL's website (https://omcltd.in/) regularly for further updates.
OIPR- **Sd./- Executive Director (P&A)**

# ବିଜିୟୁରେ ୩ ଦିନିଆ ଜାତୀୟ କର୍ମଶାଳା

ଭୁବନେଶ୍ୱର,୧୮।୩



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ନିଆଦିଲ୍ଲୀର କନ୍‌ସୋର୍ଟିୟମ ଫର୍ ଏଜୁକେଶନାଲ କମ୍ୟୁନିକେଶନ (ସିଇସି) ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଇଣ୍ଟର ୟୁନିଭରସିଟି ସେଣ୍ଟର ଫର୍ ୟୁଜିସିର ମିଳିତ ସହଯୋଗରେ ଏକ ୩ ଦିନିଆ ଜାତୀୟ ଦିନିକିଆ କର୍ମଶାଳା ବିଜିୟୁ ପରିସରରେ ଆରମ୍ଭ ହୋଇଛି। ବିଶେଷକରି 'ଟ୍ରାନ୍ସଫର୍ମିଂ ଇଣ୍ଡିଆ: ଦି ସିଗ୍ନିଫିକାନ୍ସ ଅଫ୍ ଡିଜିଟାଲ ଏଜୁକେଶନ ଇନ୍ ଆଚିଭିଂ ବିକଶିତ ଭାରତ-୨୦୪୭'ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଇସି ନିର୍ଦ୍ଦେଶକ ପ୍ରଫେସର ଜେ.ପି.ନଡ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜିୟୁ କୁଳପତି ପ୍ରଫେସର ଡ.ପି.ପି. ମାଥୁର, ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ଡ. ବି.କେ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସହ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଡିଜିଟାଲ ଶିକ୍ଷାର ଭୂମିକା ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଅପରପକ୍ଷରେ ନିଜ ନିଜ କ୍ଷେତ୍ରର ପାରଦର୍ଶିତା ଲାଭ କରିଥିବା ବକ୍ତାମାନେ ୬ଟି ଅଧିବେଶନ ମାଧ୍ୟମରେ କର୍ମଶାଳାର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜ୍ଞାନରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................



ସାନ୍‌ଭୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ମହମ୍ମଦ ମୋକିମଙ୍କୁ...

୨୦୧୯ ବିଧାନସଭା ନିର୍ବାଚନକୁ ଅଦାଲତ ଅସିଦ୍ଧ ଘୋଷଣା କରିବା ସହ ମୋକିମଙ୍କୁ ପୂର୍ବତନ ବିଧାୟକ କୁହାଯାଇପାରିବ ନାହିଁ ବୋଲି ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ। ଓଡ଼ିଶା ହାଇକୋର୍ଟ ମାର୍ଚ୍ଚ ୪ରେ ଦେଇଥିବା ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ରାୟ ଉପରେ ରହିତାଦେଶ ଲଗାଇବା ପାଇଁ ମୋକିମ ଆବେଦନରେ ପ୍ରାର୍ଥନା କରିଥିଲେ। ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ୨୦୧୯ ନିର୍ବାଚନରେ ମୋକିମଙ୍କ ବିଜୟକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ସେ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ସୁପ୍ରିମକୋର୍ଟ ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଲଗାଇଛନ୍ତି।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ପ୍ରିୟାନ୍ବି (ସାନ୍‌ଭୀ)
ଗଙ୍ଗପଡ଼ା, ଭୁବନେଶ୍ୱର
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଶ୍ରୀମତୀ ସଙ୍ଗୀତା ସାହୁ, ଶ୍ରୀଯୁକ୍ତ ପ୍ରତାପ କୁମାର ସାହୁ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୭୫୯୩୨


# ପୂର୍ବତନ ୱାର୍ଡମେମ୍ବର ଦମ୍ପତିଙ୍କୁ ହତ୍ୟା ଘଟଣା: ୧୦ ଗିରଫ

ଫୁଲବାଣୀ, ୧୮।୩
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ଗତ ୮ ତାରିଖରେ ପୂର୍ବତନ ୱାର୍ଡମେମ୍ବର ଦମ୍ପତିଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୧୦ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଫେରାର ଅଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ହାତୁଡି, ରକ୍ତଭିଜା ଜ୍ୟାକେଟ ଓ ପ୍ୟାଣ୍ଟ ଜବତ କରାଯାଇଛି ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରଣୀ ଗ୍ରାମର ସୁନୀଲ ଦିଗାଲ, ଗୁମାଲଦାନୀ ଗ୍ରାମର ଭୀମ କହଁର, ରିଙ୍ଗ କହଁର, ଉଗ୍ରସେନ କହଁର, ନାଇବ କହଁର, ନାବିସନ କହଁର, ବୃଷବ କହଁର, ଭରତ ଦିଗାଲ, ଗନ୍ଦରା କହଁର, ରୀନା ଦିଗାଲ।

ଗୁମାଲଦାନୀ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଡାହିରା କହଁର ଓ ତାଙ୍କ ସ୍ତ୍ରୀ ବତାସୀ ନିକଟସ୍ଥ ବରଳାଦେବୀ ମନ୍ଦିରରେ ଘଟଣା ଘଟିବାର କିଛିଦିନ ପୂର୍ବରୁ ପୂଜା କରୁଥିଲେ। ତାଙ୍କୁ ଗ୍ରାମର ଲୋକେ ଗୁଣିଗାରେଡ଼ି କରୁଛନ୍ତି ବୋଲି ସନ୍ଦେହ



ଗିରଫ ବ୍ୟକ୍ତିମାନେ।

## ଗୁଣିଗାରେଡ଼ି ସନ୍ଦେହ ମୁଖ୍ୟ କାରଣ

କରିଆସୁଥିଲେ। ସେହି ରାଗରେ ଗ୍ରାମବାସୀ ତାଙ୍କୁ ଗ୍ରାମରୁ ତଡ଼ି ଦେଇଥିଲେ। ସେମାନେ କାଳିବିହାରୀରେ ଘର କରି ରହୁଥିଲେ। ହେଲେ ଗ୍ରାମରେ ଲୋକମାନଙ୍କର ଦେହ ଖରାପ ହେବା ଏବଂ ପରେ ମୃତ୍ୟୁ ହେବାକୁ ନେଇ ଗ୍ରାମବାସୀ ଗତ ୪ ତାରିଖରେ ବୈଠକ କରିଥିଲେ। ଏହି ବୈଠକରେ ଗ୍ରାମର ଭୀମ, ରିଙ୍ଗ, ଉଗ୍ରସେନ, ନାଇବ, ନାବିସନ, ବୃଷବ, ଭରତ, ଗନ୍ଦରା, ଅଜୟ କହଁର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସେହି ଦମ୍ପତିଙ୍କୁ ମାରିବା ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଘର ପିଛା ୧୦ଟଙ୍କା ଆଦାୟ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ସୁନୀଲ ଫୁଲବାଣୀରେ ରହି ଏକ ମାଂସ ଦୋକାନରେ କାମ କରୁଥିଲେ। ଗୁଣିଗାରେଡ଼ିରେ ତାଙ୍କ ବାପା ଏବଂ ଭଉଣୀଙ୍କ ମୃତ୍ୟୁ ହୋଇଥିଲା ବୋଲି ସୁନୀଲ ସନ୍ଦେହ କରି ଆସୁଥିଲେ। ତେଣୁ ଗ୍ରାମବାସୀ ସୁନୀଲଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ଏହି ହତ୍ୟାକାଣ୍ଡ ପାଇଁ ୪୦ ହଜାର ଟଙ୍କା ଦେଇଥିଲେ। ଗତ ୭ ତାରିଖ ରାତିରେ ସୁନୀଲ ଫୁଲବାଣୀରୁ ଆସି ଗାଁରେ ପହଞ୍ଚିଥିଲେ। ୮ ତାରିଖ ଅପରାହ୍ନରେ ସୁନୀଲ ତାଙ୍କ ସହଯୋଗୀ ଅଜୟଙ୍କ ସହ ଡାହିରାଙ୍କ ଘରକୁ ଯାଇଥିଲେ। ମା'ଙ୍କ ଦେହ ଖରାପ ଅଛି କହି ବତାସୀ କହଁରଙ୍କୁ ଗାଁକୁ ଡାକିଥିଲେ। ଆସିବା ବାଟରେ ଏକ ହାତୁଡିରେ ବତାସୀଙ୍କ ମୁଣ୍ଡ ଓ ମୁହଁକୁ ପିଟି ହତ୍ୟା କରିଥିଲେ। ପରେ ଡାହିରାଙ୍କୁ ସେହି ହାତୁଡିରେ ପିଟି ହତ୍ୟା କରିଥିଲେ। ପୋଲିସ ଗ୍ରାମବାସୀଙ୍କ ବୈଠକରୁ ତଦନ୍ତ ଆରମ୍ଭ କରିବା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିଥିଲା ବୋଲି ଏସ୍‌ପି କହିଛନ୍ତି।


# Classified Everyday
0674-2580101, 2549949

## REAL ESTATE SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zoneରେ** ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-ରେ** ବିକ୍ରି କରାଯିବ। **6370469894.** D-75929

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ପଟିଆ ତ୍ରିଶୂଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

Healthcare

Relax, Refresh your body, mind by expert therapist. Contact- 9938843929. D-76108

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Bodymassagebyexperience good looking therapist @ 999/- (Bhubaneswar). 9078484455.** D-2688

astrology

ମାଗଣା ଜାତକ, ବାସ୍ତୁ ପରାମର୍ଶ, ସରକାରୀ ମାନ୍ୟତାପ୍ରାପ୍ତ ଅନୁଷ୍ଠାନ ସର୍ବସିଦ୍ଧି କବଚ ଗ୍ରହରତ୍ନ ରୁଦ୍ରାକ୍ଷରେ ରିହାତି। ଲଟେରି ଜିତନ୍ତୁ। ଗୁପ୍ତଧନ- ଜ୍ୟୋତିଷ- ବାସ୍ତୁ ଶିକ୍ଷା। 7750033066, 9348273805. D-2786

## AFFIDAVIT

Affidavit No.-CIF No. 21/10/01/24 before Executive Magistrate, Bhubaneswar my name has changed from Sayad Naushad Ali to SIRSMITH NAUSHAD ALI. Henceforth I shall be known as SIRSMITH NAUSHAD ALI, Plot No.-1415 New Forest Park, BBSR for all purposes. D-2800

By virtue of an affidavit No-3456 dated 14.11.2023, sworn before Executive Magistrate, Simulia. I Ramesh Das alias Nirmal Das(40), S/o- Baidhar Das, Vill- Ishwarpur, P.S.- Simulia, Dist.-Balasore hereby declare that in my LIC Policy bearing No.- 585396594 my name is mentioned Ramesh Das. Hence Ramesh Das and Nirmal Das same and one person. D-2806

I, Himanshu Shekhar Satpathy, S/o- Late Laxman Satapathy resident of Flat No.- 2/5, Krishna Plaza near Iskon Temple, IRC Village, Bhubaneswar, Odisha-751015 declare by this affidavit No.-48, dtd. 18.03.2024, that now onwards I shall be known as Himanshu Shekhar Satapathy for all future purposes. D-2808

## LOST

ମୁଁ ଗଣେଶ୍ୱର ଘଡ଼େଇ, ପି- ରମେନ୍ ଘଡ଼େଇ, N-3 ବେହେରା ବସ୍ତି, ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, PIN- 751015 । ମୁଁ ବିଜ୍ଞାପନ ଦେବାର କାରଣ ଏହିକି ଯେ, ମୋର ଓରିଜିନାଲ କବଲା ନମ୍ବର 11141600609 ମୁଁ ତା ୧୧।୦୩।୨୦୨୪ ସମୟ ୭ଟାରେ ମଞ୍ଚେଶ୍ୱରରୁ ରସୁଲଗଡ଼ ଯିବା ବାଟରେ ମୋର କବଲାଟି ହଜିଯାଇଛି। ତେଣୁ ଆପଣଙ୍କୁ ବିନୀତ ଅନୁରୋଧ କରୁଛି କି, ଯଦି କେହି ସହୃଦୟ ବ୍ୟକ୍ତି କବଲାଟିକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ମୋତେ, ମୋର ଓକିଲଙ୍କୁ ଯୋଗାଯୋଗ କରିବେ। ଆଡ୍‌ଭୋକେଟ୍- ଦୀପକ କୁମାର ସାହୁ, 9937058785, D22864. D-2802

**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ,
ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍
ନଂ.-୧୧୪୮/୨୦୧୮

ଏମ୍/ଏସ୍ ରାଜଧାନୀ ସିଷ୍ଟମ ଆଣ୍ଡ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ .....ବାଦୀ

ବନାମ

ସୁନା ପଣି ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧. ସୁନା ପଣି @ ବେଓ୍ୱା, ସ୍ୱାମୀ- ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ପଣି, ୨. କମଳା ମେକାପ, ସ୍ୱାମୀ- ଗୁଣାନିଧି ମେକାପ ଉଭୟଙ୍କର ବାସସ୍ଥାନ ସା-ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୧ ଏବଂ ୨ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୩୦।୦୪।୨୦୨୪ ରିଖ ଦିବା ୦୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଭାତଖୁରି, ତହସିଲ- ଚନ୍ଦକା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।
ସାବକ ଖାତା ନଂ.-୧୭୬, ସାବକ ପ୍ଲଟ୍ ନଂ.-୯୩୨, ଏରିଆ- ଏ.୦.୧୫୦ଡି., ହାଲ୍ ଖାତା ନଂ.-୫୯୪, ହାଲ୍ ପ୍ଲଟ୍ ନଂ.-୧୫୨୫, ଏରିଆ- ଏ.୦.୧୫୫ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶ କ୍ରମେ
ସ୍ୱା./- (କୋର୍ଟ ଅଧିକାରୀ)
ଧ-୨୮୦୫

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ,
ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍
ନଂ.-୧୧୪୭/୨୦୧୮

ଏମ୍/ଏସ୍ ରାଜଧାନୀ ସିଷ୍ଟମ ଆଣ୍ଡ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ .....ବାଦୀ

ବନାମ

ଫକିର ସାହୁ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧. ଫକିର ସାହୁ, ପିତା- ସ୍ୱର୍ଗତ ନିତ୍ୟାନନ୍ଦ ସାହୁ, ବାସସ୍ଥାନ ସା-ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୧ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୩୦।୦୪।୨୦୨୪ରିଖ ଦିବା ୦୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଭାତଖୁରି, ତହସିଲ- ଚନ୍ଦକା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।
ସାବକ ଖାତା ନଂ.-୧୬୧, ସାବକ ପ୍ଲଟ୍ ନଂ.-୯୩୪, ଏରିଆ- ଏ.୦.୫୯୦ଡି., ହାଲ୍ ଖାତା ନଂ.-୩୨୨, ହାଲ୍ ପ୍ଲଟ୍ ନଂ.-୧୫୩୪, ଏରିଆ- ଏ.୦.୫୯୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶ କ୍ରମେ
ସ୍ୱା./- (କୋର୍ଟ ଅଧିକାରୀ)
ଧ-୨୮୦୪

# ଇଡିରେ ପୁଣି ହାଜର ହେଲେ ସି-ଶୋର ମୁଖ୍ୟ ପ୍ରଶାନ୍ତ ଦାସ

ଭୁବନେଶ୍ୱର, ୧୮।୩
(ସୂର୍ଯ୍ୟକାନ୍ତ ବେହେରା)

ସି-ଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱିତୀୟ ଥର ପାଇଁ ସଂସ୍ଥାର ମୁଖ୍ୟ ପ୍ରଶାନ୍ତ ଦାସଙ୍କୁ ସୋମବାର ଜେରା କରିଛି। ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ପ୍ରଶାନ୍ତଙ୍କୁ ଇଡି ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ନୂଆ ତଥ୍ୟ ପାଇବାକୁ ଚେଷ୍ଟା କରିଥିଲେ। ଜମାକାରୀଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥ କେଉଁଠି ବିନିଯୋଗ ହୋଇଛି ଏବଂ ଏଥିସହ ବେଆଇନ ବିନିଯୋଗ ସଂକ୍ରାନ୍ତରେ ମଧ୍ୟ ଜାଣିବାକୁ ଚାହିଁଥିଲେ। ଏପରିକି ଜେରା ବେଳେ ଜମି କିଣାବିକା ଓ ପଲିଟିକାଲ ଲିଙ୍କ୍ ନେଇ ଅଧିକାରୀମାନେ ପଚରାଉଚରା କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ପ୍ରଶାନ୍ତଙ୍କୁ ଜେରା ପରେ ତାଙ୍କ ଲିଙ୍କ୍‌ରେ ଥିବା ଏକାଧିକ ବ୍ୟକ୍ତି ବିଶେଷଙ୍କୁ ଇଡି ଖୁବ୍‌ଶୀଘ୍ର ଡାକି ପଚରାଉଚରା କରିବ ବୋଲି ଶୁଣାଯାଉଛି। ସୂଚନାଯୋଗ୍ୟ, ଇଡି ପୂର୍ବରୁ ସି-ଶୋରର ବହୁ ସମ୍ପତ୍ତି ଆଟାଚ୍ କରିସାରିଥିବାବେଳେ ୩ଦିନ ତଳେ ଅର୍ଥାତ ୧୫ ମାର୍ଚ୍ଚରେ ପ୍ରଶାନ୍ତ ଇଡିରେ ହାଜର ହୋଇଥିଲେ। ଏହି ସମୟରେ ସେ ଗଣମାଧ୍ୟମ ଆଗରେ କହିଥିଲେ, ଇଡି ହେଉଛି ଏକ ଇନ୍‌ଭେଷ୍ଟିଗେଶନ ଏଜେନ୍ସି। ତେଣୁ ସେମାନେ ଡାକିବେ। ଏହା ହେଉଛି ଧରାବନ୍ଧା ନିୟମ। ଏଥିରେ ଅସୁବିଧା କ'ଣ ଅଛି ବୋଲି କହି ହାଲୁକା ଉତ୍ତର ଦେଇ ପଳାଇଥିଲେ।

# ଭାଜପାରେ ରାଜଗାଙ୍ଗପୁର ମ୍ୟୁନିସିପାଲିଟି ପୂର୍ବତନ ଅଧ୍ୟକ୍ଷ

ଭୁବନେଶ୍ୱର, ୧୮।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୦ ବର୍ଷ ଶାସନରେ ଦେଶର ଗରିବ, ଯୁବକ, କୃଷକ ଓ ମହିଳାଙ୍କ ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତବର୍ଷ ବିଶ୍ୱର ନେତୃତ୍ୱ ନେବା ଦିଗରେ ଅଗ୍ରସର ହୋଇଛି। ତାଙ୍କର ଦେଶ ପ୍ରତି ଉତ୍ସର୍ଗୀକୃତ ଏବଂ ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ବିଜେଡି ନେତା ତଥା ରାଜଗାଙ୍ଗପୁର ମ୍ୟୁନିସିପାଲିଟି ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉତ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ଏମ୍‌ପି ଜୁଏଲ ଓରାମ ଓ ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂହଦେଓଙ୍କ ଉପସ୍ଥିତିରେ ପୂର୍ଣ୍ଣଚନ୍ଦ୍ର ରାଉତ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଜୁଏଲ ଓରାମ ଏବଂ କେ.ଭି. ସିଂହଦେଓ ଦଳୀୟ ଉତ୍ତରୀୟ ଦେଇ ପୂର୍ଣ୍ଣଚନ୍ଦ୍ରଙ୍କୁ ସ୍ୱାଗତ କରିଛନ୍ତି। ଭ୍ରଷ୍ଟାଚାର, ବ୍ୟଭିଚାର ଓ ଦୁର୍ନୀତି ରାଜ୍ୟ ବିକାଶରେ ବାଧକ ସାଜିଛି। ରାଜ୍ୟରେ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ନିହାତି ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ସୁଶାସନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଓ ଭାଜପା ନୀତି ଆଦର୍ଶ ମୋତେ ଅନୁପ୍ରାଣିତ କରିଛି ବୋଲି ପୂର୍ଣ୍ଣଚନ୍ଦ୍ର କହିଛନ୍ତି।

# ବୃଦ୍ଧାଙ୍କୁ ପଇଡ଼ରେ ନିଶାଦେଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ

## ୨ ମହିଳା ଗିରଫ, ଲୁଟ୍ ଗହଣା ଜବତ

ସମ୍ବଲପୁର, ୧୮।୩(ପ୍ରମୋଦ ବହିଦାର)

ପଇଡ଼ରେ ନିଶାଦେଇ ଜଣେ ବୃଦ୍ଧାଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ସମ୍ପୃକ୍ତ ଦୁଇ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଲୁଟ୍ ସୁନାଗହଣାକୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ଦୁଇ ମହିଳା ହେଲେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଶଙ୍କରା ଗ୍ରାମର ଅନୁକ୍ରାନ୍ତି ମିଶ୍ର(୩୦) ଓ ମନ୍ଦିର ପୂଜକଙ୍କ ସ୍ତ୍ରୀ ବରଗଡ଼ ଜିଲା ଭେଡ଼େନ ଥାନା କୁବେଡେଗା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ରାଣୀସତୀ ମନ୍ଦିରରେ ରହୁଥିବା ମଞ୍ଜୁଲତା ପାଢ଼ୀ।

ଧନୁପାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ତୋଫାନ ବାଗ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଗତ ଶନିବାର ସକାଳେ ଗୋବିନ୍ଦଟୋଲାର ମନୋରମା ଆଚାର୍ଯ୍ୟ (୭୫) ନାମ୍ନୀ ବୃଦ୍ଧା ଫଳ କିଣିବାକୁ ଘରୁ ବାହାରି ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ନିକଟରେ ଥିବା ରାଣୀ ସତୀ ମନ୍ଦିର ପରିସରସ୍ଥ ଏକ ପରିତ୍ୟକ୍ତ କୋଠରିରେ ଅଚେତ ଅବସ୍ଥାରେ ପଡିରହିଥିବା ଦେଖିଥିଲେ। ତାଙ୍କ ନିକଟରେ ମନ୍ଦିର ପୂଜକ ମଧ୍ୟ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ବୃଦ୍ଧା ଜଣକ ପିନ୍ଧିଥିବା ସୁନାଚେନ, କାନଫୁଲ ଓ ଚୁଡ଼ି ତାଙ୍କ ଦେହରେ ନ ଥିଲା। ପରିବାର ଲୋକେ ଖବର ଦେବା ପରେ ଧନୁପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧା ମନୋରମା ଓ ପୂଜକ ଦେବେନ୍ଦ୍ର ପାଢ଼ୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ।

ଅପରପକ୍ଷେ ପୀଡ଼ିତା ବୃଦ୍ଧାଙ୍କ ବୋହୂ ରଶ୍ମିତା ଆଚାର୍ଯ୍ୟ (ନାୟକ)ଙ୍କ ଏତଲାକୁ ଆଧାର କରି ଧନୁପାଲି ଥାନାରେ ପୋଲିସ ଏକ ମାମଲା (ନଂ.୧୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପ୍ରାର୍ଥୀ ଚୟନ ନେଇ ଆଗେଇଲେ ବିଜେଡି, ଭାଜପା

ଭୁବନେଶ୍ୱର, ୧୮।୩(ସୁନିତ୍ ମିଶ୍ର)



ପୁରୀ ଜିଲାର ବିଜେଡି ନେତାମାନେ ନବୀନ ନିବାସ ଯାଉଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ଦୁଇ ଦିନ ପରେ ବିଜେଡି ଶୀର୍ଷ ନେତୃତ୍ୱ ଲୋକ ସଭା ନିର୍ବାଚନମଣ୍ଡଳୀୱାରି ସାଙ୍ଗଠନିକ ଆଲୋଚନା ଆରମ୍ଭ କରିଦେଇଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ନବୀନ ନିବାସରେ ପୁରୀ ଲୋକ ସଭା କ୍ଷେତ୍ରରୁ ପ୍ରଥମ ନିର୍ବାଚନୀ ଆଲୋଚନା ଶାସକ ଦଳ ଆରମ୍ଭ କରିଛି। ନବୀନ ନିବାସରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର ଏବଂ ନୟାଗଡ଼ ନିର୍ବାଚନମଣ୍ଡଳୀ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି, ରାଜ୍ୟ ସଭା ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଶୁଭାଶିଷ ଖୁଣ୍ଟିଆ, ବିଧାୟକ ସତ୍ୟନାରାୟଣ ପ୍ରଧାନ, ରୁଦ୍ର ମହାରଥୀ ନବୀନ ନିବାସ ଯାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅରୂପ ପଟ୍ଟନାୟକ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପୁରୀ ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ। ମିଳିଥିବା ସୂଚନା ମୁତାବକ, ବୈଠକରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ଅରୂପ ପଟ୍ଟନାୟକ ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ସମ୍ପର୍କରେ ନେତାମାନଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ ନେତାମାନଙ୍କୁ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ଯୋଜନାରେ ଲାଭ ପାଇଥିବା ହିତାଧିକାରୀମାନଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହାସହ ଯେଉଁ ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାର ଲାଭ ପାଇପାରି ନାହାନ୍ତି ସେମାନଙ୍କ ସହ ମଧ୍ୟ କଥା ହେବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଏହି ଦାୟିତ୍ୱ ତୁଲାଇବାକୁ କୁହାଯାଇଥିବା ବେଳେ ସତ୍ୟବାଦୀରେ ସଞ୍ଜୟ ଦାସବର୍ମା ଏହି କାର୍ଯ୍ୟ କରିବେ ବୋଲି କୁହାଯାଇଛି। ବିଜେଡିର ଏହି ବୈଠକ ପରେ ନେତା ଏବଂ କର୍ମୀ ଗତ ୫ ତାରିଖ ପରଠାରୁ ମେଣ୍ଟକୁ ନେଇ ଯେଉଁ ଦ୍ୱନ୍ଦ୍ୱରେ ଥିଲେ ସେଥିରୁ ସାମାନ୍ୟ ଆଶ୍ୱସ୍ତ ହୋଇଥିବା ଦଳୀୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ତେବେ ବିଜେଡିର ଏହି ବୈଠକରେ ପ୍ରସନ୍ନ ପାଟଶାଣୀ ଯୋଗଦେବା କଥା ମଧ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ବୈଠକ ପରେ ପାଟଶାଣୀ ଚିଲିକା ବିଧାନସଭା ଆସନରୁ ପ୍ରାର୍ଥୀ ହେବାର ସମ୍ଭାବନା ଅଧିକ ବୋଲି ଏକ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ଓଡ଼ିଶାରେ ଶେଷ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବ। ୬ଷ୍ଠ ଏବଂ ୭ମ ପର୍ଯ୍ୟାୟରେ ଯେଉଁ ଆସନଗୁଡ଼ିକରେ ଭୋଟ୍ ହେବ ସେଥିଲାଗି ସମୟ ସାମାନ୍ୟ ବିଳମ୍ବ ଥିବାରୁ ଦଳ ପକ୍ଷରୁ କିଛି ଦାୟିତ୍ୱ ବଣ୍ଟାଯାଇଥିବା ମଧ୍ୟ କୁହାଯାଉଛି। ଅନ୍ୟପଟେ ଦଳ ଯେଉଁ ସର୍ଭେ କରିଛି ତା'ର ରିପୋର୍ଟ ଆଧାରରେ ଟିକେଟ ବଣ୍ଟନ ହେବ ବୋଲି କୁହାଯାଇଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ପୁରୀ ଆସନରୁ ମହେଶ୍ୱରଙ୍କ ପୁଅ ସୁନୀଲଙ୍କୁ ଟିକେଟ ମିଳିବ ବୋଲି ଚିତ୍ର ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଏହି ଆସନରୁ ସୁନୀଲ ଏବଂ ଶୁଭାଶିଷଙ୍କୁ ବୈଠକରେ ସାମିଲ କରାଯାଇଥିଲା। ଶୁଭାଶିଷଙ୍କୁ ରାଜ୍ୟ ସଭା ଏମ୍‌ପି କରାଯାଇସାରିଥିବା ବେଳେ ଦଳ ସୁନୀଲଙ୍କୁ ଏହି ଆସନରୁ ଲଢେଇବା ନେଇ ପ୍ରସ୍ତୁତ ହେଉଥିବା ସୂଚନା ମିଳୁଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଲୋକ ସଭା ଆସନର ବୈଠକ ବସିଥିଲା। ଏଥିରେ ବରିଷ୍ଠ ନେତା ପ୍ରତାପ ଦେବ, ପ୍ରତାପ ଜେନା, ଅଂଶୁମାନ ମହାନ୍ତି, ଅରବିନ୍ଦ ମହାପାତ୍ର, ଶଶି ଭୂଷଣ ବେହେରା, ଧ୍ରୁବ ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଲୋକ ସଭା ଆସନରୁ ପୂର୍ବତନ ବିଧାୟକ ତଥା କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଅଂଶୁମାନ ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ନେତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି, କେନ୍ଦ୍ରାପଡ଼ା ନେତାମାନଙ୍କୁ ମଧ୍ୟ ସମାନ ଭାବେ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

ଅପରପକ୍ଷରେ ଭାଜପା ପକ୍ଷରୁ ମଧ୍ୟ ଶନିବାର ଆସନ୍ତା ନିର୍ବାଚନ ଲାଗି କେଉଁମାନଙ୍କୁ ଲୋକ ସଭା ଏବଂ ବିଧାନସଭା ଆସନରେ ପ୍ରାର୍ଥୀ କରାଯିବ ସେନେଇ ରାଜ୍ୟ ନିର୍ବାଚନ କମିଟି ବୈଠକରେ ଆଲୋଚନା ହୋଇଛି। ଏହାପରେ ପ୍ରତି ନିର୍ବାଚନମଣ୍ଡଳୀରୁ ୩ ଜଣଙ୍କ ନାଁ ଶର୍ଟଲିଷ୍ଟ କରି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସନ୍ଧ୍ୟାରେ ଅନୁଷ୍ଠିତ କେନ୍ଦ୍ରୀୟ ନିର୍ବାଚନ ବୈଠକରେ ଓଡ଼ିଶାର ପ୍ରାର୍ଥୀ ତାଲିକା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ମେଣ୍ଟ ନେଇ ଦୀର୍ଘଦିନ ଚାଲିଥିବା ଚର୍ଚ୍ଚା ଆଲୋଚନା ଭିତରେ ଉଭୟ ଦଳର ଏଭଳି ପ୍ରସ୍ତୁତି ମେଣ୍ଟ ଚର୍ଚ୍ଚାରେ ସାମାନ୍ୟ ଶିଥିଳତା ଆଣିଛି। ହେଲେ ଏ ପର୍ଯ୍ୟନ୍ତ ରାଜନୈତିକ ସମୀକ୍ଷକମାନେ ମେଣ୍ଟ ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇ ନ ପାରେ ବୋଲି ମତ ରଖୁଛନ୍ତି। କୁହାଯାଉଛି ମନମୋହନ ନେଇଥିବା ତାଲିକାକୁ ଦଳ ଦିଲ୍ଲୀରେ ଖୁବ୍‌ଶୀଘ୍ର ଚୂଡାନ୍ତ କରିପାରେ।

### ନିଜ ନେତାଙ୍କୁ ଦାୟିତ୍ୱ ଛାଡ଼ିଲା ବିଜେଡି

- ପୁରୀରୁ ଅରୂପ, କେନ୍ଦ୍ରାପଡ଼ାରୁ ଅଂଶୁମାନ ହୋଇପାରନ୍ତି ଲୋକ ସଭା ପ୍ରାର୍ଥୀ
- ପ୍ରସନ୍ନ ପାଟଶାଣୀଙ୍କୁ ଚିଲିକା ବିଧାନସଭା ଆସନରୁ ପ୍ରାର୍ଥୀ କରିପାରେ ବିଜେଡି
- ସଞ୍ଜୟଙ୍କୁ ସତ୍ୟବାଦୀ, ଉମାଙ୍କୁ ବ୍ରହ୍ମଗିରି ଦାୟିତ୍ୱ
- ଶର୍ଟଲିଷ୍ଟ ତାଲିକା ଧରି ଦିଲ୍ଲୀରେ ଭାଜପା ନେତା

# ପ୍ରଚାର ଛାଡ଼ି ରାଜଧାନୀରେ ଆଶାୟୀ

କେନ୍ଦୁଝର, ୧୮।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବିଜେଡି ଓ ଭାଜପା ଦଳର ଆଶାୟୀ ପ୍ରାର୍ଥୀଙ୍କ ମେଣ୍ଟଭୟ ଛାଡ଼ିନାହିଁ। ମେଣ୍ଟ ହେଲେ କେଉଁ ସିଟ୍ କେଉଁ ଦଳ ଭାଗରେ ପଡ଼ିବ ସେ ଭୟକୁ ନେଇ ବଡ଼ ବଡ଼ ନେତା ଚିନ୍ତାରେ ରହିଥିବା ବେଳେ ମେଣ୍ଟ ନ ହେଲେ କିଏ ହେବେ ପ୍ରାର୍ଥୀ ତାହାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି। ତେବେ ମେଣ୍ଟକୁ ନେଇ ପରିସ୍ଥିତି ଯେଉଁ ସ୍ତରକୁ ଯାଇଛି ତାହାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ପୂର୍ବରୁ ନ ହେଲେ ମଧ୍ୟ ପରେ ମେଣ୍ଟ ହେବ ଏହାକୁ ନେଇ ଭୋଟରମାନେ ଏକ ଭିନ୍ନ ଚିନ୍ତା କରିସାରିଛନ୍ତି।

ଆଶା ତ ବୈତରଣୀ। ଏଣୁ ନିର୍ବାଚନରେ ଲଢ଼ିବା ଓ ଟିକେଟ ପାଇବା ଆଶା ବହୁତ ରହିଛି। କିନ୍ତୁ ଏଭଳି ମେଣ୍ଟ ଆମର ଚିନ୍ତା ବଢ଼ାଇଦେଇଛି ବୋଲି କେତେକ ଦଳୀୟ ଆଶାୟୀ ପ୍ରାର୍ଥୀ ନାମ ନ ଜଣାଇ ଖୋଲାଖୋଲି କହୁଛନ୍ତି। ଫଳରେ ମେଣ୍ଟକୁ ନେଇ ଉଭୟ ଦଳରେ ହଲଚଲ ଦେଖାଦେଇଥିବା ବେଳେ କେତେକ ଆଶାୟୀ ପ୍ରାର୍ଥୀ ପ୍ରଚାର ପ୍ରସାର ସଭା ବନ୍ଦ କରି ରାଜଧାନୀ ଧାଇଁ ନିଜର ସିଟ୍‌କୁ ପକ୍କା କରିବାକୁ ଜୋର ଲଗାଇ ଦେଇଛନ୍ତି। କେତେକେ ଦେବଦେବୀ ଓ ବାବାଙ୍କ ଶରଣାପନ୍ନ ହୋଇ ସାରିଲେଣି। କେନ୍ଦୁଝର ଲୋକ ସଭା ଓ ୬ ବିଧାନସଭା ସିଟ୍‌ରୁ ସଦର ନିର୍ବାଚନମଣ୍ଡଳୀ ବ୍ୟତୀତ ଅନ୍ୟ ସବୁରେ ବିଜେଡିର ପ୍ରଭାବ ରହିଛି। ବିଜେଡି ସଦର ନିର୍ବାଚନମଣ୍ଡଳୀକୁ ଫେରାଇ ଆଣିବା ସହ ଜିଲାର ସମସ୍ତ ସିଟ୍ ହାତେଇବା ପାଇଁ ରଣ କୌଶଳ ଆରମ୍ଭ କରିଆସୁଥିବା ବେଳେ ମେଣ୍ଟ ସମ୍ଭାବନା ସେମାନଙ୍କୁ ଶିଥିଳ କରିଦେଇଛି। ମେଣ୍ଟ ଅନିଶ୍ଚିତତା ଥିଲେ ହେଁ ଏହାକୁ ନେଇ ଆଶାୟୀଙ୍କ ବ୍ୟତୀତ କର୍ମୀମାନେ କେଉଁଠି ଏହାକୁ ନେଇ ବିରୋଧ ତ କେଉଁଠି କୋଳାକୋଳି ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ନେତାଙ୍କୁ ଚିନ୍ତାରେ ପକାଇଛି।

ଉଭୟ ଦଳର ନେତା ମେଣ୍ଟ ନେଇ ଖୋଲାଖୋଲି ନ କହୁଥିଲେ ହେଁ ହେବା ସମ୍ଭାବନା ଅଧିକ ବୋଲି କହୁଛନ୍ତି। ତେବେ ଏହି ଗୋଳମାଳିଆରୁ କଂଗ୍ରେସ ଦଳ ଫାଇଦା ଉଠାଇବାକୁ ଜୋର ଲଗାଇଦେଇଛି। ଦକ୍ଷତାସମ୍ପନ୍ନ ପ୍ରାର୍ଥୀ ହେଲେ କଂଗ୍ରେସ ପାଇଁ କେତେକ ସିଟ୍ ସୁବିଧାଜନକ ହୋଇପାରିବ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରୁଛନ୍ତି। ଅଧିକ ଚିନ୍ତା ବଢ଼ାଇଛି ଖଣିଖାଦାନ ଓ ଶିଳ୍ପ ସମୃଦ୍ଧ ଚମ୍ପୁଆ ନିର୍ବାଚନମଣ୍ଡଳୀକୁ ନେଇ। ଧନଶାଳୀ ନିର୍ବାଚନମଣ୍ଡଳୀକୁ ହାତେଇବା ପାଇଁ ସବୁ ଦଳ ଉଦ୍ୟମ କରିଆସୁଥିବା ବେଳେ ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କ ଉପସ୍ଥିତି ଭିନ୍ନ ବାର୍ତ୍ତା ଦେଉଛି। ଖଣି ବ୍ୟବସାୟର ସୁରକ୍ଷା ପାଇଁ ରାଜନୀତିକୁ ଓହ୍ଲାଇଥିବା ସମସ୍ତ ଦଳର ନେତା ଏହି ସିଟ୍‌ରୁ ଟିକେଟ ପାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ବାରମ୍ବାର ହାରିଥିବା ବିଜେଡି ଓ ଭାଜପା ନେତା ଟିକେଟ ପାଇବା ପାଇଁ ଜୋର ଲଗାଇ ଦେଇଛନ୍ତି। କାରଣ ମେଣ୍ଟ ହେଲେ ସୁବିଧାରେ ନିର୍ବାଚନ ବୈତରଣୀ ପାର ହୋଇଯିବେ ବୋଲି ଆଶା ରଖିଛନ୍ତି। ଏଭଳି ଗୋଳିଆ ପାଣିରୁ କିଏ ଫାଇଦା ଉଠାଉଛି ତାହା ନିର୍ବାଚନ ପରେ ଜଣାପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।





ନୂଆଦିଲ୍ଲୀରେ ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚଦେବା ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି। ନିକଟରେ ଅଛନ୍ତି ୭ ସଂସଦୀୟ ଆସନର ଭାଜପା ପ୍ରାର୍ଥୀ (ବାମରୁ) ଯୋଗେନ୍ଦ୍ର ଚନ୍ଦେଲିଆ, କମଲଜିତ୍ ଶେରାୱତ, ମନୋଜ ତିୱାରୀ, ରାମବୀର ସିଂ ବିଧୁରୀ, ହର୍ଷ ମାଲହୋତ୍ରା, ପ୍ରବୀଣ ଖଣ୍ଡେଲୱାଲ ଓ ବାଂଶୁରୀ ସ୍ୱରାଜ। (ଫଟୋ: ଚମନ ଗୌତମ)

# ୬ କ୍ଷେତ୍ରରୁ ବିଧାୟକ ହୋଇନାହାନ୍ତି ମହିଳା

ବ୍ରହ୍ମପୁର, ୧୮।୩(ନରସିଂହ ସାହୁ)

### ଗଞ୍ଜାମ ଜିଲାରେ ୧୩ ବିଧାନସଭା ନିର୍ବାଚନମଣ୍ଡଳୀ



ଗଞ୍ଜାମ ଜିଲାରେ ୧୩ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୬ ଆସନରୁ ହୋଇନାହାନ୍ତି ମହିଳା ବିଧାୟକ। ସେଗୁଡ଼ିକ ହେଲା ଛତ୍ରପୁର, ଗୋପାଳପୁର, ପୋଲସରା, ହିଞ୍ଜିଳି, ଦିଗପହଣ୍ଡି ଓ ଭଞ୍ଜନଗର। ଅବଶିଷ୍ଟ ୭ କ୍ଷେତ୍ରରୁ ଅଣକଂଗ୍ରେସ ଓ କଂଗ୍ରେସରୁ ସୁଜ୍ଞାନ କୁମାରୀ ଦେଓ ଖଲ୍ଲିକୋଟ ଆସନରୁ ୮ ଥର ଓ କବିସୂର୍ଯ୍ୟନଗରରୁ ୨ ଥର ବିଧାୟିକା ହୋଇଥିଲେ। ୨୦୧୯ ନିର୍ବାଚନରେ ଖଲ୍ଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ ଓ କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ୧୯୭୭ ନିର୍ବାଚନରେ ବ୍ରହ୍ମପୁର କ୍ଷେତ୍ରରୁ ରତ୍ନ ମଂଜରୀ ଦେବୀ, ଚିକିଟିରୁ ଉଷା ଦେବୀ ୬ ଥର ବିଧାୟିକା ହୋଇଥିବା ବେଳେ ସୋରଡ଼ାରୁ ଶାନ୍ତି ଦେବୀ ଓ ଉଷାରାଣୀ ପଣ୍ଡା ନିର୍ବାଚିତ ହୋଇଥିଲେ। ପରେ ଆସିକାରୁ ପ୍ରଥମେ ଉଷାରାଣୀ ପଣ୍ଡା ଓ ପରେ ମଂଜୁଳା ସ୍ୱାଇଁ ବିଧାନସଭାକୁ ଯିବାର ସୁଯୋଗ ପାଇଛନ୍ତି। ସାନଖେମୁଣ୍ଡିରୁ ୨୦୧୪ ନିର୍ବାଚନରେ ନିର୍ବାଚିତ ହୋଇଥିଲେ ନନ୍ଦିନୀ ଦେବୀ।

ଅତୀତରେ ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲାରେ ୧୫ ବିଧାନସଭା କ୍ଷେତ୍ର ଥିଲା। ସୀମା ନିର୍ଦ୍ଧାରଣ ଓ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ଗଞ୍ଜାମରେ ୧୨ ରୁ ୧୩ ଆସନ ହୋଇଥିଲା। ଗଜପତିର ୩ କ୍ଷେତ୍ରରୁ ୨କୁ ଖସିଥିଲା। ପୂର୍ବରୁ ମୋହନା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା ଦିଗପହଣ୍ଡି ବ୍ଲକ ଓ ଏନ୍ଏସି। ୨୦୦୯ ନିର୍ବାଚନ ବେଳେ ଦିଗପହଣ୍ଡି ବ୍ଲକ ଓ କୁକୁଡ଼ାଖଣ୍ଡି ବ୍ଲକକୁ ନେଇ ଦିଗପହଣ୍ଡି କ୍ଷେତ୍ର ଗଠନ କରାଯାଇଛି। ୧୯୫୭ ନିର୍ବାଚନରେ ବଡ଼ଖେମୁଣ୍ଡି ତଥା ବର୍ତ୍ତମାନର ଦିଗପହଣ୍ଡି ଆସନରୁ ବଡ଼ଖେମୁଣ୍ଡି ରାଣୀ ଅନଙ୍ଗ ମଞ୍ଜରୀ ବିଧାୟିକା ହୋଇଥିବା ତଥ୍ୟ ରହିଛି। ମହିଳାମାନେ ବିଧାନସଭା ଦେଖି ନ ଥିବା ଜିଲାର ୬ ସେଗମେଣ୍ଟକୁ ବିଭିନ୍ନ ଦଳ ଉପେକ୍ଷା କରିଥିବା ଚର୍ଚ୍ଚା ହେଉଛି।

ଆଞ୍ଚଳିକ ଦଳ ବିଜେଡି ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଉଛି। ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବାକୁ ଅନେକ ଯୋଜନା ନବୀନ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଛି। ଉପରୋକ୍ତ ୬ କ୍ଷେତ୍ରରେ ଅନେକ ମହିଳା ରାଜନୀତିରେ ମଧ୍ୟ ସକ୍ରିୟ ଅଛନ୍ତି। ସେମାନଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ମିଳୁ ନ ଥିବା ନାମ ଗୋପନ ରଖି ମହିଳା ବିଜେଡିର ଜଣେ ଟାଣୁଆ ନେତ୍ରୀ କ୍ଷୋଭର ସହ କହିଛନ୍ତି। ୨୦୨୪ ନିର୍ବାଚନ ଲାଗି ପ୍ରମୁଖ ଦଳଗୁଡ଼ିକ ପ୍ରୟାସ କରୁଛନ୍ତି। ବିଜେଡି ମହିଳାଙ୍କ ସଶକ୍ତୀକରଣ ବିଷୟରେ ଅନେକ ପଦକ୍ଷେପ ନେଉଥିବା କହୁଛି। ଏଭଳି ସ୍ଥଳେ ବିଧାୟିକା ହେବାର ସୁଯୋଗ ମିଳି ନ ଥିବା ଜିଲାର ନିର୍ବାଚନମଣ୍ଡଳୀଗୁଡ଼ିକରେ ଆଗାମୀ ନିର୍ବାଚନରେ ମୁଖ୍ୟତଃ ବିଜେଡି ମହିଳା ପ୍ରାର୍ଥୀ ଦେବ ବୋଲି ସେ ଆଶା ରଖିଥିବା ସମ୍ପୃକ୍ତା ନେତ୍ରୀ କହିଛନ୍ତି। ଏଥିସହିତ ଭାଜପା ଓ କଂଗ୍ରେସ ମହିଳାଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଲେ ମହିଳା ବିଧାୟିକାରହିତ ନିର୍ବାଚନମଣ୍ଡଳୀରେ ସନ୍ତୁଳନତା ବଜାୟ ରଖିହୁଅନ୍ତା ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

## ଆଜି ଉମରକୋଟ ଗସ୍ତରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୩(ସୁନିତ୍ ମିଶ୍ର):** ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟକୁ ଦିନିକିଆ ଗସ୍ତରେ ଆସୁଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ବର୍ଷର ଉପଲବ୍ଧିକୁ ଘରେ ଘରେ ପହଞ୍ଚାଇବା ସହ ମୋଦିଙ୍କ ଯୋଜନାରୁ ବଞ୍ଚିତ ଥିବା ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି।

# ସୁପ୍ତରୁ ସକ୍ରିୟ ହେଲା କଂଗ୍ରେସ



ଦୁର୍ଗା ପାଢ଼ୀ



ଦୁଲାଲ ପ୍ରଧାନ



ଜୟଶଙ୍କର ମିଶ୍ର



ଜିତେନ୍ଦ୍ର ପ୍ରଧାନ



ଅମିତ ଗୁରୁ

ସମ୍ବଲପୁର, ୧୮।୩(ପ୍ରମୋଦ ବହିଦାର)

### ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ

ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ନିଶ୍ଚିତ ହୋଇ ପାରିନାହିଁ। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳରେ ଏକାଧିକ ଟିକେଟ୍ ଆଶାୟୀ । ତେବେ ନିର୍ବାଚନୀ ଇସ୍ତାହାର 'କଂଗ୍ରେସର ଗ୍ୟାରେଣ୍ଟି'କୁ ପାଥେୟ କରି କଂଗ୍ରେସ ନିର୍ବାଚନୀ ବୈତରଣୀ ପାରି ହେବା ଲକ୍ଷ୍ୟରେ ପ୍ରସ୍ତୁତି ଆରମ୍ଭ କରିଛି । ବିଜେଡି-ଭାଜପା ମେଣ୍ଟ ହେଲେ ଫାଇଦାରେ କଂଗ୍ରେସ ରହିବ ବୋଲି ଚାରିଆଡ଼େ ଗୋଟେ ଘୋ ସୃଷ୍ଟି ହେବା ପରେ ଦଳୀୟ ଆଶାୟୀଙ୍କ ସଂଖ୍ୟା ବଢ଼ିଯାଇଛି। ଦୀର୍ଘବର୍ଷ ହେବ ସୁପ୍ତ ଅବସ୍ଥାରେ ଥିବା କଂଗ୍ରେସ ଏବେ ଯେମିତି ସକ୍ରିୟ ହୋଇଉଠିଛି। ହେଲେ ଏକାଧିକ ଟିକେଟ୍ ଆଶାୟୀଙ୍କୁ ନେଇ ଦ୍ୱନ୍ଦ୍ୱରେ ଶୀର୍ଷ ନେତୃତ୍ୱ।

ସମ୍ବଲପୁର ବିଧାନସଭା ଆସନ ପାଇଁ ସମ୍ଭାବ୍ୟ ଆଶାୟୀଙ୍କ ମଧ୍ୟରେ ସାମାଜିକ କର୍ମୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ତ୍ୟାଗ'ର ପ୍ରତିଷ୍ଠାତା ଦୁର୍ଗା ପାଢ଼ୀ, ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଲ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ତଥା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପୁତୁରା ଅମିତ ଗୁରୁ, ବରିଷ୍ଠ କଂଗ୍ରେସ ନେତା ତଥା ଦଳର ଜିଲା ସଭାପତି ଜୟଶଙ୍କର ମିଶ୍ରଙ୍କ ନାମ ତାଲିକାରେ ରହିଛି। ଏମାନଙ୍କ ମଧ୍ୟରେ ଦୁଲାଲ ପ୍ରଧାନ ସମ୍ବଲପୁର ସହ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବା କୁହାଯାଉଛି। ସେ ଜଣେ କ୍ରୀଡ଼ା ସଂଗଠକ ଭାବେ ନିଜର ସମର୍ଥକ ଜୁଟାଇବାରେ ଲାଗିଛନ୍ତି। ସାମାଜିକ କର୍ମୀ ଦୁର୍ଗା ପାଢ଼ୀ ପେସାରେ ଆଇନଜୀବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ତ୍ୟାଗ'ର ପ୍ରତିଷ୍ଠାତା ସଦସ୍ୟ। କୋଭିଡ୍ ସମୟରେ ତାଙ୍କ ନେତୃତ୍ୱରେ ତ୍ୟାଗର ସ୍ୱେଚ୍ଛାସେବୀମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ଭିମ୍‌ସାରରେ ଚିକି ତ୍ସିତ ୫୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଓ ପରିଜନଙ୍କୁ ରନ୍ଧାଖାଦ୍ୟ ବିତରଣ କରି ସବୁ ମହଲରେ ପ୍ରଶଂସିତ ହେବା ସହ ଅନେକ ସମ୍ମାନ ପାଇଛନ୍ତି। ତେଣୁ ସେ ନିଜର ସମର୍ଥକଙ୍କ ସହ ଦଳୀୟ ସଂଗଠନକୁ ସୁଦୃଢ଼ କରିବାରେ ଲାଗିଥିବା ଦେଖିବାକୁ ମିଳୁଛି। ସେ ୧୯୯୫ରୁ କଂଗ୍ରେସ ସହିତ ଯୋଡ଼ି ହୋଇରହିଛନ୍ତି।

ସମ୍ବଲପୁର କଂଗ୍ରେସର ଅନ୍ୟତମ ପରିଚିତ ଚେହେରା ନବନିଯୁକ୍ତ ଜିଲା ସଭାପତି ଜୟଶଙ୍କର ମିଶ୍ର ମଧ୍ୟ ଜଣେ ଆଶାୟୀ । ସେ ଛାତ୍ରଜୀବନରୁ କଂଗ୍ରେସ ସହିତ ଜଡ଼ିତ ହୋଇ ରହିଛନ୍ତି। ଜୟଶଙ୍କର ଅନେକ ରାଜ୍ୟ ଓ କେନ୍ଦ୍ରୀୟ ସ୍ତରୀୟ ନେତୃବର୍ଗଙ୍କ ସହ କାର୍ଯ୍ୟ କରିଛନ୍ତି। ଦୀର୍ଘଦିନରୁ ସମ୍ବଲପୁରରେ କଂଗ୍ରେସ ସଂଗଠନକୁ ବଞ୍ଚାଇ ରଖିବାରେ ତାଙ୍କର ପ୍ରମୁଖ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ସେହିପରି ଜିତେନ୍ଦ୍ର ପ୍ରଧାନ ବର୍ତ୍ତମାନ ରାଜ୍ୟ କଂଗ୍ରେସ ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ରହିଛନ୍ତି। ସେ ତିନିଥର ଜିଲା ଓବିସି ମୋର୍ଚ୍ଚାର ଅଧ୍ୟକ୍ଷ ରହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ସଂଯୋଜକ ଭାବେ ତାଙ୍କ ଦାୟିତ୍ୱକୁ ସୁରାରୁରୂପେ ନିର୍ବାହ କରି ଉଭୟ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱଙ୍କ ପ୍ରିୟଭାଜନ ହୋଇପାରିଥିଲେ। ବର୍ତ୍ତମାନ ନିର୍ବାଚନରେ ଆସନ ସଂରକ୍ଷଣ ପାଇଁ ଓବିସି ମୋର୍ଚ୍ଚା ପକ୍ଷରୁ ଦାବି ଆରମ୍ଭ ହୋଇଛି। ଜିତେନ୍ଦ୍ର ମଧ୍ୟ ଏହି କୋଟାରେ ଟିକେଟ୍ ଆଶାୟୀ ଥିବାବେଳେ ଓବିସି ସମର୍ଥନରେ ନିର୍ବାଚନରେ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି।

ସମ୍ଭାବ୍ୟ ତାଲିକାରେ ଥିବା ଅମିତ ଗୁରୁ କଂଗ୍ରେସର ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପୁତୁରା ଓ ଦଳର ଜଣେ ସକ୍ରିୟ ସଦସ୍ୟ। ବର୍ତ୍ତମାନ ଅମିତ ରାଜ୍ୟ କଂଗ୍ରେସ ସମ୍ପାଦକ ପଦବୀରେ ରହିଛନ୍ତି। ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ସହିତ ଅମିତଙ୍କ ଘନିଷ୍ଠତା ରହିଥିବା ବେଳେ ସେ କଂଗ୍ରେସ ପରିବାରରୁ ଆସିଥିବାରୁ ଦଳର କେତେକ ପକେଟ ଭୋଟ୍ ତାଙ୍କ ସପକ୍ଷରେ ରହିଥିବା ଅନୁମାନ କରାଯାଏ। ତେବେ ଆଗାମୀ ଦିନରେ କଂଗ୍ରେସ କେଉଁ ପ୍ରାର୍ଥୀଙ୍କୁ ଚୟନ କରୁଛି, ତାହା ଦେଖିବାକୁ ବାକି ରହିଲା।

# ବିଜେଡିରେ ଅଧିକ ଆଶାୟୀ

ଗମ୍ଭାରୀମୁଣ୍ଡା, ୧୮।୩ (ଦିଲୀପ ସ୍ୱାଇଁ)

### ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ



ଆଗାମୀ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଯାଇଛି। ଖୋର୍ଦ୍ଧା ଜିଲା ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଶାସକ ଓ ବିରୋଧୀ ଦଳର ଏକାଧିକ ଆଶାୟୀ ପ୍ରାର୍ଥୀ ଦଳର ମୁଖିଆଙ୍କ ପାଖରେ ତାଙ୍କ କଥା କିଭଳି ପହଞ୍ଚିବ, ସେଥିନେଇ କସରତ ଚଳାଇଛନ୍ତି। ବିଜେଡି-ଭାଜପା ମେଣ୍ଟ ହେବା ବିଷୟ ଝୁଲି ରହିଥିବାରୁ ଦଳୀୟ ଆଶାୟୀ ପ୍ରାର୍ଥୀଙ୍କ ଲବି ମଧ୍ୟ ଆଗେଇପାରୁନି। ସେହିଭଳି ସେହି ମେଣ୍ଟ ଖବରକୁ ଅପେକ୍ଷା କରି ଦଳୀୟ ନିଷ୍ପତ୍ତି ନେବାରେ କଂଗ୍ରେସ ଡେରି କରୁଛି ବୋଲି ଶୁଣିବାକୁ ମିଳୁଛି।

ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୦ ଓ ୨୦୦୪ରେ ଭାଜପାର ବିଭୂତି ଭୂଷଣ ହରିଚନ୍ଦନ ବିଜୟୀ ହୋଇଥିଲେ। ରଘୁନାଥ ସାହୁ କଂଗ୍ରେସରୁ ଆସି ବିଜେଡିରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାରୁ ୨୦୦୯ ନିର୍ବାଚନରେ ସେ ବିଧାୟକ ହୋଇ ଭାଜପାର ଜୟଯାତ୍ରାରେ ରୋକ ଲଗାଇଥିଲେ। ହେଲେ ୨୦୧୪ ନିର୍ବାଚନରେ ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ସେ ଭାଜପାର ବିଭୂତି ଭୂଷଣ ହରିଚନ୍ଦନଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୧୯ ନିର୍ବାଚନରେ ଅପ୍ରତ୍ୟାଶିତ ଭାବେ ଆମଦାନୀ ନେତା ପ୍ରଶାନ୍ତ ଜଗଦେବ ବିଜେଡିରୁ ଟିକେଟ ପାଇଥିଲେ। ରଘୁନାଥ ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ନିଜ ଇଚ୍ଛା ନ ଥିଲେ ମଧ୍ୟ ଜଗଦେବଙ୍କୁ ସହଯୋଗ କରି ବିଜୟୀ କରାଇଥିଲେ। ବିଜୟ ହାସଲ ପରେ ଜଗଦେବ ବିଜେଡି ସଙ୍ଗଠନକୁ ସଦୃଢ଼ କରିବା ସହ ତୃଣମୂଳସ୍ତରରୁ କର୍ମୀମାନଙ୍କୁ ଏକାଠି କରି ନବୀନ ସରକାରଙ୍କ ବିକାଶର ଚିତ୍ର ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ ଚଳାଇଥିଲେ। ହେଲେ ବାଲୁଗାଁ ଭାଜପା ନଗରମଣ୍ଡଳ ସଭାପତିଙ୍କୁ ମାଡ଼ ମାରିବା ଘଟଣା ଏବଂ ମାର୍ଚ୍ଚ ୨୦୨୨ ପଞ୍ଚାୟତ ନିର୍ବାଚନରେ ଭାଜପା କର୍ମୀଙ୍କ ଉପରେ ଗାଡ଼ି ମଡ଼େଇ ମାରିବାକୁ ଉଦ୍ୟମ କରିବା ଘଟଣା ସେତେବେଳେ ଅନେକ ଚର୍ଚ୍ଚିତ ବିଷୟ ହୋଇଥିଲା। ସେହି ଘଟଣାରେ ଜଗଦେବ ମାଡ଼ ଖାଇ ଜେଲ ମଧ୍ୟ ଯାଇଥିଲେ। ନିକଟରେ ଜଗଦେବ ଭାଜପାରେ ଯୋଗ ଦେଇଥିବାରୁ ବିଜେଡି ଆଶାୟୀ ତାଲିକାରେ ପୂର୍ବତନ ବିଧାୟକ ରଘୁନାଥ ସାହୁ, ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ମିଡିଆ ସେଲର ମୁଖ୍ୟ ମାନସ ମଙ୍ଗରାଜ, ବାଣପୁର ନଗରପାଳ ମିଟୁ ନାୟକ, ସରପଞ୍ଚ ମନୋଜ ପ୍ରଧାନ ଓ ଗୋପୀନାଥ ମହାରଣା ନିର୍ବାଚନମଣ୍ଡଳୀରେ ସକ୍ରିୟ ରହିଛନ୍ତି। ଏବେ ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀଙ୍କ ନାମ ମଧ୍ୟ ଶୁଣିବାକୁ ମିଳିଲାଣି। ବର୍ତ୍ତମାନ ସମୟରେ ରଘୁନାଥ ଏକଜିଦିଆ ପାଲଟିଯାଇଥିବା ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ ବିଜେଡିରୁ ଯଦି ଟିକେଟ ନ ମିଳେ ସେ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଶୁଣିବାକୁ ମିଳୁଛି। ଅପରପକ୍ଷରେ ଯଦି ରଘୁନାଥଙ୍କୁ ବିଜେଡିରୁ ଟିକେଟ ମିଳେ, ତେବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାଙ୍କ ସହିତ ଆଗଧାଡ଼ିର ଯେଉଁ କର୍ମୀମାନେ ହାତାହାତି ହୋଇଥିଲେ, ସେମାନେ ସମସ୍ତେ ଏକାଠି ହୋଇ ରଘୁନାଥଙ୍କୁ ହଇରାଣରେ ପକାଇ ଦେବେ ବୋଲି ଚର୍ଚ୍ଚା ଚାଲିଛି। ପୁଣି ବିଜେଡି-ଭାଜପା ମେଣ୍ଟ ସଂକ୍ରାନ୍ତ ନିଷ୍ପତ୍ତି ନିଆଯାଇପାରି ନ ଥିବାରୁ କେଉଁ ଦଳ ଭାଗରେ ଏହି ଆସନ ପଡ଼ିବ, ତାହାକୁ ନେଇ ଆଶାୟୀ ଅନାଇ ରହିଛନ୍ତି।

ଭାଜପାର ପୃଥ୍ୱୀରାଜ ହରିଚନ୍ଦନ ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇ ହାରିଥିଲେ। ସେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ କସରତ କରୁଥିବା ବେଳେ ଜଗଦେବଙ୍କ ଭାଜପା ପ୍ରବେଶ ଅଡୁଆ ସ୍ଥିତି ସୃଷ୍ଟି କଲାଣି। ବୁଥସ୍ତରରୁ ଦଳକୁ ସଙ୍ଗଠିତ କରି ଭାଜପାକୁ ପୃଥ୍ୱୀରାଜ ହରିଚନ୍ଦନ ସୁଦୃଢ଼ କରୁଥିଲେ ହେଁ ହରିଚନ୍ଦନ ପରିବାରର ବଂଶବାଦ ରାଜନୀତିକୁ ଭୋଟରମାନେ ଭିନ୍ନ ଦୃଷ୍ଟିରେ ଦେଖୁଥିବା ଆଲୋଚନା ହେଉଛି।

ଚିଲିକା ନିର୍ବାଚନମଣ୍ଡଳୀରେ କଂଗ୍ରେସର କେତେକ ଦାବିଦାର ରହିଥିବା ବେଳେ ୨୦୧୯ରେ ପ୍ରାର୍ଥୀ ହୋଇଥିବା ପ୍ରଦୀପ କୁମାର ସ୍ୱାଇଁ ପୁନଶ୍ଚ ଲଢ଼େଇ କରିବାକୁ ଚେଷ୍ଟା କରୁଛନ୍ତି। ବ୍ଲକ ଓ ପଞ୍ଚାୟତ ସ୍ତରରେ ସେ ସାଙ୍ଗଠନିକ କାର୍ଯ୍ୟ ଚଳାଇଥିବା ଦେଖିବାକୁ ମିଳୁଛି। ଯଦି ବିଜେଡି-ଭାଜପା ମେଣ୍ଟ ହୁଏ, ତେବେ ସେହି ମିଳିତ ପ୍ରାର୍ଥୀଙ୍କ ପ୍ରତି ଅମଙ୍ଗ ଥିବା ଭୋଟର କଂଗ୍ରେସକୁ ପସନ୍ଦ କରିବେ ବୋଲି ସାଧାରଣରେ ମଧ୍ୟ ଚର୍ଚ୍ଚା ହେଲାଣି।

# ମନଇଚ୍ଛା କାର୍ଯ୍ୟ କରୁଛି ଠିକାସଂସ୍ଥା

■ଠାକୁରଗଡ଼- କନ୍ତପଡ଼ା ପୂର୍ତ୍ତ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ
■ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମଇମୁରା ଗ୍ରାମବାସୀ
■ବେଆଇନ ଭାବେ ମୂଲ୍ୟବାନ ଗଛ କଟାଯାଇ ହେଉଛି ଚାଲାଣ



ବଇଣ୍ଡା,୧୮।୩(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରୁ କନ୍ତପଡ଼ା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ନେଇ ଏପରି ଅଭିଯୋଗ ଆଣିଛନ୍ତି ମଇମୁରାବାସୀ। ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବାରୁ ରାସ୍ତା

Note: the first lines of this column read: ରାସ୍ତା ପାଇଁ ୧୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କାମ ମଧ୍ୟ ଚାଲିଛି। ହେଲେ ଏହା ଏତେ ନିମ୍ନମାନର ହେଉଛି ଯେ ଆବଶ୍ୟକ ତଦାରଖ କରା ନ ଗଲେ ଆଗାମୀ ଦିନରେ ଶୋଚନୀୟ ହୋଇପଡ଼ିବ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରୁ କନ୍ତପଡ଼ା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ନେଇ ଏପରି ଅଭିଯୋଗ ଆଣିଛନ୍ତି ମଇମୁରାବାସୀ। ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବାରୁ ରାସ୍ତା ଅତିନିମ୍ନମାନର ହେଉଥିବା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଠାକୁରଗଡରୁ କନ୍ତପଡା ପର୍ଯ୍ୟନ୍ତ ୧୭ କି.ମି, ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଉକ୍ତ ରାସ୍ତାକୁ ସମ୍ପ୍ରସାରଣ ସହ ନୂତନ ଭାବେ ନିର୍ମାଣ କରାଯାଉଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୧୭ କୋଟି ଟଙ୍କା ଅଟକଳ କରାଯାଇଛି। କିଛିମାସ ତଳେ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ କରାଯାଉଛି। ବିଶେଷକରି ଏହି ରାସ୍ତା ପୂର୍ବରୁ ୩ .୭୫ ମିଟର ଥିବା ବର୍ତ୍ତମାନ ୫.୦୫ ମିଟର ରାସ୍ତା ନିର୍ମାଣ କରାଯାଉଛି। ରାସ୍ତାର ଦୁଇପାର୍ଶ୍ୱ ଚଉଡା କରାଯାଉଥିବାବେଳେ ଆବଶ୍ୟକ ମେଣ୍ଟାଲ ପକାଯାଉନାହିଁ। ସେହିପରି ପିଚୁ ହୋଇଥିବା ରାସ୍ତାଗୁଡିକ କମ ଖୋଳାଯାଇ ନୂତନ ପିଚୁ କାମ କରାଯାଉଛି। ଯେଉଁ ପରିମାଣର ପିଚୁ କରାଯିବା କଥା ଠିକାସଂସ୍ଥା ବିଭାଗୀୟ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ଅତି ନିମ୍ନମାନର କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମ କରାଯାଉଥିବା ବେଳେ ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ତଦାରଖ କରୁନାହାନ୍ତି। ଜଙ୍ଗଲ ଅଧୁଷିତ ଅଞ୍ଚଳକୁ ଏହି ରାସ୍ତା ନିର୍ମାଣ କରାଯାଉଥିବା ଯୋଗୁ ଠିକାସଂସ୍ଥା ମନଇଚ୍ଛା କରୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ଶାଗୁଆନ, ଶିଶୁ, ଶାଳ ଭଳି ଅନେକ ଗଛ ଥିବାବେଳେ ଠିକାସଂସ୍ଥା ବନବିଭାଗ ପକ୍ଷରୁ କୌଣସି ଅନୁମତି ନ ଆଣି ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତ କରି ବିଳମ୍ବିତ ରାତିରେ ଗଛ ଗୁଡ଼ିକୁ କାଟି ବାହାରକୁ ଚାଲାଣ କରୁଛି। ଏ ନେଇ ବନ ବିଭାଗକୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ଯେଉଁପରି ରାସ୍ତା ନିର୍ମାଣ ହେଉଛି ବିଭାଗୀୟ ଅଧିକାରୀମାନେ ତଦାରଖ ନ କଲେ ଆଗାମୀ ଦିନରେ ତାହା ଶୋଚୀନୟ ହୋଇଯିବ ବୋଲି ମଇମୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତାକୁ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ କହିଛନ୍ତି, ଦେହ ଅସୁସ୍ଥ ଥିବା ଯୋଗୁ ରାସ୍ତା କାମ ଦେଖିବାକୁ ଯାଇପାରି ନ ଥିଲି। କାମ ଠିକ୍ ଭାବେ ଚାଲିଛି।

# ମୁଖ୍ୟ ଅଭିଯୁକ୍ତ ଖବରଦାତା ଗିରଫ

ଢେଙ୍କାନାଳ,୧୮।୩(ରତନ ନାୟାର)

**୪ ଲକ୍ଷ ୧୦ ହଜାର ଟଙ୍କା ଠକେଇ ମାମଲା**

ଢେଙ୍କାନାଳ ସହର କାଠଗଡ଼ା ଅଞ୍ଚଳରେ ରହୁଥିବା ସୁଶାନ୍ତ କୁମାର ତ୍ରିପାଠୀଙ୍କୁ ସରକାରୀ ଚାକିରି କରାଇ ଦେବାକୁ କହି ୨ ଜଣ ଖବରଦାତା ସୁଶାନ୍ତଙ୍କ ବାପାଙ୍କଠାରୁ ୪ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଥିବା ଗତ ୧ ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ସୁଶାନ୍ତଙ୍କ ବାପା ସୁମନ୍ତ କୁମାର ତ୍ରିପାଠୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୪/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାର ପ୍ରମୁଖ ଅଭିଯୁକ୍ତ ତଥା ଫେରାର ଥିବା ଖବରଦାତା ରସାନନ୍ଦ ନାୟକଙ୍କୁ ସୋମବାର ରାତି ୮ଟାରେ ପୋଲିସ କାମାକ୍ଷାନଗରରୁ ଗିରଫ କରିଛି। ଘଟଣା ପରେ ପୋଲିସ ଭୟରେ ରସାନନ୍ଦ କାମାକ୍ଷାନଗରରେ ଏକ ଭଡା ଘର ନେଇ ରହୁଥିଲେ। କୌଣସି ସୂତ୍ରରୁ ଖବରପାଇ ସୋମବାର ରାତି ୮ଟାରେ ଏସ୍‌ଆଇ ସୌଭାଗ୍ୟ ପାଣି କାମାକ୍ଷାନଗରସ୍ଥିତ ଉକ୍ତ ଭଡା ଘରେ ଚଢାଉ କରିଥିଲେ। ପୋଲିସକୁ ଦେଖି ରସାନନ୍ଦ ଖସି ପଳାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ଢେଙ୍କାନାଳ ସହର କାଠଗଡା ଅଞ୍ଚଳରେ ରହୁଥିବା ଖବରଦାତା ଅମର ରଞ୍ଜନ ଦାଶଙ୍କୁ ପୋଲିସ ଗତ ୨୫ ତାରିଖରେ ଗିରଫ କରିଥିଲା। ଉଭୟେ ବି.ଟେକ୍‌ପାସ କରିଥିବା ସୁଶାନ୍ତଙ୍କୁ ସରକାରୀ ଚାକିରି କରାଇ ଦେବା ପାଇଁ କହି ଠକେଇ କରିଥିଲେ।

# ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୮।୩(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ରବିବାର ଘୋଡାବାନ୍ଧୁଣି ଗ୍ରାମରେ ଚଢ଼ାଉ କରି ଚନ୍ଦ୍ର ପ୍ରଧାନଙ୍କ ଘରୁ ୧୭ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରା ମଦ ବ୍ୟବସାୟ କରୁଥିବା ଖବରପାଇ ଠାକୁରଗଡ଼ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନମ୍ବର ୬୩/୨୪ରେ ଏକ ମାମଲା ରୁଜୁ ହୋଇଛି।

# ତାଳଚେର କଂଗ୍ରେସ ପକ୍ଷରୁ ପିସିସି ନେତୃବୃନ୍ଦଙ୍କୁ କୃତଜ୍ଞତା

ତାଳଚେର,୧୮।୩(ମନୋଜ ନନ୍ଦ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଘୋଷିତ କଂଗ୍ରେସର ଗ୍ୟାରେଣ୍ଟି ଓ ସଂକଳ୍ପପତ୍ରରେ ଓଡ଼ିଶାର ସାଢେ ୪ କୋଟି ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପ୍ରତିଫଳିତ ହୋଇଛି ବୋଲି ବର୍ଣ୍ଣନା କରି ତାଳଚେର ନଗର କଂଗ୍ରେସ ପକ୍ଷରୁ ରାଜ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି। ତାଳଚେର କଂଗ୍ରେସ କମିଟି ସଭାପତି ସତୀଶ ବେହେରା, ଅନୁଗୋଳ ଜିଲା କଂଗ୍ରେସ ସମ୍ପାଦକ ପ୍ରଦୀପ ମହାରଣାଙ୍କ ପକ୍ଷରୁ ରବିବାର ସକାଳେ ଡକାଯାଇଥିବା ଚା' ଆସରରେ ଯୋଗଦେଇ ଦେବୀ ପ୍ରସାଦ ପୃଷ୍ଟି କଂଗ୍ରେସ କର୍ମୀ, ନେତା ଓ ପଦାଧିକାରୀମାନେ କଂଗ୍ରେସ ଗ୍ୟାରେଣ୍ଟି ଓ ସଂକଳ୍ପପତ୍ରକୁ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏ ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରିବା ପାଇଁ ତାଳଚେର ବୁଦ୍ଧିଜୀବୀମାନେ, ଯୁବ ଛାତ୍ରୀଛାତ୍ର ଓ ସ୍ୱାଭିମାନ ଜନତା ସହଯୋଗର ହାତ ବଢାଇବାକୁ ସେ ବିନମ୍ର ନିବେଦନ କରିଥିଲେ। ଏହି ମର୍ମରେ ତାଳଚେର କଂଗ୍ରେସ ପକ୍ଷରୁ ପ୍ରକାଶିତ ପ୍ରାଚିରପତ୍ରକୁ ଜିଲା ସମ୍ପାଦକ ପ୍ରଦୀପ ମହାରଣା ନେତୃବୃନ୍ଦଙ୍କୁ ହସ୍ତାନ୍ତର କରିଥିଲେ। ଉଭୟ ବିଜେଡି ଓ ଭାଜପା ବିକାଶ ବାବଦରେ ମିଛ ପ୍ରଚାର, ନିର୍ବାଚନୀ ବଣ୍ଡ ଜରିଆରେ ହଜାର ହଜାର କୋଟି ଟଙ୍କାର ଚାନ୍ଦା ସଂଗ୍ରହକ କୃଷକ ଓ ଆଦିବାସୀ ବିରୋଧୀ ଏବଂ ଜନବିରୋଧୀ ନୀତି, କାର୍ଯ୍ୟକ୍ରମ ବିରୋଧରେ ପ୍ରଚାରକୁ ଜୋରଦାର କରି ତାଳଚେର ବିଧାନସଭା, ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ। ଏହି ଆସରରେ ଦେବାଶିଷ ଘୋଷ, ଜିଲା ଉପସଭାପତି ହରେକୃଷ୍ଣ ମହାପାତ୍ର, କୃଷକ କଂଗ୍ରେସର ସନ୍ତୋଷ ମହାରଣା, ସେବା ଦଳର ସଞ୍ଜୀବ ନାୟକ, କେଶବ ଭୂତିଆ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା,୧୮।୩(ପରିକ୍ଷିତ ସାହୁ)

କିଶୋରନଗର ପୋଲିସ ପକ୍ଷରୁ ରବିବାର ଘୋଷର ଗ୍ରାମରେ ଗାଡିମୋଟର ଯାଞ୍ଚ କରାଯାଇଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଗୁଜାପଥର ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ୍ ଜବତ କରାଯାଇଛି। ସେ ମଦ୍ୟପାନ କରି କିଶୋରନଗରରୁ ହିମିତିରା ଅଭିମୁଖେ ଆସୁଥିବାବେଳେ ପୋଲିସ ଯାଞ୍ଚ କରି ଗିରଫ କରିଥିଲା। ଏ ନେଇ ନମ୍ବର ୬୫/୨୪ ରେ ଏକ ମାମଲା ରୁଜୁ ହୋଇଛି।

# ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ




ତାଳଚେର,୧୮।୩(ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତି ମଧ୍ୟସମ୍ଭାଗ ଅନ୍ତର୍ଗତ ୧୦ଟି ସଙ୍କୁଳର ସଙ୍କୁଳ ପ୍ରମୁଖ ଓ ସଂଯୋଜକ ଯୋଗ ଦେଇଥିଲେ। ମଧ୍ୟ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବକ୍ଷେତ୍ର ସହ ସମ୍ପାଦକ ହେମନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ବିଦ୍ୱତ ପରିଷଦ ସଂଯୋଜକ ଅଶ୍ୱିନୀ ନାୟକ ଓ ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଗତ ଦିନରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହିତ ଆଗାମୀ ଶିକ୍ଷା ବର୍ଷରେ ବିଭିନ୍ନ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ଉପସଭାପତି ତପନ କୁମାର ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ ପ୍ରଧାନାଚାର୍ଯ୍ୟ ଅନୀଲ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ୫ ବର୍ଷ ଜେଲ

ଚମ୍ପୁଆ,୧୮।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୈରାଜଜ ସରୋଜ ଦାସ ଏକ ସ୍ତ୍ରୀ ହତ୍ୟା ମାମଲା ବିଚାର କରି ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ ମାସ କାରାଦଣ୍ଡ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ଚମ୍ପୁଆ ଉପଖଣ୍ଡ ଯୋଡ଼ା ଥାନା ଅନ୍ତର୍ଗତ ହନୁମାନ ମନ୍ଦିର ଛକଠାରେ ଝାଡ଼ଖଣ୍ଡ ରାଜ୍ୟର କମଲେଶ ଯାଦବ ସ୍ତ୍ରୀଙ୍କ ସହ ରହୁଥିଲେ। ୨୭ ସେପ୍ଟେମ୍ବର ୨୦୨୦ରେ କୌଣସି କାରଣରୁ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କମଲେଶ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଶାନ୍ତି ରୁଣ୍ଡାଙ୍କୁ ଫୁଙ୍କନଳୀରେ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ଶାନ୍ତିଙ୍କ ମୃତ୍ୟୁ ଘଟିଥିଲା। ଶାନ୍ତିଙ୍କ ଭାଇ ସୁଶିଲ ରୁଣ୍ଡା ଯୋଡା ଥାନାରେ ଅଭିଯୋଗ କରିଥିଲେ। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଜଜ ଉକ୍ତ ରାୟ ଶୁଣାଇଥିବା ସରକାରୀ ଆଇନଜୀବୀ ମଧୁସୂଦନ ପତି ସୂଚନା ଦେଇଛନ୍ତି।

# ଖବରଦାତାଙ୍କ ବାଇକ୍ ଚୋରି

**ଯୋଡ଼ା,୧୮।୩(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ସହରର ଏନ୍‌ଏସି ଗେଟ ଛକ ନିକଟରେ ଥିବା ପୌରପାଳିକାର ରୁଙ୍ଗଟା ସ୍ପୋର୍ଟସ କମ୍ପ୍ଲେକ୍ସ ନିକଟରୁ ଖବରଦାତାଙ୍କ ବାଇକ ଚୋରି ହୋଇ ଯାଇଛି। ଖବରଦାତା ବେଣୁଧର ବେହେରା କମ୍ପ୍ଲେକ୍ସ ବାହାରେ ତାଙ୍କ ସବୁଜ ରଙ୍ଗର ବାଇକ (ନଂ. ଓଡି ୦୯ ଏମ ୫୩୫୧) ରଖି କ୍ରିକେଟ ଖେଳ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ମିନିଟ ସମୟରେ ବାହାରକୁ ଆସିବା ପରେ ବାଇକ ନ ଥିବା ଦେଖି ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୩୪/୨୪) ରୁଜୁ କରି ତଦନ୍ତ କରୁଛି।

# ପରମ୍ପରା ବଞ୍ଚାଇବା ଉପରେ ଅଧିକ ଯତ୍ନବାନ ହୁଅ




ବଇଣ୍ଡା,୧୮।୩(ପରିକ୍ଷିତ ସାହୁ)

ପରମ୍ପରା ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସଂକୀର୍ତ୍ତନ ବଞ୍ଚି ରହିବା ଆବଶ୍ୟକ। ରବିବାର ଆଠମଲ୍ଲିକ ବ୍ଲକ କନ୍ତପଡା ପରିସରରେ ଅନୁଷ୍ଠିତ ପତିପାବନ ଆଞ୍ଚଳିକ ଓଡ଼ଶୀ ସଂକୀର୍ତ୍ତନ ମଣ୍ଡଳୀର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଅଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ, ମୁଖ୍ୟବକ୍ତା ଭାବେ ଓଡଶୀ ସଂକୀର୍ତ୍ତନ ମଣ୍ଡଳୀର ଅନୁଗୋଳ ଜିଲା ସଂଯୋଜକ ରଞ୍ଜନ ବିଷୋଇ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ମୁକୁନ୍ଦ ସାହୁ, କୋଷାଧ୍ୟକ୍ଷ ମହେଶ୍ୱର ସାହୁ, କିଶୋରୀ ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ସଂକୀର୍ତ୍ତନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ହମ୍ପ୍‌ସରେ ବାଇକ୍‌ରୁ ଖସି ମହିଳା ମୃତ

ଚମ୍ପୁଆ,୧୮।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଜାତୀୟ ରାଜପଥରେ ହମ୍ପ୍‌ସ ନିର୍ମାଣ ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟିବାରେ ଲାଗିଛି। ଲୋକେ ହମ୍ପ୍‌ସରେ ପଡି ଲହୁ ଲୁହାଣ ହେଉଥିବା ବେଳେ ସୋମବାର ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ଥିବା ହମ୍ପ୍‌ସରେ ବାଇକରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାରିଆ ଥାନା ବାରାହପଶିର ମେଘନାଦ ମହାନ୍ତଙ୍କ ସହ ତାଙ୍କ ମା' ଚାଇନା ବାଇକରେ ଚମ୍ପୁଆ ବଜାରକୁ ଆସୁଥିଲେ। ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖ ହମ୍ପ୍‌ସରେ ଭାରସ୍ୟାମ ହରାଇ ଚାଇନା ବାଇକରୁ ଛିଟିକି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମ୍ପୁଆ ପୋଲିସ ମାମଲା(ନଂ.୧୧୯/୨୪) ରୁଜୁ କରି ତଦନ୍ତ ଚଲାଇଛି।

# ୪ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ପାଟଣା,୧୮।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜରୁ ରବିବାର ରାତିରେ ଗୋଠଛଡ଼ା ଦନ୍ତା ପାଟଣା ରେଞ୍ଜରେ ପ୍ରବେଶ କରି ପାଟଣା ସେକ୍ସନ ଓ ସାହାରପଡ଼ା ସେକ୍ସନରେ ୪ ଜଣଙ୍କ ଘର ଭଙ୍ଗିଦେଇଛି। ଗୋବାରା ବେଢ଼ା ଜଙ୍ଗଲରେ ପ୍ରବେଶ କରି ଲେଖେନା ଗ୍ରାମର ରାଜ କିଶୋର ମୁଣ୍ଡାଙ୍କ ଖପର ଘର ଭାଙ୍ଗି ଦେଇଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି। ପରେ ଭାଲିଆଡାଳ ଗ୍ରାମର ଦେବେନ୍ଦ୍ର ଦଳ ଦର୍ଶିଆଙ୍କ ଆଜବେଷ୍ଟ ଘର, ବାଞ୍ଛା ଦଳଦର୍ଶିଆଙ୍କ ଟାଇଲ ଘର ଓ ଜର୍ମାନ ଦଳଦର୍ଶିଆଙ୍କ ଘର ଭାଙ୍ଗି ଦେଇଛି। ସାହାରପଡ଼ା ସେକ୍ସନ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା ସାହାରପଡ଼ା ବନ ପାଳ ଭୂପତି ସେଠୀ କହିଛନ୍ତି।

# ବଡବିଲ ୟୁକୋ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

■ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସର ତଦନ୍ତ
■ଗ୍ୟାସ୍ ପାଇପ୍, ଲୁହା କରତ ଓ ସ୍କ୍ରୁ-ଡ୍ରାଇଭର ଜବତ

ବଡ଼ବିଲ,୧୮।୩(ଦେବପ୍ରିୟ ରଣା)


ୟୁକୋ ବ୍ୟାଙ୍କ ବଡବିଲ ଶାଖାର ଭୋଲ୍ଟ (ଷ୍ଟ୍ରଙ୍ଗ ରୁମ) ଓ ସମ୍ମୁଖରେ ପଡିଥିବା ଗ୍ୟାସ ପାଇପ।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ସବ୍‌ଡିଭିଜନ୍ ଅଫିସରଙ୍କ କାର୍ଯ୍ୟାଳୟରୁ ମାତ୍ର ୧ଶହ ମିଟର ଦୂର ଏଲଆଇସି ବିଲ୍ଡିଂର ତଳ ମହଲାରେ ଥିବା ୟୁକୋ ବ୍ୟାଙ୍କ ବଡ଼ବିଲ ଶାଖାରୁ ଲୁଟ ଉଦ୍ୟମ ହୋଇଛି। ଦୁର୍ବୃତ୍ତ ଷ୍ଟ୍ରଙ୍ଗ ରୁମ୍ କାଟିବାରେ ବିଫଳ ହେବାରୁ ଛାଡ଼ି ଚାଲିଯାଇଥିବା ଜଣାପଡ଼ିଛି। ପୋଲିସ ସାଇଣ୍ଟିଫିକ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସବୁଦିନ ଭଳି ଶନିବାର ଅପରାହ୍ଣରେ ବ୍ୟାଙ୍କ ବନ୍ଦ କରି ସୋମବାର ସକାଳେ ୟୁକୋ ବ୍ୟାଙ୍କ, ବଡବିଲ ଶାଖା ଖୋଲିଥିଲା। ବ୍ୟାଙ୍କ ଖୋଲିବା ପରେ ବ୍ୟାଙ୍କର ସମସ୍ତ ଜିନିଷପତ୍ର ଇତସ୍ତତ ହୋଇପଡ଼ିଥିବା କର୍ମଚାରୀ ଦେଖିଥିଲେ। ପରେ ଲୁଟ ଉଦ୍ୟମ ହୋଇଥିବା ଜଣାପଡିଥିଲା। ତୁରନ୍ତ ଏ ନେଇ ବଡବିଲ ପୋଲିସକୁ ବ୍ୟାଙ୍କର ଶାଖା ପରିଚାଳକ ସନ୍ଦିପ ଶୁଭଙ୍କର ଜେନା ଅବଗତ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ବ୍ୟାଙ୍କର ଭୋଲ୍ଟ (ଷ୍ଟ୍ରଙ୍ଗ ରୁମ୍) ସମ୍ମୁଖରେ ଗ୍ୟାସ ସାହାଯ୍ୟରେ ଲୁହା କାଟିବା ନିମନ୍ତେ ବ୍ୟବହାର କରାଯାଉଥିବା ପାଇପ, ଏକ ଲୁହା କରତ ଓ ଏକ ସ୍କ୍ରୁ-ଡ୍ରାଇଭରକୁ ଜବତ କରିଥିଲା। କେନ୍ଦୁଝର ଜିଲା ମୁଖ୍ୟାଳୟସ୍ଥିତ ସାଇଣ୍ଟିଫିକ ଟିମ ତଦନ୍ତରେ ପୋଲିସର ସହାୟତା କରୁଛି। ତେବେ ବ୍ୟାଙ୍କର ଶାଖା ପରିଚାଳକ ସନ୍ଦିପଙ୍କ କହିବା ଅନୁଯାୟୀ, ସିସି କ୍ୟାମେରା ଗୁଡ଼ିକର ତାର ବିଚ୍ଛିନ୍ନ ସମୟକୁ ଆଧାର କରି ଗତ ଶନିବାର ରାତି ୧୨ ଟାରୁ ଗୋଟାଏ ମଧ୍ୟରେ ଲୁଟ ଉଦ୍ୟମ ହୋଇଥିବା ଜଣାପଡିଛି। ଦୁର୍ବୃତ୍ତ ବ୍ୟାଙ୍କ ପଛପାଖରେ ଥିବା ଝରକା କାଚ ଭାଙ୍ଗିବା ସହ ଗ୍ରିଲ କାଟି ଭିତରେ ପ୍ରବେଶ କରିଥିଲେ। ପ୍ରଥମେ ସିସି କ୍ୟାମେରା ସଂଯୋଗ ତାର ଓ ଆଲାର୍ମ ସିଷ୍ଟମକୁ କାଟି ବିଚ୍ଛିନ୍ନ କରିଦେଇଥିଲେ। ଗ୍ୟାସ କଟର ସାହାଯ୍ୟତାରେ ଷ୍ଟ୍ରଙ୍ଗ ରୁମ କାଟିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ପାଇପ୍, ଏକ ଲୁହା କଟା କରତ, ଏକ ବଡ ସ୍କ୍ରୁ-ଡ୍ରାଇଭର ଛାଡିଯାଇ ପଳାୟନ କରିଥିବା ଜଣାପଡ଼ିଛି। ସୂଚନା ଥାଉକି ୨୦୧୯ରେ ମଧ୍ୟ ଉକ୍ତ ବ୍ୟାଙ୍କରୁ ଅନୁରୂପ ଭାବେ ଲୁଟ ଉଦ୍ୟମ ହୋଇଥିଲା।

# ବିଏଡ କଲେଜରେ ଜାତୀୟ ଆଲୋଚନାଚକ୍ର

ଅନୁଗୋଳ,୧୮।୩(ଅମିତ କୁମାର ସାମଲ)




ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅନୁଗୋଳରେ ୨ ଦିନ ଧରି ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସାମ୍ପ୍ରତିକ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାଶାସ୍ତ୍ର ଓ ଗୁଣାତ୍ମକ ସମ୍ଭାବନା' ପ୍ରସଙ୍ଗରେ ଆୟୋଜିତ ହୋଇଥିବା ଏହି ଜାତୀୟ ଆଲୋଚନାଚକ୍ରରେ ଭାରତର ବିଭିନ୍ନ ରାଜ୍ୟରୁ ଉପସ୍ଥାପକ, ଗବେଷକ ଓ ପ୍ରାଧ୍ୟାପକ ଯୋଗଦାନ କରିଥିଲେ। ୧୫ ତାରିଖ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁ ଘାସି ଦାସ, କେନ୍ଦ୍ରୀୟ ବିଶ୍ୱ ବିଶ୍ୱବିଦ୍ୟାଳୟ ଛତିଶଗଡ଼ର ପ୍ରାଧ୍ୟାପକ ଡ. ସମିତ କୁମାର ପାଢୀ ଯୋଗଦାନ କରିଥିବା ବେଳେ ପ୍ୟାନେଲିଷ୍ଟ ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ମଧ୍ୟପ୍ରଦେଶର ପ୍ରାଧ୍ୟାପକ ଡ. ଆର. ହରିହରନ ଓ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ପ୍ରଫେସର ରାଜଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ।

ସେହିପରି ଦ୍ୱିତୀୟ ଦିବସରେ ପ୍ରମୁଖ ପାଟ୍ରନ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିପ୍ରଫେସର ସବିତା ଆଚାର୍ଯ୍ୟ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡାଙ୍କ ସହିତ ପ୍ୟାନେଲିଷ୍ଟ ଭାବରେ ପ୍ରଫେସର ସୁରେଶ କୁମାର ତ୍ରିପାଠୀ, ପ୍ରଫେସର ଗୋରେମ୍ମା ଆଇ.ପି. ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପାଟ୍ରନ ଭାବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ସହିତ ସେମିନାର କମିଟି ଆବାହକ ଡ. ଅଜୟ କୁମାର ସ୍ୱାଇଁ ଓ ଯୁଗ୍ମ ଆବାହକ ସବ୍ୟସାଚୀ ଦାସ ଯୋଗ ଦେଇଥିଲେ। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ରାଜ୍ୟ ତଥା ଜାତୀୟସ୍ତରର ସର୍ବମୋଟ ୪୭ଟି ପେପର ଉପସ୍ଥାପିତ ହୋଇଥିଲା। ସହକାରୀ ପ୍ରଫେସର ବନମାଳୀ ବାଗ ଓ ଜୟନ୍ତୀ ପ୍ରଧାନ ବୈଷୟିକ ଓ ପ୍ରଯୁକ୍ତି ସହାୟତା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପ୍ରଫେସର ପ୍ରତ୍ୟୁଷ ରଞ୍ଜନ ସାହୁ ଓ ଡ. ପ୍ରତିଭା ମଞ୍ଜରୀ ଦାସଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା/ପ୍ରାଧ୍ୟାପକ ଆୟୋଜକ ମଣ୍ଡଳୀ ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗବେଷକଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# କୁଣ୍ଡରୁ ଦୂରାନ୍ତୁ ପିମ୍ପୁଡ଼ି ...

କୁଣ୍ଡରେ ବିଭିନ୍ନ ଫୁଲ, ଫଳ, ପରିବା ଆଦି ଗଛ ଲଗାଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଖରାଦିନେ କୁଣ୍ଡ ଭିତରେ ପିମ୍ପୁଡ଼ି ବସା ବାନ୍ଧିବା ଯୋଗୁ ଗଛ ଝାଉଁଳିପଡ଼ିବା କିମ୍ବା କେବେ କେବେ ମରିଯାଉଥିବା ଦେଖିବାକୁ ମିଳେ। ଯଦି ଆପଣ ବି ଏଥିପାଇଁ ଚିନ୍ତିତ ତେବେ ଜାଣିରଖନ୍ତୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ...



- ଏକ ବଡ଼ ଟବ୍‌ରେ ୪-୫ ଲିଟର ପାଣି ନେଇ ସେଥିରେ ୧ କପ୍ ଡିସ୍ ୱାଶ ପାଉଡର ମିଶାନ୍ତୁ। ପିମ୍ପୁଡ଼ି ହେଉଥିବା କୁଣ୍ଡକୁ ଏହି ଟବ୍ ଭିତରେ କିଛି ସମୟ ରଖନ୍ତୁ, ଦେଖିବେ ପିମ୍ପୁଡ଼ି ମରିଯିବେ।
- କଫିର ଷ୍ଟ୍ରଙ୍ଗ୍ ଫ୍ଲେଭର ପିମ୍ପୁଡ଼ିଙ୍କୁ ଭଲ ଲାଗି ନ ଥାଏ। ତେଣୁ କୁଣ୍ଡ ଭିତରେ କିଛି କଫି ପାଉଡର ପକାନ୍ତୁ। ଏହାଦ୍ୱାରା ନା କେବଳ ପିମ୍ପୁଡ଼ି ଚାଲିଯିବେ ବରଂ ଗଛକୁ କିଛି ପୋଷକତତ୍ତ୍ୱ ମଧ୍ୟ ମିଳିଯିବ।
- ପାଣିରେ ନିମ୍ବତେଲ ବା ନିମ୍ ଅଏଲ ମିଶାଇ ଗଛମୂଳରେ ଏବଂ ପତ୍ରରେ ସ୍ପ୍ରେ କରନ୍ତୁ। ଏହାଦ୍ୱାରା ପିମ୍ପୁଡ଼ି ଚାଲିଯିବେ।
- ପିମ୍ପୁଡ଼ି ଦୂରକରିବା ଲାଗି ଲେମ୍ବୁରସ ମଧ୍ୟ ବ୍ୟବହାର କଲେ ଉପକୃତ ହୋଇପାରିବେ। ପାଣିରେ ସମାନ ପରିମାଣର ଲେମ୍ବୁରସ ମିଶାଇ ଏହାକୁ ସ୍ପ୍ରେ ବଟଲରେ ଭର୍ତ୍ତି କରନ୍ତୁ। ଏହାକୁ ପିମ୍ପୁଡ଼ି ଲାଗିଥିବା କୁଣ୍ଡରେ ଭଲ ଭାବେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲିଯିବେ।
- କୁଣ୍ଡ ଚାରିପଟେ ଲଙ୍କାଗୁଣ୍ଡ, ପିପରମିଣ୍ଟ, ଡାଲଚିନି ଗୁଣ୍ଡ, ବେକିଂ ସୋଡ଼ା ଆଦି ପକାଇଲେ ବି ଉପକୃତ ହୋଇପାରିବେ।
- ପାଣିରେ ତେଲ ଏବଂ ଡିଟରଜେଣ୍ଟ ମିଶାଇ କୁଣ୍ଡ ଚାରିକଡ଼େ ସ୍ପ୍ରେ କଲେ ବି ପିମ୍ପୁଡ଼ି ଦୂରହେବେ।
- ଅତି ଆବଶ୍ୟକସ୍ଥଳେ ଡାୟାଟୋମାସିଅସ୍ ଆର୍ଥ ଭଳି ଜୈବିକ କୀଟନାଶକ ବ୍ୟବହାର କରନ୍ତୁ। ମନେରଖନ୍ତୁ ଶୁଖିଲା ମାଟିରେ ଏହାକୁ ବ୍ୟବହାର କରନ୍ତୁ। କାରଣ ମାଟି ଓଦା ଥିବା ବେଳେ ଏହା ଭଲ କାମ କରି ନ ଥାଏ।
- କୁଣ୍ଡ ବାହାରେ ଗାମାକ୍ସିନ୍ ପାଉଡର ପକାଇଲେ ବି ପିମ୍ପୁଡ଼ି ଆସିବେ ନାହିଁ।

# ଡାଇବେଟିସ୍ କମାଇବ ଜୁସ୍

ଡାଇବେଟିସ୍ ସମସ୍ୟା ଥରେ ଦେଖାଦେଲେ ପ୍ରତିଦିନ ମେଡିସିନ ଖାଇବାକୁ ପଡ଼ିଥାଏ। ହେଲେ କେତେକ ଜୁସ୍‌କୁ ଖାଦ୍ୟ ତାଲିକାରେ ସାମିଲକଲେ ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖାଯାଇପାରିବ...




**କଲରା ଜୁସ୍:** କଲରା ଜୁସ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟକରେ। କଲରାରେ ଥିବା ପଲିପେପ୍ଟାଇଡ୍-ପି ବା ପି-ଇନ୍‌ସୁଲିନ୍ ନାମକ ଏକ ଇନ୍‌ସୁଲିନ୍ ଜାତୀୟ ଉପାଦାନ ଡାଇବେଟିସ୍ ସମସ୍ୟା କମାଇଥାଏ।

**ଅଁଳା ଜୁସ୍:** ଅନେକ ଔଷଧୀୟ ଗୁଣରେ ଭରପୂର ଅଁଳା ଡାଇବେଟିସ୍ କମ୍ କରିବାରେ ମଧ୍ୟ ବେଶ୍ ଉପଯୋଗୀ। ଏଥିରେ ଫାଇବର ମାତ୍ରା ଅଧିକ ଥିବାରୁ ହଜମକ୍ରିୟା ଧୀର କରି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ। ଏଥିରେ ଥିବା କ୍ରୋମିଅମ୍ ମିନେରାଲ୍ କାର୍ବୋହାଇଡ୍ରେଟ୍ ମେଟାବୋଲିଜମ୍ ସହ ଇନ୍‌ସୁଲିନ୍ କ୍ଷରଣ ଠିକ୍ ଭାବରେ କରିବାରେ ସାହାଯ୍ୟକରେ, ଯାହାଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ।

**ପାଳଙ୍ଗ ଜୁସ୍:** ପାଳଙ୍ଗରେ ରହିଛି ଭରପୂର ମାତ୍ରାରେ ଫୋଲେଟ୍, ଡାଏଟାରି ଫାଇବର, ଭିଟାମିନ୍-ଏ, ବି, ସି, ଇ, କେ। ଡାଏଟାରି ଫାଇବର ହଜମକ୍ରିୟାକୁ ଧୀର କରେ ; ଯାହା କି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ ଏବଂ ଡାଇବେଟିସ୍ ସମସ୍ୟା ଦୂର କରିବାରେ ସାହାଯ୍ୟକରେ।

# ରିଲ୍ସ: କାହା ପାଇଁ କେମିତି

ବର୍ତ୍ତମାନ ସୋସିଆଲ ମିଡିଆ ଖୋଲିବା ମାତ୍ରେ ଯାହା ସବୁଠୁ ଅଧିକ ଦେଖିବାକୁ ମିଳୁଛି ତାହା ହେଲା ରିଲ୍ସ। ଯାହାର ନିଶା ଏବେ ସର୍ବାଧିକ ଘାରିଛି ମହିଳାଙ୍କୁ। ଏହା କାହାକୁ ନିଜ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ସୁଯୋଗ ଦେଉଛି ତ କାହା ପାଇଁ ପାଲଟିଛି ରୋଜଗାର କରିବାର ମାଧ୍ୟମ, ଆଉ ପୁଣି କାହାକୁ ଦେଉଛି ମନୋରଞ୍ଜନର ଭରପୂର ଖୋରାକ। ତେବେ ଅପରପକ୍ଷେ ଏହା କାହା ପାଇଁ ବିରକ୍ତିର କାରଣ ସାଜୁଥିବା ବେଳେ ଆଉ କାହା ପାଇଁ ଡାକି ଆଣୁଛି ବିପଦ...



ବର୍ତ୍ତମାନ ସଭିଙ୍କ ହାତରେ ସ୍ମାର୍ଟ ଫୋନ୍। ଯାହାର ବ୍ୟବହାର କେବଳ କଥାବାର୍ତ୍ତାରେ ସୀମିତ ନାହିଁ ବରଂ ଏହା ପାଲଟିଛି ମନୋରଞ୍ଜନର ସବୁଠୁ ବଡ଼ ମାଧ୍ୟମ। ବିଶେଷକରି ସୋସିଆଲ ସାଇଟ୍‌ରେ ଟ୍ରେଣ୍ଡ କରୁଥିବା ଶର୍ଟ ଭିଡିଓ ଅବା ରିଲ୍ସ ଏବେ ସଭିଙ୍କୁ ଯୋଗାଉଛି ମନୋରଞ୍ଜନର ଭରପୂର ଖୋରାକ। ଏଭଳି ଭିଡିଓ କରିବାର ନିଶା ଏବେ ସଭିଙ୍କୁ ବିଶେଷ କରି ସହରଠୁ ଗାଁ, ସେଲିବ୍ରେଟିଙ୍କଠୁ ଆରମ୍ଭକରି କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ପର୍ଯ୍ୟନ୍ତ ଅଧିକାଂଶ ମହିଳାଙ୍କୁ ଘାରିଛି। ବଛା ବଛା ଫିଲ୍ମ ଡାଇଲଗ୍, ସଙ୍ଗ୍ ହେଉ ଅବା କମେଡିରେ ନିଜର ରିଲ୍ସ ପ୍ରସ୍ତୁତ କରି ଅଧିକରୁ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବାକୁ ନେଇ ଚାଲିଛି ଯେମିତି କମ୍ପିଟିଶନ୍। କେବଳ ଏତିକି ନୁହେଁ, ଅଧିକ ଫଲୋଅର୍ସ, ସବ୍‌ସ୍କ୍ରାଇବର୍ସ ଥିବା ୟୁଜରମାନେ ବିଭିନ୍ନ ବ୍ରାଣ୍ଡ ପ୍ରମୋଶନ କରି ବେଶ୍ ଭଲ ରୋଜଗାର କରିବାର ବି ସୁଯୋଗ ପାଉଛନ୍ତି। ତେବେ ଏହା କାହା ଲାଗି ନିଜ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ ପାଲଟିଛି ତ କାହାକୁ ଯୋଗାଉଛି ଭରପୂର ମନୋରଞ୍ଜନର ଖୋରାକ। ପୁଣି ଅପରପକ୍ଷେ ଏହା କାହାର ସମୟ ନଷ୍ଟ କରୁଥିବା ବେଳେ ଆଉ କାହା ଲାଗି ସାଜୁଛି ଘାତକ। ଜାଣିବା ଏହି ରିଲ୍ସ କାହା ପାଇଁ କେମିତି...

### ଠିକ୍ ଭାବେ ବ୍ୟବହାରକଲେ ଲାଭ ଅନେକ:

**ଅର୍ପିତା କର**(ଅଭିନେତ୍ରୀ)- ଓଡ଼ିଆ ଇଣ୍ଡଷ୍ଟ୍ରିରେ ପୂର୍ବରୁ କାର୍ଯ୍ୟ କରୁଥିବାରୁ ଇଣ୍ଟରନେଟ୍‌ରେ ବି ଦର୍ଶକଙ୍କ ଢେର ଭଲପାଇବା ମିଳୁଛି। ଭିଡିଓ ମାଧ୍ୟମରେ ସବୁବେଳେ ସେମାନଙ୍କୁ ଭଲ ଭଲ କଣ୍ଟେଣ୍ଟ ଦେବାକୁ ଚେଷ୍ଟା କରୁଛି। କୌଣସି ମେସେଜ୍ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଶର୍ଟ ଭିଡିଓ ବା ରିଲ୍ସ ଏବେ ବେଶ୍ ସାହାଯ୍ୟ କରୁଛି। ତେଣୁ ଅନେକ ବ୍ରାଣ୍ଡ୍ ତାଙ୍କ ପ୍ରମୋଶନ ପାଇଁ ସ୍ପନ୍ସରଶିପ୍ ଦେଉଥିବାରୁ ଭଲ ରୋଜଗାର ବି ହୋଇପାରୁଛି। ଏହି କଥା କହିବାର ଅର୍ଥ ହେଉଛି, କେବଳ ଆମ ଭଳି ସେଲିବ୍ରିଟି ନୁହନ୍ତି, ବର୍ତ୍ତମାନ ଅଭିନୟ ପ୍ରତି ରୁଚି ରଖୁଥିବା ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଏକ ଭଲ ମାଧ୍ୟମ ପାଲଟିଛି ରିଲ୍ସ। ଫଳରେ ଯେକେହି ବିଭିନ୍ନ କଣ୍ଟେଣ୍ଟକୁ ନେଇ ରିଲ୍ସ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରୁଛନ୍ତି। ହେଲେ କେହି କେହି ଖୁବ୍ ଭଲ ଭିଡିଓ ପ୍ରସ୍ତୁତ କରି ଲୋକପ୍ରିୟତା ସାଉଁଟୁଛନ୍ତି ତ ଆଉ ଅନେକେ ରାତାରାତି ପପୁଲାର ହେବା କିମ୍ବା ରୋଜଗାର ନିଶାରେ ଏଣୁତେଣୁ ମୂଲ୍ୟହୀନ ତଥା ଅଶ୍ଳୀଳ ଭିଡିଓ ପ୍ରସ୍ତୁତକରି ସମାଲୋଚନାର ପାତ୍ର ହେଉଛନ୍ତି। ତେଣୁ ଏପରି ନ କରି ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବା ଭଳି ଭଲ କଣ୍ଟେଣ୍ଟ ପ୍ରସ୍ତୁତ କରିବା ଦରକାର। କାରଣ ଠିକ୍ ଭାବେ ଏହାର ସଦୁପଯୋଗ କଲେ ହିଁ ଦୀର୍ଘଦିନ ପର୍ଯ୍ୟନ୍ତ ଏଥିରୁ ଅନେକ ଲାଭ ପାଇପାରିବେ।





### ଶାଳୀନତା ରକ୍ଷା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ:

**ତପସ୍ୱିନୀ ମହାନ୍ତି(ଓଡ଼ିଶୀ ନୃତ୍ୟାଙ୍ଗନା, ପୁରୀ)-** ପିଲାବେଳୁ ଓଡ଼ିଶୀନୃତ୍ୟ କରିବା ସହ ଅନ୍ନପୂର୍ଣ୍ଣା ଥିଏଟରରେ ମଞ୍ଚ ନାଟକ ମଧ୍ୟ କରିଆସୁଛି। ଅନେକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣକରି ପୁରସ୍କୃତ ହୋଇଛି। ମୋର ନୃତ୍ୟ କିମ୍ବା ଅଭିନୟ କେବଳ ଉପସ୍ଥିତ ଦର୍ଶକ ଦେଖିପାରୁଥିଲେ। ହେଲେ ବର୍ତ୍ତମାନ ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଆଦିରେ ରିଲ୍ସ ମାଧ୍ୟମରେ ଅଧିକରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିବାର ସୁଯୋଗ ପାଉଛି ଏବଂ ସେମାନଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାର ପ୍ରେରଣା ଦେଉଛି। ପୁରୀ ମାଟିର ଝିଅ ହୋଇଥିବାରୁ ଆମ ସଂସ୍କୃତି ଓ ପରମ୍ପରାକୁ ତଳେ ପକାଇବା ଭଳି କୌଣସି ବି ଭିଡିଓ କରେନାହିଁ କିମ୍ବା କୌଣସି ପ୍ରକାର ଅଶ୍ଳୀଳତାକୁ ଆଦୌ ପ୍ରୋତ୍ସାହନ ଦିଏ ନାହିଁ। ଜଣେ କଳାପ୍ରେମୀ ଭାବେ ମୋ ରିଲ୍ସରେ କଳାକୁ ସମ୍ମାନ କରେ। ମୋ ମତରେ, ଅଭିନୟ ପ୍ରତି ରୁଚି ରଖୁଥିବା ଏବଂ କେବେ ସୁବିଧା ସୁଯୋଗର ଅଭାବ ତ ଆଉ କେବେ ସମୟ ଏବଂ ପରିସ୍ଥିତି ଯୋଗୁ ନିଜ କଳାକୁ ଲୋକଲୋଚନକୁ ଆଣିବାର ମଉକା ପାଉ ନ ଥିବା ମହିଳାଙ୍କ ପାଇଁ ନିଜ ଇଚ୍ଛାକୁ ପୂରଣ କରିବାର ବେଷ୍ଟ ମାଧ୍ୟମ ପାଲଟିଛି ରିଲ୍ସ। ଯାହାଦ୍ୱାରା ବିନା କାହାରି ସାହାଯ୍ୟରେ ନିଜ ଫୋନ୍‌ରେ ଘରେ ଥାଇ ମଧ୍ୟ ଅନେକେ ବିଭିନ୍ନ ରିଲ୍ସ ପ୍ରସ୍ତୁତ କରି ଲୋକପ୍ରିୟ ହୋଇପାରୁଛନ୍ତି। ତେଣୁ ଏଥିରେ ଅଧିକ ଲାଇକ୍ କମେଣ୍ଟ ପାଇବା ଆଶାରେ କୌଣସି ଅଶ୍ଳୀଳ କିମ୍ବା ସମ୍ବେଦନଶୀଳ ରିଲ୍ସ କରିବା ଠିକ୍ ନୁହେଁ। ଯେହେତୁ ସୋସିଆଲ ମିଡିଆ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକ ବ୍ୟବହାର କରୁଛନ୍ତି, ତେଣୁ ରିଲ୍ସ ପ୍ରସ୍ତୁତକାରୀ ଶାଳୀନତା ରକ୍ଷା କରିବା ଆବଶ୍ୟକ।



### ସରକାରୀ ଅଙ୍କୁଶ ଆବଶ୍ୟକ

**ସୌଦାମିନୀ ଷଡଙ୍ଗୀ**(ଶିକ୍ଷୟିତ୍ରୀ, ଫୁଲନଖରା, କଟକ)- ମୋବାଇଲ ଖୋଲିଲେ ପ୍ରଥମେ ଦେଖିବାକୁ ମିଳୁଛି ରିଲ୍ସ ଭିଡିଓ, ଯେଉଁଥିରେ ମହିଳାଙ୍କ ସଂଖ୍ୟା ବୋଧହୁଏ ସବୁଠୁ ଅଧିକ। କାରଣ ସହରଠୁ ଗାଁ ପର୍ଯ୍ୟନ୍ତ ବିଶେଷକରି ଗୃହିଣୀମାନେ ବର୍ତ୍ତମାନ ବହୁସଂଖ୍ୟାରେ ରିଲ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏହା କେତେଜଣଙ୍କ ପାଇଁ ଏବେ ଏମିତି ଏକ ନିଶା ପାଲଟିଛି ଯେ, ସେମାନେ ଘର କାମରେ ଅବହେଳା କରିବସୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ଦେଖାଦେଉଛି। କେହି କେହି ଭିଡିଓ ଆଳରେ ନିଜର କ'ଣ ଖାଇଲେ, କ'ଣ କିଣିଲେ, କୁଆଡ଼େ ଗଲେ ଭଳି ସବୁ ବ୍ୟକ୍ତିଗତ ତଥ୍ୟ ସୋସିଆଲ ମିଡିଆରେ ଦେଇ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ବି ହେଉଛନ୍ତି। ଖାଲି ଏତିକି ନୁହେଁ, ରିଲ୍ସ ଶୁଟିଂ କରିବା ବେଳେ କେହି କେହି ପାଣିରେ ଗୋଡ଼ ଖସି, ଟ୍ରେନ୍ ଧକ୍କାହୋଇ, ଛାତରୁ ଖସିପଡ଼ି ମୃତ୍ୟୁମୁଖରେ ପଡୁଥିବା ଖବର ବି ଶୁଣିବାକୁ ମିଳୁଛି। ତଥାପି ଅନେକେ ସୁଧୁରୁନାହାନ୍ତି। କେତେଜଣ ରିଲ୍ସ କରି ନିଜ ସହ ଅନ୍ୟମାନଙ୍କ ସମୟ ବି ନଷ୍ଟ କରୁଛନ୍ତି। ତେଣୁ ଯେଉଁମାନଙ୍କ ପାଖରେ କିଛି ଟ୍ୟାଲେଣ୍ଟ ଅଛି ସେମାନେ ରିଲ୍ସ କଲେ ଅସୁବିଧା ନାହିଁ ଅବା ଯେଉଁମାନେ ସମାଜ ପାଇଁ କିଛି ଉପାଦେୟ ଭିଡିଓ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ। ହେଲେ ଯେଉଁମାନେ ଲାଇକ୍, କମେଣ୍ଟ କିମ୍ବା ରୋଜଗାର ନିଶାରେ ଏଣୁତେଣୁ ବିଶେଷକରି ଅଶ୍ଳୀଳ ଭିଡିଓ ପୋଷ୍ଟ କରୁଛନ୍ତି ସେମାନଙ୍କ ପାଇଁ ସରକାରୀ ଅଙ୍କୁଶ ଲାଗୁହେବା ନିହାତି ଦରକାର।










ସୌନ୍ଦର୍ଯ୍ୟ

# କାକୁଡ଼ି ଦେବ ସନ୍‌ବର୍ନରୁ ମୁକ୍ତି

ଖରାଦିନେ ପ୍ରଖର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ତ୍ୱଚା କଳା ପଡ଼ିବା ବା ଟ୍ୟାନ୍ ସମସ୍ୟା ଦେଖାଦେଇଥାଏ। ଏଥିପାଇଁ ଅନେକେ ବ୍ୟସ୍ତହୋଇ ବିଭିନ୍ନ ବ୍ୟୁଟି ଟ୍ରିଟ୍‌ମେଣ୍ଟ କରାଇବାକୁ ବି ପଛାନ୍ତି ନାହିଁ। ହେଲେ ଜାଣନ୍ତି କି, କାକୁଡ଼ି ବ୍ୟବହାରକରି ଏହି ସମସ୍ୟାର ସମାଧାନ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...





- କାକୁଡ଼ି ଖରାଦିନେ ସବୁଠୁ ବେଷ୍ଟ ଟୋନର ଭାବେ କାମ କରିଥାଏ। କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହି ରସକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ କିମ୍ବା ତୁଳାରେ ନେଇ ମୁହଁରେ ଲଗାନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।
- କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡକରି ସେଥିରେ ଅଳ୍ପ ଓଟ୍‌ମିଲ୍ ପାଉଡର ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି ସବୁଠୁ ଭଲ ଉପାୟ।
- ମୁହଁକୁ ଭଲ ଭାବେ ଧୋଇ ପୋଛିଦିଅନ୍ତୁ। କାକୁଡ଼ିକୁ ପତଳା ସ୍ଲାଇସ୍ କରି ମୁହଁ ଏବଂ ଆଖି ଉପରେ ୧୦- ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏପରି କରିବା ଦ୍ୱାରା କଳାଦାଗ ସହଜରେ ଦୂର ହୋଇଥାଏ।
- କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରିଦିଅନ୍ତୁ। ସେଥିରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ କିଛି ପୋଦିନା ପତ୍ରକୁ ମିଶାଇ ଭଲ ଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାର ଗ୍ଲୋ ବଢ଼ାଇଥାଏ।

ଖାଦ୍ୟରୁଚି

# କଞ୍ଚା ଆମ୍ବ ସୁପ୍

**ଆବଶ୍ୟକ ସାମଗ୍ରୀ:** ୧ କେଜି କଞ୍ଚା ଆମ୍ବ, ଛୋଟ କଟା ଅଦା ୩ ବଡ଼ ଚାମଚ, ସୁଣ୍ଠି ପାଉଡର ୧ ଚାମଚ, ପୋଦିନା ପତ୍ର ୪ ବଡ଼ ଚାମଚ, ଚିନି ୨-୩ ବଡ଼ ଚାମଚ, ଗୋଲମରିଚ ଗୁଣ୍ଡ, ଜିରାଗୁଣ୍ଡ ଅଧା ଛୋଟ ଚାମଚ, କଳାଲୁଣ ଅଧା ଛୋଟ ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଛୋଟ ଚାମଚ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଆମ୍ବ ଚୋପା ଛଡ଼ାଇ ଏହାକୁ ଛୋଟ ଛୋଟ କାଟି ଦିଅନ୍ତୁ। ଏହାକୁ ପାଣିରେ ଅଦା ପକାଇ ସିଝାନ୍ତୁ। ସିଝିବା ପରେ ଏହାକୁ କାଢ଼ି ଗ୍ରାଇଣ୍ଡ କରି ଦିଅନ୍ତୁ। ମନେ ରଖନ୍ତୁ, ଯେପରି ଏହା ଅଧିକ ବହଳିଆ କିମ୍ବା ପାଣିଆ ନ ହୁଏ। ସେଥିରେ ଚିନି, କଳାଲୁଣ, ଗୁଜୁରାତି ଗୁଣ୍ଡ, ଜିରାଗୁଣ୍ଡ, ଗୋଲମରିଚ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଏବଂ ପୁଦିନା ପତ୍ର ପକାଇ ଗୋଳାନ୍ତୁ। ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହେବା ପରେ ପରିବାର ଲୋକଙ୍କୁ ଏହି ଟେଷ୍ଟି ମ୍ୟାଙ୍ଗୋ ସୁପ୍ ପିଇବାକୁ ଦିଅନ୍ତୁ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୯/୨୦୨୪ Bhubaneswar, Tuesday, March 19/ 2024

# ଦେବାଶିଷ ଷ୍ଟ୍ରଙ୍ଗମ୍ୟାନ, ସ୍ୱାଗତିକା ଷ୍ଟ୍ରଙ୍ଗ୍‌ଓମେନ

ଭୁବନେଶ୍ୱର, ୧୮।୩
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ୩୦ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଦେବାଶିଷ ମହାନ୍ତି ଷ୍ଟ୍ରଙ୍ଗମ୍ୟାନ ଓ ସ୍ୱାଗତିକା ଖଟେଇ

**ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ**

ଷ୍ଟ୍ରଙ୍ଗଓମେନ ବିବେଚିତ ହୋଇଛନ୍ତି। ୨୭ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ପାଇ ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଛି। ୯ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ କୋରାପୁଟ ରନରଅପ୍ ହୋଇଛି। ପଦକ ତାଲିକାରେ ସୁନ୍ଦରଗଡ଼, କଟକ, ରାୟଗଡ଼ା, ମୟୂରଭଞ୍ଜ, ଅନୁଗୋଳ, ବାଲେଶ୍ୱର, ନୟାଗଡ଼, ନବରଙ୍ଗପୁର, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର ଓ ଯାଜପୁର ଯଥାକ୍ରମେ ୩ରୁ ୧୪ଶ ସ୍ଥାନରେ ରହିଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ବିଭିନ୍ନ ବର୍ଗ ଓ ଓଜନ ବିଭାଗ ପ୍ରତିଯୋଗିତାରେ ଖୋର୍ଦ୍ଧାର ଅମ୍ଲାନ ମହାନ୍ତି, ରାମଚନ୍ଦ୍ର ରଥ, ଚଞ୍ଚଳ ବଂଶଲ, ଅନନ୍ୟା ଆନନ୍ଦିତା ଗିରି, ଦିବ୍ୟଲେଖା ମିଶ୍ର, ଶର୍ମିଷ୍ଠା ସେନାପତି, ରିଶିତା ସାମଲ, ରାଜସ୍ମିତା ସାହୁ, ଗୀତାଞ୍ଜଳି ନାୟକ, ପ୍ରଗତି ସାହୁ, ନଗ୍‌ମା ଆରା ବେଗମ୍, ସତ୍ୟଜିତ ପ୍ରତିହାରୀ, ପ୍ରଜ୍ୱଳ ପଟ୍ଟନାୟକ, ଏସ.କେ. ପରଭେଜ ମୁଶାରଫ, ରଶ୍ମିତା ମହାରଣା, ଶ୍ରାବଣୀ ଜେନା, ସ୍ୱାଗତିକା ଖଟେଇ ଓ ଖୁସ୍‌ବୁ ଧନ୍ଦାନିଆ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି କୋରାପୁଟର ମୌସୁମୀ ତିର୍କୀ, ମାଇକେଲ ମଣ୍ଡିଆ, ଜେରାମ ତୁର୍କୁ, ରୋହିତ ପାତ୍ରୋ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ର ମନୀଷା ସାହୁ, ଆକାଂକ୍ଷା ପରିଡ଼ା, ପ୍ରିୟବ୍ରତ ବିଷୋୟୀ, ପ୍ରତିଷ୍ଠା ସିଂ, ମମତା ହାଡିପା ଓ ରବିନା ସିଂ, ମୟୂରଭଞ୍ଜର ସୌମ୍ୟପ୍ରଭା ଟୁଡୁ, ଧରିତ୍ରୀ ମହନ୍ତ, ପ୍ରଭାତି ସିଂ ଓ ଦେବୀ ସିଂ, କଟକର ସୁଶ୍ରୀ ମହାପାତ୍ର ଓ କପିଳେନ୍ଦ୍ର ସାମଲ, ରାୟଗଡ଼ାର ଅଶ୍ୱିନ କୁମାର ନାୟକ ଓ ଦମୟନ୍ତୀ ବଡ୍ରିଆ, ଅନୁଗୋଳର ସୁଚିତ୍ରା ବେହେରା ଓ ନିୟତି ବର୍ମନ ନାୟକ ଏବଂ ବାଲେଶ୍ୱରର ରୀତା ସିଂ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଓଡ଼ିଶାର ଅମିତଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୮।୩
(ତପନ ସ୍ୱାଇଁ)

**ସର୍ବଭାରତୀୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ 'ମିଷ୍ଟର ଇଣ୍ଡିଆ' ପ୍ରତିଯୋଗିତା**

ପଞ୍ଜାବର ଲୁଧିଆନାଠାରେ ୧୫ଶ ସର୍ବଭାରତୀୟ ସିନିୟର ମହିଳା ଓ ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ 'ମିଷ୍ଟର ଇଣ୍ଡିଆ-୨୦୨୪' ପ୍ରତିଯୋଗିତା ଗତ ୧୬ ଓ ୧୭ ତାରିଖରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ଏକ ୧୨ ଜଣିଆ ପ୍ରତିଯୋଗୀ ଦଳ ଅଂଶଗ୍ରହଣ କରିଥିଲା। ଏଥିରେ ଉମାଚରଣ ଶତପଥୀ ମ୍ୟାନେଜର, ରାଜେଶ ବାବୁ ଆଚାରୀ ପ୍ରଶିକ୍ଷକ ଓ ଅଜୟ କୁମାର ମହାପାତ୍ର ଜାତୀୟ ବିଚାରକ ଭାବେ ସାମିଲ ଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ୭୦ କେଜି ଓଜନ ବର୍ଗରେ ଓଡ଼ିଶାର ଅମିତ କୁମାର ଭୂୟାଁ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକଲାଭ କରିଛନ୍ତି। ଅମିତ ଏହା ପୂର୍ବରୁ ୨୦୨୨ ସର୍ବଭାରତୀୟ ଫେଡେରେଶନ କପ୍‌ରେ ସ୍ୱର୍ଣ୍ଣ, ୨୦୨୩ ଏସିଆନ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର ୭୦ କେଜି ବର୍ଗରେ ସ୍ୱର୍ଣ୍ଣ ଏବଂ ୱାର୍ଲ୍ଡ ବଡିବିଲ୍ଡିଂ ପ୍ରତିଯୋଗିତାରେ ୩ୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶାକୁ ଗୌରବାନ୍ୱିତ କରିଥିଲେ। ତାଙ୍କର ଏହି ସଫଳତା ଯୋଗୁ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଅମିତ କୁମାର ଭୂୟାଁ।

# ସେକ୍ରେଟାରିଏଟ୍ କର୍ପୋରେଟ୍ କପ୍ ଟେନିସ ବଲ୍ କ୍ରିକେଟ ୨୩ରୁ

ଭୁବନେଶ୍ୱର, ୧୮।୩
(ବିଜୟ ରଣା)

ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ସେକ୍ରେଟାରିଏଟ୍ କର୍ପୋରେଟ୍ କପ୍ ଟେନିସ ବଲ୍ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ମାର୍ଚ୍ଚ ୨୩ରୁ ୨୫ ଭାରତୀୟ ବିଦ୍ୟାଳୟ ଖେଳ ପଡ଼ିଆ ୟୁନିଟ୍-୯ରେ ଅନୁଷ୍ଠିତ ହେବ। ଏହା ଲଙ୍ଗ୍ ବାଉଣ୍ଡାରୀ, କଲର ଡ୍ରେସ୍ ଏବଂ ୱେଟ୍ ଟେନିସ ବଲ୍‌ରେ ଖେଳାଯିବ। ପ୍ରତିଯୋଗିତାରେ ସର୍ବାଧିକ ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ ଆରମ୍ଭ

ଭୁବନେଶ୍ୱର, ୧୮।୩
(ତପନ ସ୍ୱାଇଁ)

କଟକର ଜଗତପୁରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ) ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ପୂର୍ବତନ ସାଇ ଫୁଟବଲ କୋଚ୍ ଏବଂ କଟକ ସାଇ ଏସଟିସିର ସେଣ୍ଟର ଇନ୍‌ଚାର୍ଜ ସୁରଜିତ ଘୋଷ, ସାଇ ଏନ୍‌ସିଓଇର ସହକାରୀ ନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ, କିଟ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି, କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ହକି କୋଚ୍ ଅମୂଲ୍ୟାନନ୍ଦ ବିହାରୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱର ସହରର ଫୁଟବଲ ହକି, ଆଥଲେଟିକ୍ସ ଓ ଖୋ-ଖୋ ପ୍ରତିଭା ଅନ୍ୱେଷଣ କରାଯିବ। ୯ରୁ ୧୮ ବର୍ଷର ପାଖାପାଖି ୧୨୦୦ କ୍ରୀଡ଼ା ପ୍ରତିଭା ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତିମା ଅନ୍ୱେଷଣ କାର୍ଯ୍ୟକ୍ରମ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନୀତା ଏକାଡେମୀ, ଟାଟା ଷ୍ଟିଲ ବିଜୟୀ

ଭୁବନେଶ୍ୱର,୧୮।୩
(ସରୋଜ ଜେନା)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ମିଳିତ ଭାବେ ଆରମ୍ଭ ହୋଇଛି ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍। ସୋମବାର କଟକସ୍ଥିତ ସେକ୍ଟର-୭ ଫୁଟବଲ ଗ୍ରାଉଣ୍ଡରେ ଏହାର ଉଦ୍‌ଘାଟନୀ ସମାରୋହ ସମାପନ ହୋଇଛି। ସାଇ ଏସ୍‌ଟିସି ସହକାରୀ ନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଗୀତାଞ୍ଜଳି ଖୁଣ୍ଟିଆ ସମ୍ମାନିତ ଅତିଥି

**ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍**

ଭାବରେ ଯୋଗଦେଇଥିଲେ। ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବା ବେଳେ ନୀତା ଫୁଟବଲ ଏକାଡେମୀ ଓ ଟାଟା ଷ୍ଟିଲ ଫାଉଣ୍ଡେସନ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ନୀତା ଏକାଡେମୀ ୮-୧ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି। ପ୍ରିୟାଶା ସରକାର ୨, ୧୮,୨୫, ୩୮ ଓ ୪୭ ମିନିଟରେ ଏକାକୀ ୫ ଗୋଲ ଦେଇଥିବା ବେଳେ ଇପ୍ସିତା ରାଉତ ୬, କ୍ରିତି କିଶାନ ୩୫ ଓ ଶିଖା ମଲିକ ୫୯ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କିଶୋର କ୍ଲବ ପକ୍ଷରୁ ସଞ୍ଜନା ମାଝୀ ୪୩ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଟାଟା ଷ୍ଟିଲ ଫାଉଣ୍ଡେସନ ଜୋଡା ୧୦-୧ ଗୋଲରେ କାଜି ବଜାର ବାଳିକା ଉଚ୍ଚ ବିଦ୍ୟାଳୟକୁ ହରାଇଥିଲା। ଟାଟା ଷ୍ଟିଲ ପକ୍ଷରୁ ନୀତୁ ପାତ୍ରୋ ୪, ୧୫, ୨୨, ୨୮ ଓ ୫୫ ମିନିଟରେ ୫ଟି ଓ ପୁଷ୍ପା ମୁଣ୍ଡା ୨,୩, ୨୬ ଓ ୫୫ ମିନିଟରେ ୪ଟି ଗୋଲ ଦେଇଥିଲେ। ସଞ୍ଜୁ ମୁଣ୍ଡା ୩୦ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। କାଜି ବଜାର ପକ୍ଷରୁ ମେହିନ୍ ମେହବୁବ୍ ୧୬ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ।


ବଲ୍ ନିୟନ୍ତ୍ରଣକୁ ଆଣିବା ପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।


ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

# ଡବ୍ଲ୍ୟୁଏଫ୍‌ଆଇ ହାତକୁ କ୍ଷମତା ହସ୍ତାନ୍ତର

ନୂଆଦିଲ୍ଲୀ,୧୮।୩(ପି.ଟି.)

ସୋମବାର ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଗଠିତ ଆଡ୍ ହକ୍ କମିଟିକୁ ଭାଙ୍ଗି ଦେଇଛି ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ)। ଏହା ସହ ଡବ୍ଲ୍ୟୁଏଫ୍‌ଆଇ ପୁନର୍ବାର ପରିଚାଳନା ଭାର ଗ୍ରହଣ କରିବା ସ୍ପଷ୍ଟ ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଅଲିମ୍ପିକ୍ସ ଟ୍ରାଏଲ୍ସ ସଫଳତାର ସହ ସମାପନ ହେବା ପରେ ଆଡ୍ ହକ୍ କମିଟିକୁ ଭାଙ୍ଗି ଦିଆଯାଇଛି। ଡିସେମ୍ବର ମାସରେ ଅଣ ସାମ୍ବିଧାନିକ କାର୍ଯ୍ୟ କାରଣରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କରାଯାଇଥିଲା। ପରେ ଆଇଓଏ ପକ୍ଷରୁ ଏକ ୩ ଜଣିଆ ଆଡ୍ ହକ୍ ପ୍ୟାନେଲ୍ ଗଠନ କରାଯାଇ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରାଯାଉଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଏହି କମିଟି ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଟ୍ରାଏଲ୍ସ କରିଥିଲେ। ଡବ୍ଲ୍ୟୁଏଫ୍‌ଆଇରେ ସଞ୍ଜୟ ସିଂଙ୍କ ସଭାପତିତ୍ୱକୁ ବିରୋଧ କରୁଥିବା ଭିନେଶ ଫୋଗଟ ଓ

**ଆଡ୍ ହକ୍ କମିଟି ଭାଙ୍ଗିଲା ଆଇଓଏ**

ବଜରଙ୍ଗ ପୁନିଆ ଏହି ଟ୍ରାଏଲ୍ସରେ ଅଂଶଗ୍ରହଣ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଭିନେଶ ୫୩ କେଜିରେ ପରାସ୍ତ ହୋଇଥିବା ବେଳେ ୫୦ କେଜି ବର୍ଗରେ ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ବଜରଙ୍ଗ ପରାଜିତ ହୋଇ ଯୋଗ୍ୟତା ଅର୍ଜନ କରି ପାରି ନ ଥିଲେ।

# ଅଷ୍ଟ୍ରେଲିଆ ଟୁର୍ ପାଇଁ ହରମନପ୍ରୀତ୍‌ଙ୍କୁ ନେତୃତ୍ୱ

ନୂଆଦିଲ୍ଲୀ, ୧୮।୩ (ପି.ଟି.)

ଭାରତୀୟ ପୁରୁଷ ହକି ଦଳ ଅଷ୍ଟ୍ରେଲିଆରେ ୫ମ୍ୟାଚ ବିଶିଷ୍ଟ ହକି ଟେଷ୍ଟ ସିରିଜ ଖେଳିବ। ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂ ୨୭ ଜଣିଆ ଶକ୍ତିଶାଳୀ ଭାରତୀୟ ଦଳର ନେତୃତ୍ୱ ନେବେ। ବର୍ତ୍ତମାନ ଭୁବନେଶ୍ୱରରେ ଟ୍ରେନିଂ ନେଉଥିବା ସମ୍ଭାବ୍ୟ କୋର୍ ଗ୍ରୁପ୍‌ର ପ୍ରାୟ ସମସ୍ତ ଖେଳାଳିଙ୍କୁ ଏଥିରେ ସ୍ଥାନ ମିଳିଛି। ଭାରତ ଏପ୍ରିଲ ୧ରେ ଅଷ୍ଟ୍ରେଲିଆ ଗସ୍ତ କରିବ। ଦଳ ଏହାର ଓପନିଂ ଗେମ୍ ଏପ୍ରିଲ ୬ରେ ଖେଳିବ। ଅନ୍ୟଗୁଡ଼ିକ ୭, ୧୦, ୧୨ ଓ ୧୩ ତାରିଖରେ ଖେଳିବ। ସମସ୍ତ ମ୍ୟାଚ ପର୍ଥରେ ଖେଳାଯିବ। ଚଳିତବର୍ଷ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଦେଶ ବିପକ୍ଷରେ ଏହି ଟୁର୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହି ଟୁର୍ ଅଲିମ୍ପିକ୍ସ ପାଇଁ ୧୬ ଜଣିଆ ଦଳ ବାଛିବା କ୍ଷେତ୍ରରେ ଫଲ୍‌ଟନଙ୍କୁ ବିଶେଷ ସହାୟକ ହେବ। ଏହାପରେ ଭାରତ ମେ ମାସରେ ବେଲଜିୟମ ପର୍ଯ୍ୟାୟ ପ୍ରୋ-ଲିଗ୍ ଖେଳିବ। ଖେଳାଳି ଚୟନ ଲାଗି ଫଲ୍‌ଟନଙ୍କ ଲାଗି ଏହା ଆଉ ଏକ ବିକଳ୍ପ ରହିଛି। ସୂଚନାଯୋଗ୍ୟ, ପୁରୁଷ ଜାତୀୟ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ମାର୍ଚ୍ଚ ୧୧ରେ ୨୮ ଜଣିଆ କୋର୍ ସମ୍ଭାବ୍ୟ ତାଲିକା ପ୍ରକାଶ କରିଥିଲା। ସେମାନଙ୍କ ମଧ୍ୟରୁ ୨୭ଜଣ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ଦଳରେ ସ୍ଥାନ ପାଇଛନ୍ତି। କେବଳ ମିଡ୍‌ଫିଲ୍ଡର ରବିଚନ୍ଦ୍ର ସିଂ ମୋଇରାଙ୍ଗ ଥେମ୍ ସମ୍ଭାବ୍ୟ ତାଲିକାରୁ ବାଦ୍ ପଡ଼ିଛନ୍ତି। ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ପୂର୍ବଭଳି ହରମନପ୍ରୀତ୍‌ଙ୍କ ଡେପୁଟି ରହିବେ। ଦଳରେ ୩ଜଣ ଗୋଲ୍‌କିପର ପି.ଆର୍. ଶ୍ରୀଜେସ୍, କ୍ରିଶନ ବାହାଦୁର ଓ ସୁରଜ କାରକେରା ମଧ୍ୟ ସ୍ଥାନ ପାଇଛନ୍ତି। ପ୍ୟାରିସରେ ପୋଡିୟମ ଫିନିଶ କରିବ ବୋଲି ଆଶା କରାଯାଉଥିବା ଅଷ୍ଟ୍ରେଲିଆ ଭଳି ଦଳ ବିପକ୍ଷରେ ଏହି ସିରିଜ ଆମ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ଫଲ୍‌ଟନ କହିଛନ୍ତି।

ଗଣ୍ଠି ବ୍ୟଥା ପାଇଁ ନୂଆ ନୂଆ ପ୍ରୟୋଗ କରିବା ଛାଡ଼ନ୍ତୁ
ସବୁଠାରୁ ବିଶ୍ୱସନୀୟ ଡା.ଅର୍ଥୋ ତେଲକୁ ଆପଣାନ୍ତୁ
Dr. Juneja's
ଡା.ଅର୍ଥୋ®
Ayurvedic Oil, Capsules, Spray & Ointment
ଆପଣ ଜାଣନ୍ତି କି? ଭଲ ପରିଣାମ ପାଇଁ ଡା.ଅର୍ଥୋ ତେଲକୁ ଜାନୁ ବସ୍ତି ଥେରାପିରେ ବ୍ୟବହାର କରିବାର ଉପାୟ
ଜାନୁ ବସ୍ତି ଥେରାପି କ'ଣ
ଏମିତି ତ ଆଣ୍ଠୁ ବ୍ୟଥାର ଉପଚାର ପାଇଁ ଅନେକ ପ୍ରକାର ଔଷଧ, ଥେରାପି ଏବଂ ସର୍ଜରିର ବିକଳ୍ପ ରହିଛି, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜାନୁ ବସ୍ତି ଥେରାପି, ଯାହାକି ବିଶେଷ ରୂପେ ଆଣ୍ଠୁରେ ହେଉଥିବା ବ୍ୟଥାର ସମସ୍ୟାକୁ ଠିକ୍ କରିବାରେ ସହାୟତା କରିଥାଏ ।
ଜାନୁ ବସ୍ତି ଥେରାପି କେମିତି କରାଯିବା ଉଚିତ
ଏହି ଥେରାପି କରିବା ପାଇଁ ରୋଗୀଙ୍କୁ ସିଧାକରି ଶୁଆଇ ଦିଆଯାଏ । ତା'ପରେ ବେସନ ବା ଚଣା ଅଟାକୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ମିଶାଇ ଚକଟି ଦିଅନ୍ତୁ, ଆଣ୍ଠୁ ଚାରିପଟେ ଚକଟା ଅଟାର ମୋଟା ପ୍ରାଚୀର ତିଆରି କରନ୍ତୁ । ଏହା ପରେ ଡା.ଅର୍ଥୋ ଆୟୁର୍ବେଦ ତେଲକୁ ସେଥିରେ ଯଥେଷ୍ଟ ମାତ୍ରାରେ ଭରିଦିଅନ୍ତୁ । ରୋଗୀ ସ୍ଥିର ରହିବେ ଏବଂ 15ରୁ 20 ମିନିଟ୍ ଯାଏଁ ଡା.ଅର୍ଥୋ ତେଲ ସେହିଭଳି ଭରି ହୋଇ ରହିବାକୁ ଦିଅନ୍ତୁ । ଭଲ ପରିଣାମ ପାଇଁ ଏହି ତେଲକୁ ପୁନର୍ବାର ପ୍ରୟୋଗ କରନ୍ତୁ ନାହିଁ ବରଂ ନୂଆ ତେଲ ବ୍ୟବହାର କରନ୍ତୁ ।
ଜାନୁ ବସ୍ତି ଥେରାପି କେମିତି କାମ କରିଥାଏ
ଆୟୁର୍ବେଦରେ ତେଲକୁ ବାତଦୋଷ ଶାନ୍ତ କରିବା ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିବେଚନା କରାଯାଇଥାଏ । ଏହା ବାତ ଦୋଷ କାରଣରୁ ସୃଷ୍ଟି ହେଉଥିବା ଗଣ୍ଠି ସମ୍ବନ୍ଧୀୟ କଷ୍ଟକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହି ପଦ୍ଧତିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲକୁ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଠୁ ଉପରେ ସ୍ଥିର କରି ରଖାଯାଇଥାଏ ଏବଂ ଏହାଦ୍ୱାରା ଏହି ତେଲ ଆଣ୍ଠୁର ତନ୍ତୁରେ ପ୍ରବେଶକରି ଗତିଶୀଳତାକୁ ବଢ଼ାଇବାରେ ସହାୟତା କରିଥାଏ । ବାରମ୍ବାର ଏହାକୁ କରାଗଲେ ଗଣ୍ଠିର ତନ୍ତୁକୁ ଶକ୍ତି ମିଳିଥାଏ । ଏହି ପ୍ରକ୍ରିୟା ପ୍ରତି ସପ୍ତାହରେ ଏକରୁ ଦୁଇଥର କରାଯାଇପାରିବ ।


24x7 Helpline: 78769 77777 | www.drorthooil.com
Available at all medical & general stores

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ